

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୩ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 SEPTEMBER 2021

Vol.No. 32 ■ No. 235 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୂର୍ତ୍ତି ଉଚ୍ଚତାକୁ ନେଇ ବିଜେଡି-ବିଜେଡି ମୁହାଁମୁହିଁ

### ୧୨ ଘଣ୍ଟିଆ କଟକ ବନ୍ଦ ଡାକରା ଦେଲା ବିଜେପି



କଟକ,୧୨/୦୯(ନି.ପ୍ର): ମୂର୍ତ୍ତି ଉଚ୍ଚତାକୁ ନେଇ ଦୁଇ ଭାଗ ହୋଇଛନ୍ତି କଟକର ବିଜେଡି ନେତା । ଉଚ୍ଚତା କମିଲେ ପୂଜାରେ ବିଘ୍ନ ହେବ ବୋଲି କଟକ ଶାନ୍ତି କମିଟି ବୈଠକରେ ଭର୍ତ୍ତୃହରି ମହତାବ କହିବା ପରେ ଏହାକୁ କାଉଣ୍ଟର କରିଛନ୍ତି ବିଜେଡିର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ । ସାଂସଦଙ୍କ ବୟାନ ସହରରେ ଅଶାନ୍ତି ସୃଷ୍ଟି କରିବ ବୋଲି ମତ ଦେଇଛନ୍ତି ଦେବାଶିଷ । ତେବେ ସଂକ୍ରମଣ ବଢ଼ିଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି । ପାର୍ବଣରେ ଦେବୀ ମୂର୍ତ୍ତି ଉଚ୍ଚତା କଟକଣାକୁ ସରକାର ବଳବତ୍ତର ରଖିବା ପରେ ଶନିବାର ଦିନ କଟକରେ ଶାନ୍ତି କମିଟି ବୈଠକ ହୋଇଥିଲା । ଏହି ବୈଠକରେ ବି ମୂର୍ତ୍ତି ଉଚ୍ଚତାକୁ ନେଇ କଥା କଟାକଟି ହୋଇଥିଲା, ଶାନ୍ତି କମିଟି ବୈଠକରେ ଅଶାନ୍ତି ସୃଷ୍ଟି ହୋଇଥିଲା । ତେବେ ମୂର୍ତ୍ତି ଉଚ୍ଚତା ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିବାକୁ ନିଷ୍ପତ୍ତି ହୋଇଛି । ସରକାର ନିଷ୍ପତ୍ତି ନ ବଦଳାଇଲେ ପୁଣି ଥରେ ଶାନ୍ତି କମିଟି ବୈଠକ ବସିବ ବୋଲି କୁହାଯାଇଛି । ଏହି ପ୍ରସଙ୍ଗରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, କରୋନା ଲଢ଼େଇରେ ନିର୍ଣ୍ଣାୟକ ମୋଡରେ ପହଁଚିଛୁ । ମୂର୍ତ୍ତି ଉଚ୍ଚତାକୁ ନେଇ ବିବାଦ ସୃଷ୍ଟି ନକରି ଆପୋଷ ସମାଧାନ କରିବା ଆବଶ୍ୟକ ବୋଲି କହିଛନ୍ତି ସୌମ୍ୟରଞ୍ଜନ । ଅନ୍ୟପଟେ ମୂର୍ତ୍ତି ଉଚ୍ଚତା କଟକଣା ପ୍ରତିବାଦରେ ସୋମବାର ୧୨ ଘଣ୍ଟିଆ କଟକ ବନ୍ଦ ଡାକରା । କଟକ ମହାନଗର ବିଜେପି ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ । ମାଲଗୋଦାମ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ଆହ୍ୱାନ ଦେଇଛି ବିଜେପି । ହାଇକୋର୍ଟଙ୍କୁ ବନ୍ଦ ପାଳନରେ ସାମିଲ ହେବାକୁ ନିବେଦନ କରାଯାଇଛି । ତେବେ ଜରୁରୀକାଳିନ ସେବାକୁ ବନ୍ଦରୁ ବାଦ ଦିଆଯାଇଛି । ବନ୍ଦ ସମୟରେ ରାସ୍ତାରୋକ କରାଯିବ ନାହିଁ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ମୂର୍ତ୍ତି ଉଚ୍ଚତା ବୃଦ୍ଧି ନେଇ କଟକରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ୧୬ ତାରିଖ ମଧ୍ୟରେ ସରକାର ନିଷ୍ପତ୍ତି ନବଦଳାଇଲେ, ପୂଜା କମିଟି କି ପଦକ୍ଷେପ ନେବ, ତା' ଉପରେ ରହିଛି ସମସ୍ତଙ୍କ ନଜର ।

## ପ୍ରବଳ ବର୍ଷାରେ ବୁଡିଲା ରାଜଧାନୀ





ଭୁବନେଶ୍ୱର,୧୨/୦୯(ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ୱେଲମାର୍କ ଲୋ ପ୍ରେସରରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଅଂଚଳରେ ଜାରି ରହିଛି ବର୍ଷା। । ରାଜ୍ୟ ରାଜଧାନୀରେ ଗତକାଲି ରାତିରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ରବିବାର ସକାଳୁ ପ୍ରବଳ ବର୍ଷା ହୋଇଛି। ମଧ୍ୟାହ୍ନ ପରେ ବର୍ଷାର ପରିମାଣ ବଢିବା ହେତୁ ଭୁବନେଶ୍ୱରର ବିଭିନ୍ନ ଅଂଚଳ ଜଳମଗ୍ନ ହୋଇଛି। ରାଜରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଛି। ଏପରିକି କିଛି ସ୍ଥାନରେ ରାସ୍ତା ଉପରେ ଯାନବାହାନ ବୁଡ଼ିଯାଇଥିଲା। ଫଳରେ କିଛି ଘଂଟା ପାଇଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ସକାଳ ୮ଟା ୩୦ରୁ ସଂଧ୍ୟା ୫ଟା ୩୦ ମଧ୍ୟରେ ପୁରୀରେ ସର୍ବାଧିକ ୧୪୫ ଓ ଭୁବନେଶ୍ୱରରେ ୧୧୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଆସନ୍ତା ୧୨ ଘଂଟା ମଧ୍ୟରେ ଲଘୁଚାପ ଅବପାତରେ ପରିଣତ ହେବାର ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ବର୍ଷାର ପରିମାଣ ବି ବଢ଼ିବ। ରବିବାର ସକାଳୁ ଭୁବନେଶ୍ୱର ଆକାଶରେ ଘନ କଳା ମେଘ ଛାଇ ରହିଥିଲା। ଦିନ ତମାମ ବର୍ଷା ଲାଗି ରହିଥିବା ବେଳେ ସମୟ ସମୟରେ ପ୍ରବଳ ବର୍ଷିଥିଲା। ବର୍ଷା ବଢିବା ସହ ରାଜଧାନୀର ତଳିଆ ଅଂଚଳରେ ପାଣି ପଶିବା ଆରମ୍ଭ ହୋଇଯାଇଥିଲା। ପୂର୍ବଭଳି ଇସ୍କନ ମନ୍ଦିର ସମ୍ମୁଖରେ କୃତ୍ରିମ ବନ୍ୟା ସ୍ଥିତି ଉପୁଜିଥିଲା। ଉକ୍ତ ରାସ୍ତା ଦେଇ ଯାଉଥିବା ବୋଲେରୋ ,ଟ୍ରାକ୍ଟର ଭାସିବାକୁ ଲାଗିଥିଲା। ଇସ୍କନ ସମ୍ମୁଖ ଜାତୀୟ ରାଜପଥରେ ଘଂଟା ଘଂଟା ଧରି ପାଣିର ପ୍ରବଳ ସୁଅ ଚାଲିଥିଲା । ସେହିପରି ରାଜଧାନୀର ବମିଖାଲ , ଲକ୍ଷ୍ମୀସାଗର , ନୟାପଲ୍ଲୀ, ପୁରୁଣା ଭୁବନେଶ୍ୱର , ରାଜମହଲ ଆଦି ଅଂଚଳରେ ରାସ୍ତା ଉପରେ ଅଂଟାଏ ପାଣି। ଘର, ଆପାର୍ଟମେଂଟ ଭିତରେ ବି ପାଣି ପଶିଯାଇଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଅଂଚଳ ଜଳବନ୍ଦୀ ହୋଇ ରହିଥିଲା।

## ଶ୍ରୀନଗରରେ ଆତଙ୍କୀ ଆକ୍ରମଣ, ଜଣେ ଯବାନ ଆହତ

ଜମ୍ମୁ,୧୨/୦୯ (ନି.ପ୍ର): ରବିବାର ଦିନ ଆତଙ୍କବାଦୀମାନେ ହଠାତ୍ ଶ୍ରୀନଗର ଜିଲ୍ଲାର ଖାନିଆର ଅଂଚଳରେ ଏକ ପୋଲିସ୍ ପାର୍ଟି ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି, ତାଙ୍କୁ ଡାକ୍ତରଖାନରେ ଭର୍ତି କରାଯାଇଛି । ଆତଙ୍କବାଦୀମାନେ ଆକ୍ରମଣ ପରେ ତୁରନ୍ତ ଘଟଣାସ୍ଥଳରୁ ପଳାଇଥିଲେ । ଆତଙ୍କବାଦୀଙ୍କୁ ଧରିବା ପାଇଁ ସୁରକ୍ଷାବାହିନୀ ସମଗ୍ର ଅଂଚଳକୁ କର୍ଡ଼ନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛି । ଶ୍ରୀନଗର ଜିଲ୍ଲାର ଖାନିଆ ଅଂଚଳରେ ପୋଲିସ କର୍ମଚାରୀ ମୂତୟନ ହୋଇଥିଲେ । ଏହି ସମୟରେ ସେଠାରେ ଲୁଚି ରହିଥିବା ଆତଙ୍କବାଦୀମାନେ ହଠାତ୍ ପୋଲିସ ଟିମ୍ ଉପରେ ଗୁଳି ଚଳାଇବା ଆରମ୍ଭ କରିଥିଲେ ଯେଉଁଥିରେ ଜାମ୍ମୁ କାଶ୍ମୀର ପୋଲିସ କର୍ମଚାରୀ ଆର୍ଶଦ ଅହମ୍ମଦ ଆହତ ହୋଇଥିଲେ । ଏହି ଘଟଣା ଘଟାଇବା ପରେ ଆତଙ୍କବାଦୀମାନେ ସେଠାରୁ ପଳାଇଯାଇଥିଲେ । ଗୁଳିର ଶବ୍ଦ ଶୁଣି ନିକଟସ୍ଥ ସୁରକ୍ଷାବାହିନୀ ଏବଂ ଯବାନମାନେ ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲେ । ଆହତ ଯବାନଙ୍କୁ ତୁରନ୍ତ ଚିକିତ୍ସାପାଇଁ ହସ୍ପିଟାଲରେ ଭର୍ତି କରାଯାଇଥିଲା ।

▶▶ପୃଷ୍ଠା ୭

## ଡେଲିଭରି ବୟଙ୍କୁ ଅପହରଣ : ମିଳିଲା ଗଞ୍ଜି, ପର୍ସ ଆଉ ଚପଲ



ଭୁବନେଶ୍ୱର,୧୨/୦୯(ନି.ପ୍ର): ରାଜଧାନୀରେ ଡେଲିଭରି ବୟଙ୍କୁ ଅପହରଣ । ଗତକାଲି ରାତିରେ ଘରକୁ ଫେରୁଥିବା ସମୟରେ ଜଣେ ଡେଲିଭରି ବୟଙ୍କୁ ଅପହରଣ ହୋଇଥିବା ନେଇ ଧଉଳି ଥାନାରେ ଅଭିଯୋଗ ହୋଇଛି। ତେବେ ସେପଟେ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ପୋଲିସ । ଏହି ଘଟଣାରେ ଯୁବକଙ୍କୁ ରାତି ତମାମ ଖୋଜିବା ସହ ବିଭିନ୍ନ ସ୍ଥାନରେ ଛାନଭିନ କରିଥିଲା ପୋଲିସ । ଆଉ ଲିଙ୍ଗିପୁର ଅଞ୍ଚଳରୁ ଆଜି ଗଞ୍ଜି, ଛୁରୀ, ପର୍ସ ଓ ଚପଲ ଜବତ ହୋଇଛି । ନଦୀବନ୍ଧରୁ ମିଳିଛି ଅପହୃତ ଡେଲିଭରି ବଏଙ୍କ ଗଞ୍ଜି, ପର୍ସ ଆଉ ଚପଲ। ଅପହରଣ ହୋଇଥିବା ଯୁବକ ଜଣଙ୍କ ହେଲେ ଭୁବନେଶ୍ୱର ଧଉଳି ଥାନା ନୂଆ ଗାଁର ପତିତପାବନ ପୃଷ୍ଟି । ସେ ଫୁଡ଼ ଡେଲିଭରୀ ବୟ ଭାବେ କାମ କରନ୍ତି । ଗତକାଲି ରାତିରେ ଘରକୁ ଫେରୁଥିବା ସମୟରେ ସୁନ୍ଦରପଦା- ସାଂପୁର ରାସ୍ତାରୁ ପତିତପାବନଙ୍କୁ କିଛି ଯୁବକ ଅପହରଣ କରିଥିବା ସ୍ତ୍ରୀଙ୍କୁ ଭଏସ ରେକର୍ଡ଼ିଂ କରି ପଠାଇଥିଲେ । ପରେ ରାତି ୧୧ଟା ପରଠୁ ଫୋନ ସ୍ୱିଚ୍ଅଫ ଥିବା ପରେ ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ । ଅଭିଯୋଗ ପରେ

▶▶ପୃଷ୍ଠା ୭

## ପୁଅ ସହ ମିଶି ଗ୍ରାହକଙ୍କୁ ଛେଚିଲେ ହୋଟେଲ୍ ମାଲିକ

ଆନନ୍ଦପୁର,୧୨/୦୯(ନି.ପ୍ର): ହୋଟେଲ ମାଲିକଙ୍କ ଦବଙ୍ଗଗିରି। ୫ ଟଙ୍କା ପାଇଁ ପୁଅ ସହ ମିଶି ଜଣେ ଗ୍ରାହକଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଛନ୍ତି। ଆଉ ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଅମାନବୀୟ ଘଟଣାଟି ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ଘସିପୁରା ଥାନା ଅନ୍ତର୍ଗତ ଘସିପୁରା ବଜାରରେ। ଅଭିଯୋଗ ଅନୁଯାୟୀ, ଘସିପୁରା ଲକ୍ଷ୍ମୀ ବଜାରରେ ଥିବା ଏକ ହୋଟେଲକୁ ଗ୍ରାହକ ଜଣଙ୍କ ଗତକାଲି ମଧ୍ୟାହ୍ନରେ ଖାଇବାକୁ ଯାଇଥିଲେ। ଖାଇବା ପରେ ମାଲିକ ୪୫ଟଙ୍କା ଦେବାକୁ ତାଙ୍କୁ କହିଥିଲେ। ହେଲେ ଗ୍ରାହକ ଜଣଙ୍କ ୪୦ଟଙ୍କା ଦେଇ ବାକି ଟଙ୍କା ପଛରେ ଦେବେ ବୋଲି କହିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ପରେ ହୋଟେଲ ମାଲିକ ଓ ତାଙ୍କ ପୁଅ ମିଶି ଉକ୍ତ ଗ୍ରାହକଙ୍କୁ ସର୍ବସମ୍ମୁଖରେ ନିର୍ଦ୍ଧୁମ ପିଟିଥିଲେ। ଗ୍ରାହକ ଜଣଙ୍କ ଏନେଇ ଘସିପୁରା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ହୋଟେଲ୍ ମାଲିକଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଅଭିଯୁକ୍ତ ତାଙ୍କ ପୁଅ ଏଯାଏଁ ଧରାପଡ଼ି ନଥିବା ଜଣାଯାଇଛି।

## ଭୁପେନ୍ଦ୍ର ପଟେଲ ହେବେ ଗୁଜୁରାଟର ନୂଆ ମୁଖ୍ୟମନ୍ତ୍ରୀ



ଗାନ୍ଧୀନଗର/ଅହମ୍ମଦାବାଦ,୧୨/୦୯ (ନି.ପ୍ର): ବିଜୟ ରୂପାଣୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ୨୪ ଘଂଟା ମଧ୍ୟରେ ଗୁଜୁରାଟ ସରକାରଙ୍କ ପରବର୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମ ସ୍ଥିର ହୋଇଛି । ପ୍ରଥମ ଥର ପାଇଁ ବିଧାୟକ ଭୁପେନ୍ଦ୍ର ପଟେଲ ସର୍ବସମ୍ମତିକ୍ରମେ ଏହି ପଦ ପାଇଁ ନିର୍ବାଚିତ ହୋଇଛନ୍ତି । ନୂଆ ନାମ ଚୟନରେ ବିଜେପି ପୁଣି ଥରେ ଆଶ୍ଚର୍ଯ୍ୟ ହୋଇଯାଇଥିଲା, କାରଣ ମୁଖ୍ୟମନ୍ତ୍ରୀ ପଦ ପାଇଁ ସମ୍ଭାବ୍ୟ ପ୍ରତିଦ୍ୱନ୍ଦୀମାନଙ୍କ ମଧ୍ୟରେ ଭୂପେନ୍ଦ୍ର ପଟେଲଙ୍କ ନାମ ମଧ୍ୟ ଥରେ ଦେଖାଯାଇନଥିଲା । ବିଜେପି ବିଧାନସଭା ପାର୍ଟି ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭବରେ ଉପସ୍ଥିତ ଥିବା କେନ୍ଦ୍ର ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଦ୍ୱାରା ପଟେଲଙ୍କ ନାମ ଘୋଷଣା କରାଯାଇଥିଲା । ତୋମର କହିଛନ୍ତି ଯେ, ବିଧାନସଭା ପାର୍ଟି ବୈଠକରେ କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ଭୂପେନ୍ଦ୍ର ପଟେଲଙ୍କ ନାମ ପ୍ରସ୍ତାବ ଦେଇଥିଲେ, ଯାହାକୁ ତଦାରଖକାରୀ ଉପମୁଖ୍ୟମନ୍ତ୍ରୀ ନିତିନ ପଟେଲ ସମର୍ଥନ କରିଥିଲେ। ଖୁବ୍ ଶୀଘ୍ର ପଟେଲ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଭୂପେନ୍ଦ୍ର ପଟେଲଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଉତରପ୍ରଦେଶର ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କ ପାଖ ଲୋକ ବୋଲି ବିବେଚନା କରାଯାଏ । ଭୂପେନ୍ଦ୍ର ପଯେଲ କଡ଼ୱା ପାଟିଦାର ସମାଜର ନେତା । ୨୦୧୭ ବିଧାନସଭା। ନିର୍ବାଚନରେ ପଟେଲ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ଶଶିକାନ୍ତ ପଟେଲଙ୍କୁ ଅହମ୍ମଦାବାଦ ଜିଲ୍ଲାର ଘାଟଲୋଡ଼ିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ୧.୧୭ ଲକ୍ଷରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି ।

▶▶ପୃଷ୍ଠା ୭

## ଓଡ଼ିଶା ସୀମାରେ ଜଗିଛି ଆନ୍ଧ୍ରପ୍ରଦେଶ

ଭୁବନେଶ୍ୱର,୧୨/୦୯(ନି.ପ୍ର): ଓଡିଶା ସୀମାରେ ଜଗିଛି ଆନ୍ଧ୍ରପ୍ରଦେଶ । ଓଡିଶାର ଗାଁ ମାଣିକପାଟଣାରେ ଏବେ ଆନ୍ଧ୍ର ସଶସ୍ତ୍ର ପୋଲିସ ଓ ପ୍ରଶାସନିକ ଅଧିକାରୀ ଜଗି ରହିଛନ୍ତି । ଗଜପତି ଜିଲ୍ଲା ରାୟଗଡା ବ୍ଲକ ଗଙ୍ଗାବାଡ ପଂଚାୟତରେ ଆନ୍ଧ୍ର ମନ୍ତ୍ରୀ ଧମକ ଦେଇଯିବା ପରେ , ସେହି ଅଂଚଳରେ ଏବେ ୨୪ ଘଂଟିଆ ଆନ୍ଧ୍ର ପୋଲିସ କ୍ୟାମ୍ପ ଖୋଲି ପହରା ଦେଉଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଛି । ଅନ୍ୟପଟେ ଆନ୍ଧ୍ର ପ୍ରଶାସନ ଦାଦାଗିରି ଦେଖାଉଥିଲେ ବି ଚୁପ୍ ବସିଛି ଓଡିଶା ପ୍ରଶାସନ । ଏସମ୍ପର୍କରେ ଗଜପତି ଜିଲ୍ଲାପାଳ ଓ ଏସପିଙ୍କୁ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ହୋଇପାରି ନାହିଁ । ରାଜ୍ୟ ସରକାରଙ୍କ ପକ୍ଷରୁ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ । ରାଜ୍ୟ ସରକାରଙ୍କ ଏପରି ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରୋଧୀ ବିଜେପି ଓ କଂଗ୍ରେସ । ବିଜେପି ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି, ମୁଖ୍ୟ ଶାସନ ସଚିବ, ମହେନ୍ଦ୍ରଗିରି ପରିଦର୍ଶନ କଲେ, ତାରାତାରିଣୀ ମନ୍ଦିର ବୁଲିଲେ, କିନ୍ତୁ ମହେନ୍ଦ୍ରଗିରି ଆରପଟେ ଥିବା ମାଣିକପାଟଣା ଗାଁକୁ ଗଲେ ନାହିଁ । ମୁଖ୍ୟମନ୍ତ୍ରୀ ଆଜି ଯାଏ ପ୍ରତିକ୍ରିୟା ରଖିଲେ ନାହିଁ । ମୁଖ୍ୟମନ୍ତ୍ରୀ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ନାହିଁ । ପୋଲିସ ଡିଜି ଆନ୍ଧ୍ର ଡିଜିଙ୍କ ସହ କଥା ହେଲେ ନାହିଁ । ଓଡିଶା ସରକାର ତୁରନ୍ତ ପଦକ୍ଷେପ ନିଅନ୍ତି । ସେହିପରି କଂଗ୍ରେସ ବିଧାୟକ ସୁର ରାଉତରାୟ ସୀମା ବିବାଦର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି ।

## ପ୍ରବଳ ବର୍ଷିବ : ୭ ଜିଲ୍ଲାକୁ ରେଡ୍ ଓ୍ୱାର୍ଣ୍ଣିଂ

ଭୁବନେଶ୍ୱର,୧୨/୦୯(ନି.ପ୍ର): ରାଜ୍ୟର ଅନେକ ସ୍ଥାନରେ ଲଘୁଚାପ ଜନିତ ବର୍ଷା ଜାରି ରହିଥିବା ବେଳେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୭ଟି ଜିଲ୍ଲାକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ବିଭାଗ ପକ୍ଷରୁ ଜାରି କରାଯାଇଥିବା ସଦ୍ୟ ପ୍ରେସ୍ ରିଲିଜ୍‌ରେ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ନୟାଗଡ଼ ଜିଲ୍ଲା ପାଇଁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଆଉ ୬ଟି ଜିଲ୍ଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରିଛି। ଏହି ସବୁ ଜିଲ୍ଲା ଗୁଡ଼ିକ ହେଉଛି- ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଯାଜପୁର ଓ ଭଦ୍ରକ। ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ କଳାହାଣ୍ଡି, ବଲାଙ୍ଗିର, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଉତ୍ତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟ ଏହି ଲଘୁଚାପ ୱେଲ୍ ମାର୍କଡ୍ ଲୋ' ପ୍ରେସରରେ ପରିଣତ ହୋଇଛି। ଆଗାମୀ ୧୨ ଘଣ୍ଟାରେ ଏହା ଅବପାତର ରୂପ ନେବ। ଏହାର ପ୍ରଭାବରେ ଆଜି ଓ ଆସନ୍ତାକାଲି ପ୍ରବଳ ବର୍ଷା ହେବ।

## ସୁଧୁରିନି ତାଲିବାନ, ପୁଣି ଦେଖାଇଲା କ୍ରୁରତା : କାଟିଦେଲା ସେନା ମୁଣ୍ଡ

ନୂଆଦିଲ୍ଲୀ,୧୨/୦୯: ସୁଧୁରିନି ତାଲିବାନ। ପୁଣି କ୍ରୁରତାର ସବୁ ସୀମା ଟପିଗଲା। ଦେଖାଇଲା ନିଜ କ୍ରୁରପଣ। ଜଣେ ଆଫଗାନିସ୍ତାନ ସୈନିକକୁ ନିର୍ମମ ଭାବେ ହତ୍ୟା କଲା ତାଲିବାନ। ଆଉ ହତ୍ୟା କରିବା ପରେ ସେନାର କଟା ମୁଣ୍ଡକୁ ଧରି ରେକର୍ଡ କଲା ଭିଡିଓ। ଏହି ଖବର ସାମ୍ନାକୁ ଆସିବା ପରେ ଏବେ ଚାରିଆଡୁ ତାଲିବାନକୁ ନିନ୍ଦା କରାଯାଉଛି। ଯାହା କହୁଛି ତାହା କରୁନି ତାଲିବାନ। କଥା ଦେଇ କଥା ଭାଙ୍ଗୁଛି। ଶାନ୍ତ ପରିବେଶ ମଧ୍ୟରେ ଶାସନ ଚାହୁଁଥିବା ବୋଲି କହୁଥିବା ତାଲିବାନ ପୁଣି ଆରମ୍ଭ କରିଛି ନିଜ କ୍ରୁରପଣ। ଏକଥା ସେ ନିଜେ ପ୍ରମାଣିତ କରିଛି। ତାଲିବାନୀ ବନ୍ଧୁକଧାରୀମାନେ ଆଫଗାନିସ୍ତାନର ଜଣେ ସୈନିକର ମୁଣ୍ଡ କାଟି ନିର୍ମମ ଭାବେ ହତ୍ୟା କରିଛନ୍ତି। ହତ୍ୟା ବେଳର ଭିଡିଓକୁ ସେମାନେ ରେକର୍ଡ ମଧ କରିଛନ୍ତି। ୩୦ ସେକେଣ୍ଡର ଭିଡିଓରେ ଦେଖିବାକୁ ମିଳିଛି ଯେ, ଜିହାଦୀମାନେ ସୈନିକଙ୍କ କଟା ମୁଣ୍ଡକୁ ହାତରେ ଧରି ବୁଲୁଛନ୍ତି। ଭିଡିଓରେ ୬ ଜଣ ବନ୍ଧୁକଧାରୀଙ୍କୁ ଦେଖିବାକୁ ମିଳିଥିବାବେଳେ ଜଣେ ରକ୍ତ ଜୁଡୁବୁଡୁ ଛୁରୀ ଧରିଥିବା ନଜର ଆସିଛି। ଏହି ବନ୍ଧୁକଧାରୀମାନେ ମୁଜାହୁଦ୍ଦିନର ନାରା ଦେଉଛନ୍ତି। ଏଥିସହ ସେମାନେ ତାଲିବାନର ସର୍ବୋଚ୍ଚ ନେତା ହବିବତୁଲ୍ଲା ଅଖୁନ୍ଦଜାଦାର ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ମିରର୍ ରିପୋର୍ଟ ମୁତାବକ, କୁହାଯାଉଛି ଯେ, ଉକ୍ତ ପୀଡିତ ଜଣକ ଆଫଗାନ ସୈନିକ। କାରଣ ସମ୍ପୃକ୍ତ ବ୍ୟକ୍ତି ଜଣକ ସେନା ପୋଷାକ ପିନ୍ଧିଛନ୍ତି। ତାଲିବାନୀମାନଙ୍କର ଏହି ଭୟଙ୍କର ଭିଡିଓଟି ଶନିବାର ସାମ୍ନାକୁ ଆସିଥିଲା। ତାଲିବାନର ଜଣେ ମୁଖପାତ୍ର ଦାବି କରିଥିଲେ ଯେ, ସେମାନେ ହିଂସକ ହେବେ ନାହିଁ ଏବଂ ଜୋର ଦେଇ କହିଥିଲେ ଯେ, ମହିଳାଙ୍କୁ ସେମାନଙ୍କର ଅଧିକାର ଦିଆଯିବ।

▶▶ପୃଷ୍ଠା ୭

## ଗୋଡ଼ାଇ, ଗୋଡ଼ାଇ ହାଣିଲେ ୪ ଦୁର୍ବୃତ୍ତ

କେନ୍ଦ୍ରାପଡ଼ା,୧୨/୦୯ (ନି.ପ୍ର): ଦିନ ଦିପହରରେ ବିଚ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କଲେ ଦୁର୍ବୃତ୍ତ । ଏପରି ଘଟଣା କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ମହିପାଳ ଛକରେ ଘଟିଥିବା ବେଳେ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି । ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ନାମ ଭୀମ ଭୋରା । ଆକ୍ରମଣର ଭିଡିଓ ଭାଇରାଲ ହୋଇଥିବା ବେଳେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଭାଇରାଲ ଭିଡିଓରେ ଦେଖାଯାଉଛି, ୪ ଜଣ ଦୁର୍ବୃତ୍ତ ରାସ୍ତାରେ ଭୀମ ଭୋରାଙ୍କୁ ଗୋଡେଇ ଗୋଡେଇ ଠେଙ୍ଗାରେ ପିଟିବା ସହ ମାରଣସ୍ତ୍ରରେ ଆକ୍ରମଣ କରିଥିଲେ। ଭୀମଙ୍କ ବେକ, ପିଠି ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ସମ୍ପୃକ୍ତ ବ୍ୟକ୍ତିଙ୍କୁ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଭୀମ ଜଣେ ଅଣଓଡ଼ିଆ ବ୍ୟକ୍ତି। ସେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ଗତକାଲି ସନ୍ଧ୍ୟା ପ୍ରାୟ ୫ ଟା ବେଳେ ୪ ଜଣ ଦୁର୍ବୃତ୍ତ ମହିପାଳ ଛକରେ ପହଂଚି ଭୀମଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ ଆକ୍ରମଣକାରୀଙ୍କ ପତ୍ତା ପାଇପାରିନି।

## ଚାକିରୀ କରାଇଦେବା ନାମରେ ଠକେଇ ଅଭିଯୋଗ : ଥାନାରେ ମାମଲା ରୁଜୁ

ମାଲକାନଗିରି,୧୨/୯ (ନି.ପ୍ର): କୋରାପୁଟ ଜିଲ୍ଲା ଲମତାପୁଟ ଅଂଚଳରୁ ଆସି ମାଲକାନଗିରି ସଦର ମହକୁମା ବୁଟିଗୁଡାରେ ଦୀର୍ଘ ବର୍ଷ ହେଲା ରହିଥିବା ସଦନ ପାର୍ଙ୍ଗି ନାମକ ବ୍ୟକ୍ତି ଦୁଇ ଜଣ ମହିଳାଙ୍କୁ ଚାକରି କରିଦେବା ନାମରେ ଉଭୟଙ୍କ ଠାରୁ ୧ ଲକ୍ଷ ୩୫ ହଜାର ଟଙ୍କା ଠକି ନେଇଥିବା ଓ ଚାକରିରେ ଯୋଗଦାନ ନିମନ୍ତେ ମିଥ୍ୟା ନିଯୁକ୍ତି ପତ୍ର ପ୍ରଦାନ କରିଥିବା ନେଇ ଠକାମୀର ଶିକାର ହୋଇଥିବା ପରିବାର ଲୋକ ମାଲକାନଗିରି ଥାନାରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ବ୍ଲକ ମାର୍କାପାଲି ପଚାଂୟତ ଥାପାଗୁଡା ଗ୍ରାମର ଧନେଶ୍ୱର ପୂଜାରୀଙ୍କ ସ୍ତ୍ରୀ ରେଣୁକା ପୂଜାରୀଙ୍କୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ କିରାଣୀ ଚାକିରୀ କରାଇଦେବାକୁ କହି ୫୦ ହଜାର ଟଙ୍କା ନେଇ ମିଥ୍ୟା ନିଯୁକ୍ତି ପତ୍ର ପ୍ରଦାନ କରିଥିଲା ସମ୍ପୃକ୍ତ ବ୍ୟକ୍ତି । ସେହିପରି ଗଙ୍ଗଲା ପଞ୍ଚାୟତ ଅନ୍ତର୍ଗତ ପୁଟୁଗାଁ ଗ୍ରାମର ସଦନ ପୁଟିଆଙ୍କ ଭଉଣୀ ଅନିତାଙ୍କୁ ମେଡିକାଲରେ ସୁପରଭାଇଜର ଚାକିରୀ କରାଇଦେବାକୁ କହି ସଦନ ପାର୍ଙ୍ଗି ତାଙ୍କ ଠାରୁ ୮୫ ହଜାର ଟଙ୍କା ନେଇଥିଲା ଏବଂ ସୁପରଭାଇଜର ନିଯୁକ୍ତି ପାଇଥିବା ସମ୍ପର୍କିତ ଏକ ଜାଲ୍ ନିଯୁକ୍ତି ପତ୍ର ଦେଇଥିଲା । ଉକ୍ତ ନିଯୁକ୍ତି ପତ୍ର ଜାଲ୍ ବୋଲି ଜାଣିବା ପରେ ଠକାମୀର ଶିକାର ହୋଇଥିବା ଧନେଶ୍ୱର ପୂଜାରୀ ଓ ସଦନ ପୁଟିଆ ଉଭୟ ତାଙ୍କ ଟଙ୍କା ଫେରାଇ ଦେବାକୁ ସଦନକୁ କହିବାରୁ ସେ ଗାଳି ଗୁଲଜ କରିଥିଲା । ଟଙ୍କା ଫେରି ନ ପାଇବାରୁ ଠକାମୀର ଶିକାର ହୋଇଥିବା ଉଭୟ ବ୍ୟକ୍ତି ଏ ନେଇ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ମିଶନଶକ୍ତିର ଜିଲ୍ଲାସ୍ତରୀୟ କାଫେ ଖୋଲା ହେବ

କେନ୍ଦ୍ରାପଡ଼ା,୧୨/୯ (ନି.ପ୍ର): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ମିଶନଶକ୍ତିର କାର୍ଯ୍ୟ ସଂପର୍କରେ ଏକ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ସାଂସଦ ଶ୍ରୀ ମହାନ୍ତିଙ୍କ ସହିତ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ମିଶନଶକ୍ତି ଡିପିସି କୈଳାସ ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଦ୍ୱାରା ମିଶନଶକ୍ତିକୁ ଆସୁଥିବା ବିଭିନ୍ନ ଯୋଜନା ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ମା ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଏକ ଜିଲ୍ଲା ସ୍ତରୀୟ ମିଶନଶକ୍ତି କାଫେ କରିବା ପାଇଁ କେନ୍ଦ୍ରାପଡା ପୌରସଂସ୍ଥା ଅଦାଲତ ପାଖ ଯାତ୍ରୀ ନିବାସ ଠାରେ ଏକ ଗୃହ ଯୋଗାଇବ ବୋଲି ସ୍ଥିର କରାଯାଇଛି । ଏଥି ସହିତ ନୂଆ ବସଷ୍ଟାଣ୍ଡ ପାଖରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଏକ ମିଶନଶକ୍ତି ବଜାର କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସହ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ବିଧାୟକଙ୍କୁ ଖୋଜୁଛି ପୋଲିସ : ୩ଟି ଟିମ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି

ଖୋର୍ଦ୍ଧା,୧୨/୯ (ନି.ପ୍ର): ଭାଜପା ନେତା ନିରଞ୍ଜନ ସେଠୀଙ୍କୁ ବାଲୁଗାଁ ଏନଏସି ଆଗରେ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବିବାଦକୁ ଆସିଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅଡୁଆ ବଢ଼ିବାରେ ଲାଗିଛି । ତାଙ୍କୁ ଗିରଫ କରିବା ପାଇଁ ଭାଜପା ଦାବି କରିଛି । ଏପରିକି ଜଣେ କର୍ତବ୍ୟରତ ସାମ୍ବାଦିକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମୋବାଇଲ ଛଡ଼ାଇ ନେବା ଘଟଣା ନେଇ ଖୋର୍ଦ୍ଧା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏପରିକି ବିଧାୟକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଆଜି ଖୋର୍ଦ୍ଧା ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଜିଲ୍ଲା ସଭାପତି ପ୍ରଭାତ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେହିପରି ଗିରଫ କରାନଗଲେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ରବିବାର ବାଲୁଗାଁ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଙ୍ଘର ସଭାପତି ଚେତାବନୀ ଦେଇଛନ୍ତି । ବିଶେଷ ସୁତ୍ରରୁ ମିଳିଥିବା ସୂଚନା ମୁତାବକ ଖୋର୍ଦ୍ଧା ପୋଲିସ ପକ୍ଷରୁ ବଡଧରଣର ବୈଠକ ବସିଥିଲା । ଏଥିରେ ଜିଲା ସ୍ତରର ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ବିଧାୟକ ଙ୍କୁ ଗିରଫ କରିବା ପାଇଁ ବିଧିବଦ୍ଧ ଯୋଜନା ଚାଲିଛି । ଏକ ୩ଜଣିଆ ଟିମ ଭୁବନେଶ୍ୱର, ବାଲୁଗାଁ ଏବଂ ଅନ୍ୟ ସ୍ଥାନରେ ଚଢାଉ ଜାରି ରଖିଛି । ଅନ୍ୟପଟେ ବିଧାୟକ ହାଇକୋର୍ଟ ରୁ ଜାମିନ ଆଣିବା ଲାଗି ଯୋଜନା କରୁଥିବା ଜଣାପଡିଛି । ସେ କଟକରେ ଥିବା କୁହାଯାଉଛି । ଗତ ଦୁଇଦିନ ହେବ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଗତକାଲି ଅପରାହ୍ନରେ ବାଲୁଗାଁ ପୋଲିସ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଚଢ଼ଉ କରିଥିଲା । ହେଲେ ତାଙ୍କୁ ସେଠାରେ ନ ପାଇ ଖାଲି ହାତରେ ଫେରିଥିଲା । ପୋଲିସ ବିଭିନ୍ନ ଆଡେ ଚଢ଼ଉ ଜାରି ରଖିଛି । ମାଡ ଘଟଣାର ଭିଡିଓ ଭାଇରାଲ ପରେ ଦଳ ସୁପ୍ରିମୋ ତାଙ୍କୁ ଦଳରୁ ନିଲମ୍ବନ କରିଥିଲେ । ନିରଞ୍ଜନଙ୍କ ଅଭିଯୋଗ କ୍ରମେ ଗଣେଶ ଙ୍କ ବିରୋଧରେ ଥାନାରେ ଅନୁସୂଚିତ ଜାତି ଓ ଜନଜାତି ଆକ୍ଟରେ ମାମଲା ରୁଜୁ ହୋଇଛି । ବାଲୁଗାଁ ଏସଡିପିଓ ଘଟଣାର ତଦନ୍ତ ଦାୟିତ୍ୱରେ ରହିଛନ୍ତି । ଅନ୍ୟପଟେ ତାଙ୍କୁ ତୁରନ୍ତ ଗିରଫ କରାନଗଲେ ଭାଜପା ପକ୍ଷରୁ ଏସପି ଅଫିସ ଘେରାଉ କରାଯିବ ବୋଲି ପୃଥୀରାଜ ହରିଚନ୍ଦନ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ତେବେ ଘଟଣା ସମ୍ପର୍କରେ କୌଣସି ପୋଲିସ ଅଧିକାରୀ ଗଣମାଧ୍ୟମ ଆଗରେ ମୁହଁ ଖୋଲିବାକୁ ନାରାଜ । ସମସ୍ତ ଙ୍କ ଗୋଟିଏ ଉତର ତଦନ୍ତ ଚାଲିଛି ।

## ମାଲକାନଗିରି ଜିଲ୍ଲାରେ ବହୁ ପଦବୀ ଖାଲି: ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ମାଲକାନଗିରି,୧୨/୯ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ମାଓ ପ୍ରବଣ ମାଲକାନଗିରି ଜିଲ୍ଲାର ୭ ଟି ବ୍ଲକରେ ୧ ୧ ୧ ଟି ପଂଚାୟତ ରହିଛି । ଏହି ୭ଟି ବ୍ଲକରେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବହୁ ଉନ୍ନୟନମୂଳକ କାମ ଚାଲୁଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତି କିନ୍ତୁ, ଲୋକଙ୍କ ପାଖରେ ଏହିସବୁ ଯୋଜନାମାନ ପହଂଚିବା ବିଳମ୍ବ ହେବା ସହ ଜିଲ୍ଲାରେ ଉନ୍ନୟନ ମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଚିତ୍ରକୋଣ୍ଡା ଜଳଭଣ୍ଡାର ଭିତରେ ରହୁଥିବା ୧ ୫ ୧ ଟି ଗାଁକୁ ଉନ୍ନତିକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ତିନି ବର୍ଷ ପୂର୍ବେ ଗୁରୁପ୍ରିୟା ସେତୁ ଉଦଘାଟନ କରି ବିଚ୍ଛିନ୍ନାଂଚଳକୁ ସ୍ୱାଭିମାନ ଅଂଚଳ ରୂପେ ଘୋଷଣା କରିଥିଲେ ଏବଂ ସେତୁ ଯୋଜନାରେ ଏ ଅଂଚଳର ଉନ୍ନତି ପାଇଁ ସହ ସହ କୋଟି ଟଙ୍କାର ଅନୁମୋଦନ ବି କରିଛନ୍ତି କିନ୍ତୁ, ଉନ୍ନୟନ ମୂଳକ କାର୍ଯ୍ୟ ହେବାରେ ବହୁ ବିଳମ୍ବ ହେଉଛି । ଏଭଳି ମନ୍ଥର ଗତିରେ କାମ ଖାଲି ସ୍ୱାଭିମାନ ଅଂଚଳରେ ନୁହେଁ ସମ୍ପୂର୍ଣ୍ଣ ଜିଲ୍ଲାରେ ଏପରି ଅବସ୍ଥା । ଏଣୁ ଜିଲ୍ଲାରେ ଉପଯୁକ୍ତ ଭିତ୍ତିଭୂମି ଥିଲେ ମଧ୍ଯ ପଂଚାୟତରାଜ ବିଭାଗରେ ବହୁ ସରକାରୀ ପଦବି ଖାଲି ରହିଥିବା ଯୋଗୁଁ ଲୋକଙ୍କ ପାଖରେ ବହୁ ଯୋଜନାମାନ ପହଂଚିବାରେ ବିଳମ୍ବ ହେଉଥିବା ବୁଦ୍ଧିଜୀବୀ ମତ ରଖିଛନ୍ତି ।

## ଭାରି ଯାନ ରାସ୍ତା ପାଇଁ କାଳ : ନଷ୍ଟ ହେଉଛି ପ୍ରଧାନମନ୍ତ୍ରୀ ସଡକ ରାସ୍ତା

ନିମାପଡ଼ା,୧୨/୯ (ନି.ପ୍ର): ନିମାପଡା ବ୍ଲକର ବିଭିନ୍ନ ଅଁଚଳରେ ଥିବା ପ୍ରଧାନ ମନ୍ତ୍ରୀସଡକ ଏବେ ଭାରୀ ଯାନ ପାଇଁ କାଳ ହୋଇଛି । ଭାରୀ ଯାନ ଚଳା ଚଳ ପାଇଁ ଗାଁ ଗଣ୍ଡାର ରାସ୍ତା ଗୁଡିକ ନଷ୍ଟ ହେଉଥିଲା ବେଳେ ଗାଡି ଗୁଡିକ ପ୍ରତିଷ୍ଠିତ ତଥା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ହୋଇଥିବାରୁ ସେମାନଙ୍କୁ ପ୍ରଶାସନର ଅଙ୍କୁଶ ପାଉନାହିଁ । ଫଳରେ ରାସ୍ତାଗୁଡିକ ନିର୍ମାଣ ହେବାର କମ ଦିନ ମଧରେ ନଷ୍ଟ ହୋଇଯାଉଥିବାରୁ ସାଧାରଣ ଜନତା ଯାତାୟାତ କରିବା କଷ୍ଟକର ହୋଇପଡୁଛି । ରାଜ୍ୟର ବିକାଶ ଓ ରାଜସ୍ୱ ପାଇଁ ବାଲିଘାଟ ନିଲାମ ହେବା ଓ କ୍ରସରକୁ ଅନୁମତି ଦେବା ଜରୁରୀ ହୋଇଥିବା ବେଳେ ଏହି ସବୁ ଅଂଚଳକୁ ବିଭିନ୍ନ ସ୍ଥାନରୁ ଆସୁଥିବା ବାଲି ଓ ବାଲି ବୋଝେଇ ଗାଡି ପାଇଁ ମଧ ଉନ୍ନତ ରାସ୍ତା ଯୋଗାଇ ଦେବା ମଧ ଜରୁରୀ । ଏହି ମାଲ ବୋଝେଇ ଗାଡି ଗୁଡିକ ୨୫ରୁ ୩୦ଟନ୍ ଓ କେତେକ ସମୟରେ ଅଧିକ ଲାଭ ପାଇବା ଆଶାରେ ଏହା ଠାରୁ ଅଧିକ ଓଜନର ବାଲି ଗୋଡି ନେଇ ଆସୁଥିବାରୁ ଗ୍ରାମାଂଚଳରେ ନିର୍ମିତ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକକ ଗୁଡିକ ନଷ୍ଟ ହୋଇଗଲାଣି । ଏହର ପରିବହନ କ୍ଷମତା ୧୦ରୁ ୧୫ଟନ ହୋଇଥିବାରୁ ଏହି ରାସ୍ତାଗୁଡିକ ଅତ୍ୟଧିକ ଓଜନ ଯୋଗୁଁ ନଷ୍ଟ ହୋଇଯାଉଛି । ପରିବହନ କରୁଥିବା ୧୪ଚକିଆ ହାଇଓ୍ୱା ଗୁଡିକ ବେଳେ ବେଳେ ୪୦ଟନ ଓଜନର ମାଲ ପରିବହନ କରୁଛନ୍ତି । ଏହା ଦ୍ୱାରା ପ୍ରଧାନ ମନ୍ତ୍ରୀ ସଡକ କାହିଁକି ପୁର୍ତବିଭାଗ ରାସ୍ତା ଗୁଡିକ ମଧ ଅନେକ ସ୍ଥାନର ଦବି ଯାଇ ନଷ୍ଟ ହୋଇଯାଉଛି । ଦୈନିକ ବିଭିନ୍ନ ସମୟରେ ବହୁ ସଂଖ୍ୟାରେ ଓଭର ଲୋର୍ଡିଂ ଗାଡି ବଳଙ୍ଗା ଅଂଚଳକୁ ଆସୁଥିବାରୁ ବଳଙ୍ଗା -ଖେଲାର ,ବଳଙ୍ଗା -ହରିପୁର , ବଳଙ୍ଗା -ବାମନାଳ,ବଳଙ୍ଗା -କେତକୀ ପାଟଣା ରାସ୍ତା ଗୁଡିକର ଅବସ୍ଥା କହିଲେ ନସରେ । ରାସ୍ତାର ଅନେକ ସ୍ଥାନରେ ଦବି ଯିବା ସହ ରାସ୍ତାରୁ ଗୋଡି ଉଠିଗଲାଣି । ଅନେକ ସମୟରେ ଏହି ଗାଡି ଯୋଗୁଁ ଟ୍ରାଫିକ ସମସ୍ୟା ମଧ ସୃଷ୍ଟି ହୋଇଥାଏ । ଏହି ହାଇଓ୍ୱା ମାଲିକ ମାନଙ୍କର ରାଜନୈତିକ ନେତା ମାନଙ୍କ ସହ ସମ୍ପର୍କ ଥିବାରୁ ସରକାରୀ ନୀତି ନିୟମ କାମ କରୁନି କି ପ୍ରଶାସନିକ ଅଧିକାରୀମାନେ ଦେଖି ନଦେଖିଲା ପରି ଅଭିନୟ କରୁଛନ୍ତି । ତାହା ଏବେ ସାଧାରଣରେ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ଦାବି ହେଉଛି ।

## ଫୁଲ ତୋଳାକୁ ନେଇ ନାବାଳିକାକୁ ନିସ୍ଥୁକ ମାଡ : ନିର୍ଭୟରେ ବୁଲୁଛନ୍ତି ଅଭିଯୁକ୍ତ

କେନ୍ଦ୍ରାପଡ଼ା,୧୨/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ସାନ ମରିଚାପଲ୍ଲୀ ଗ୍ରାମରେ ଫୁଲ ତୋଳିବାକୁ କେନ୍ଦ୍ରକରି ଜଣେ ନାବାଳିକା କୁ ନିସ୍ଥୁକ ମାଡ ମାରିଥିବା ରାଜନଗର ଥାନାରେ ଅବିଯୋଗ ହୋଇଛି । ଥାନା ଅଧିକାରୀ ୩୯୩/ ୨୧ ରେ ମାମଲା ରୁଜୁକରି ହାତବାନ୍ଧି ବସିଥିବା ପିଡିତାଙ୍କ ପରିବାର ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସାନ ମରିଚାପଲ୍ଲୀ ଗ୍ରାମର ଉମା ସେଠୀ ଙ୍କ ନାବାଳିକା ଝିଅ ସକାଳ ୬ଟା ସମୟରେ ଫୁଲ ତୋଳୁଥିବା ବେଳେ ତାଙ୍କର ୪-୫ ଜଣ ପଡୋଶୀ କାହିଁକି ଫୁଲ ତୋଳୁଛୁ କହି ମାଡ ମାରିଥିଲେ । ନାବାଳିକାଟି ଡାକ୍ତର ଖାନାରେ ଚିକିତ୍ସା ହେଉଥିବା ବେଳେ ଅଭିଯୁକ୍ତ ମାନେ ନିର୍ଭୟରେ ବୁଲୁଛନ୍ତି । ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ପିଡିତା ପରିବାର ପକ୍ଷରୁ ଏସପିଙ୍କ ନିକଟରେ ଦାବି କରାଯାଇଛି ।

## ଚଣ୍ଡିଖୋଲ ଟ୍ରାଫିକ୍ ଥାନା ଅଧିକାରୀଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ଜନସାଧାରଣ

ଧର୍ମଶାଳା,୧୨/୯ (ନି.ପ୍ର): ସ୍ୱଚ୍ଛ ଶାସନ କରିବା ଓ ଜନସାଧାରଣଙ୍କୁ ହଇରାଣ ହରକତ ନ କରିବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଜନସାଧାରଣଙ୍କୁ ହଇରାଣ ନ କରିବା ପାଇଁ ସରକାର 'ଆମ ପୁଲିସ' କାର୍ଯ୍ୟକ୍ରମ କରି ସଚେତନ କରାଉଥିବା ବେଳେ ଏବେ ଏହାର ବିପରୀତ ଦିଗ ଦେଖିବାକୁ ମିଳିଛି । ଥାନା ବାବୁଙ୍କ କାର୍ଯ୍ୟକଳାପରେ ଜନସାଧାରଣ ଅତିଷ୍ଠ ହୋଇପଡୁଥିବା ଦେଖିବାକୁ ମିଳିଛି । ତେବେ ଏଭଳି ଘଟଣାକୁ ୫ଟି ଗୁରୁତ୍ୱ ଦେବାର ଆବାଂ୍ୟକତା ରହିଛି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ଚଣ୍ଡିଖୋଲ ଟ୍ରାଫିକ୍ ଥାନା ଉପରେ । ଏହା ହେଉଛି ଜିଲାର ଏକମାତ୍ର ଟ୍ରାଫିକ୍ ଥାନା । ୨ଟି ଜାତୀୟ ରାଜପଥକୁ ସଂଯୋଗର କେନ୍ଦ୍ରସ୍ଥଳ ହେଉଛି ଚଣ୍ଡିଖୋଲ । ଏଠାରେ ଥାନା ଅଧିକାରିଣୀ ବିଜୟିନୀ ମଲ୍ଲ ଅନ୍ୟ ଥାନାକୁ ବଦଳି ହେବା ପରେ ଏଠାରେ ନୂତନଭାବେ ହୃଦାନନ୍ଦ ବେହେରା ଯୋଗ ଦେଇଛନ୍ତି । ହେଲେ ହାତା ଗଣତି କିଛଇ ଦିନ ହେବ କି ନାହିଁ ତାହା ଲୋକେ ତାଙ୍କର ଆକ୍ରୋଶର ଶିକାର ହେଉଛନ୍ତି । ଅନ୍ୟପଟେ ଚଣ୍ଡିଖୋଲ ଛକଟି ବିଶେଷ କରି ସ୍ଥାନୀୟ ୧୦ଗୋଟି ଗ୍ରାମର ଲୋକେ ଏଠାରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି । ଘରଠାରୁ ମାତ୍ର ୨ଶହ ମିଟିର ଆସିବାକୁ ନେଇ ଲୋକେ ଗାଡି ଆଣିଥାନ୍ତି । ଫଳରେ ଏମାନେ ଟ୍ରାଫିକ୍ ଥାନାର କର୍ମଚାରୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ସରକାରୀ ନିୟମ ଅନୁଯାୟୀ ଗାଡି ଚାଳକ ଯଦି ହେଲମେଂଟ ପିନ୍ଧି ନ ଥାଏ ପ୍ରଥମେ ସେମାନଙ୍କୁ ଚେତାବନୀ ଦିଆଯାଇଥାଏ । ପରେ ଏହାର ବ୍ୟତୀକ୍ରମ ହେଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥାଏ । ଏବେ ଏହି ଟ୍ରାଫିକ୍ ନିୟମକୁ କଡାକଡି କରାଯାଇଛି । କିନ୍ତୁ ଛକ ମଝିରେ ଯାତାୟତ କରୁଥିବା ବାଇକ୍ ଚାଳକଙ୍କଠାରୁ ଚାବି ଛଡାଇ ନେବା ଓ ମୋବାଇଲ ଛଡାଇ ନେବା ନେଇ ଲୋକେ ଅଭିଯୋଗ କରିଛନ୍ତି । ଏଭଳି ଜୋର ଜବର କରିବା ନେଇ କିଏ ଏ ଅଧିକାର ଦେଲା ବୋଲି ଲୋକେ ପାଲଟା ଅଭିଯୋଗ କରିଛନ୍ତି । ଚାବି ଓ ମୋବାଇଲ ଛଡାଇ ନେବା ପରେ ସ୍ଥାନୀୟ ଲୋକେ ଏହାକୁ ପ୍ରତିବାଦ କରିବାରୁ ତୁରନ୍ତ ଚାବି ସହ ମୋବାଇଲ ଫେରାଇ ଦେଇଥିଲେ । ଯଦି ତାଙ୍କର ଏଭଳି କାର୍ଯ୍ୟକଳାପ ଜାରି ରହେ ତେବେ ନିକଟ ଭବିଷ୍ୟତରେ ଏକ ଜନଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଗ୍ରାମବାସୀ ଓ ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି । ଜିଲାପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଫୁଲବାଣୀରେ ମୋବାଇଲ ରିଟେଲର୍ସ ଆସୋସିଏସନର ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ,୧୨/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ମୋବାଇଲ ରିଟେଲର୍ସ ଆସୋସିଏସନ ପକ୍ଷରୁ ୭ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି କ୍ରିଷ୍ଣା ସେନାପତିଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ମୋବାଇଲ ରିଟେଲରର୍ସ ମାନେ ଯୋଗ ଦେଇ ଫୁଲବାଣୀରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀ ମାନଙ୍କୁ ଫଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ପରେ ସେଠାରୁ ଆସୋସିଏସନ ପକ୍ଷରୁ ଫୁଲବାଣୀ କେନ୍ଦୁପଦର ଠାରେ ଥିବା ଗୋପବନ୍ଧୁ ବାଳାଶ୍ରମର ଅନ୍ତେବାସୀ ମାନଙ୍କୁ ମଧ୍ୟ ଫଳ ବଣ୍ଟନ କରାଯାଇଛି । ପରେ ସହରର ବିଭିନ୍ନ ଯାଗାରେ ଆସୋସିଏସନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପରେ ସଭାପତିଙ୍କ ଅଧ୍ୟକ୍ଷତାରେ ସମସ୍ତ ରିଟେଲର ମାନଙ୍କୁ ନେଇ ଅନୁଷ୍ଠିତ ଏକ ବୈଠକରେ ରିଟେଲର ମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ବାବଦରେ ଆଲୋଚନା କରାଯାଇ ଏହାର ସମାଧାନ ଦିଗରେ ମଧ୍ୟ ପ୍ରତିକାର ବିଷୟରେ ଚର୍ଚ୍ଚା କରାଯାଇଥିଲା । ଏଥିରେ ଫୁଲବାଣୀ ସାଇ ପାଢୀ, ରାଇକିଆର ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ମୋବାଇଲ ରିଟେଲର ମାନେ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଆଗକୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ମଧ୍ୟ କରାଯିବାକୁ ନିଷ୍ପତି ନିଆଯାଇଥିଲା ନେଇ ଆସୋସିଏସନ ପକ୍ଷରୁ ଜଣାପଡିଛି ।

## ଘରୋଇ ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଆଦାୟ ଅଭିଯୋଗ

ମାଲକାନଗିରି,୧୨/୯ (ନି.ପ୍ର): କରୋନା ମହାମାରୀ ସାରା ବିଶ୍ୱକୁ ଦୋହଲେଇ ଦେଇଥିବା ବେଳେ ଘରୋଇ ବସ୍ ମାଲିକଙ୍କ ଜୁଲୁମ ଏବେ ବଢ଼ିବାରେ ଲାଗିଛି । ଘରୋଇ ବସ୍ ପକ୍ଷରୁ ଯାତ୍ରୀ ମାନଙ୍କ ଠାରୁ ମନଇଚ୍ଛା ବସ୍ ଭଡା ଆଦାୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଯାତ୍ରୀ । ସୂଚନା ଥାଉକି, ବାଙ୍କେଶ୍ୱରୀ ନାମକ ଏକ ଘରୋଇ ବସ୍ ମାଲକାନଗିରି ଠାରୁ ସୀମାନ୍ତ ମୋଟୁ କୁ ଯାତ୍ରା କରୁଥିବା ବେଳେ ୨ ଜଣ ଯାତ୍ରୀ ମାଲକାନଗିରି ଠାରୁ ମୋଟୁ ଏବଂ ଆଉ ଜଣେ ଯାତ୍ରୀ ଏମ୍.ଭି-୭୨ ଠାରୁ ସୀମାନ୍ତ ମୋଟୁକୁ ଯାତ୍ରା କରିବା ପାଇଁ ସେଇ ଘରୋଇ ବସ ରେ ଚଢିଥିଲେ । ଯାତ୍ରୀ ଜଣକ କହିବା ଅନୁଯାୟୀ, ମାଲକାନଗିରି ଠାରୁ ମୋଟୁକୁ ଯିବାପାଇଁ ସେ ଟିକେଟ୍ କରିଥିଲେ, ଯାହା ମୋଟ୍ ୧୦୦ କି.ମି. ହୋଇଥିବା ବେଳେ ଯାତ୍ରୀ ୨ ଜଣଙ୍କ ଠାରୁ କଣ୍ଡକ୍ଟର ୩୦୦ ଟଙ୍କା ବସ୍ ଭଡା ନେଇଥିଲେ ଏବଂ ଆଉ ଜଣେ ଯାତ୍ରୀ ଏମ୍.ଭି-୭୨ ଠାରୁ ମୋଟୁକୁ ଯିବାପାଇଁ ଘରୋଇ ବସ ରେ ଚଢିଥିଲେ, ତାଙ୍କଠାରୁ ମଧ ମୋଟ୍ ୪୮କି.ମି.କୁ ୮୦ ଟଙ୍କା ବସ୍ ଭଡା ନିଆଯାଇଥିଲେ ମଧ ଟିକେଟ ଦିଆଯାଇ ନ ଥିଲା । ଏହି ୨ଜଣ ଯାତ୍ରୀ ଏ ନେଇ ଗାଡ଼ିରୁ ଓଲ୍ହାଇ ଗଣମାଧମ ଆଗରେ ପ୍ରକାଶ କରିଥିଲେ । ସରକାରଙ୍କ ଧାର୍ଯ୍ୟ ବସ ଭଡା ଟଙ୍କା ଠାରୁ ଏହି ଘରୋଇ ବସ୍ ଗୁଡିକ ଅଧିକ ବସ୍ ଭଡା ନେଉଥିବା ଯାତ୍ରୀମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ଯାହା କି ଏହି ଘରୋଇ ବସ୍ ମାଲିକ ମାନଙ୍କ ମନଇଚ୍ଛା ଟିକେଟ୍ ଆଦାୟ ଜୁଲୁମ ଦିନକୁ ଦିନ ଯାତ୍ରୀ ମାନଙ୍କ ପ୍ରତି ଦେଖିବାକୁ ମିଳୁଛି । ଯାହାକି ସରକାରୀ ଧାର୍ଯ୍ୟ ବସ ଭଡା ଟଙ୍କା ଅର୍ଡ଼ିନାରୀ ବସ କି.ମି-୮୯ ପଇସା, ଏକ୍ସପ୍ରେସ ବସ୍ ଭଡା କି.ମି. ପ୍ରତି ୯୩ ପଇସା, ଡିଲକ୍ସ ବସ୍ ଭଡା କି.ମି. ପିଛା-୧.୨୯ ଟଙ୍କା ରହିଥିବା ବେଳେ ଘରୋଇ ବସ୍ ଏହାର ଦୁଇ ଗୁଣ ଭଡ଼ା ଆଦାୟ କରୁଥିବା ନେଇ କିଛି ଯାତ୍ରୀ ଅଭିଯୋଗ ଆଣିଛନ୍ତି । ସୂଚନା ଥାଉକି, ପରିବହନ କମିଶନ କଡ଼ା ଚେତାବନୀ ଦେଇଥିଲେ ଯେ, ଧାର୍ଯ୍ୟ ବସ୍ ଭଡା ଠାରୁ ଅଧିକ ଭଡା ନେଲେ ବାତିଲ୍ ହେବ ପରମିଟ୍ । କିନ୍ତୁ ଏହାର ବାସ୍ତବ ଚିତ୍ର ମାଲକାନଗିରି ଜିଲ୍ଲାରେ ସମ୍ପୂର୍ଣ୍ଣ ଅଲଗା । ତେବେ ଏ ନେଇ ମାଲକାନଗିରି ପରିବହନ ବିଭାଗ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ କେବେ ମୁକୁଳି ପାରିବେ ଏହି ଘରୋଇ ବସର ଜୁଲୁମ ରୁ ଯାତ୍ରୀ ଏହା ସାଧାରଣରେ ଚର୍ଚ୍ଚା ହେଉଛି ।

## ମୃତବ୍ୟକ୍ତିଙ୍କୁ ଭତ୍ତା ମିଳୁଥିବା କଥାକୁ ଅସ୍ୱୀକାର କଲେ ଅଧିକାରୀ ଓ ସରପଂଚ

କନ୍ଧମାଳ,୧୨/୯ (ନି.ପ୍ର): ଦୁଇ ଗୋଷ୍ଠି କନ୍ଦଳରେ ପେଷି ହେଉଛନ୍ତି ସରକାରୀ ଅଫିସର । ତୁମୁଡିବନ୍ଧ ବ୍ଲକ ବେଲଘର ପଂଚାୟତରେ ଭତା ଟଙ୍କା ହଡପ ନେଇ ଦୁଇ ଗୋଷ୍ଠି ମଧ୍ୟରେ କାଦୁଆ ଫିଙ୍ଗା ଭିତରେ ଏବେ ସରକାରି ଅଧିକାରୀ ଓ କର୍ମଚାରୀ ମାନେ ହରଡଘଣାରେ ପଡିଛନ୍ତି । ଏହି ପଂଚାୟତରେ କିଛି ହିତାଧିକାରୀଙ୍କୁ ମୃତ୍ୟୁ ପରେ ବି ବାର୍ଦ୍ଧକ୍ୟ ଭତା ମିଳୁଥିବା ଏକ ଗୋଷ୍ଠୀ ଅଭିଯୋଗ କରିଛନ୍ତି । କିନ୍ତୁ ସେଭଳି କିଛି ଘଟି ନ ଥିବା ବ୍ଲକ ତଥା ପଂଚାୟତ କାର୍ଯ୍ୟାଳୟର ନଥିପତ୍ରରୁ ଜଣାପଡୁଛି । ଯେଉଁ ୪୭ ଜଣଙ୍କ ନାମରେ ଭତା ଟଙ୍କା ଉଠାଯାଇ ହଡପ କରାଯାଇଛି ବୋଲି କୁହାଯାଉଛି, ପ୍ରକୃତରେ ସେମାନଙ୍କ ମଧ୍ୟରୁ ୨୩ ଜଣ ଜିବିତ ଥିବା ପ୍ରକାଶ କରିଛନ୍ତି ପଂଚାୟତ ନିର୍ବାହୀ ଅଧିକାରୀ ଅକ୍ରୁର ମାଝୀ ଓ ସରପଂଚ ଗୀତାଂଜଳୀ ଜାନୀ । ଅନ୍ୟ ହିତାଧିକାରୀ ମାନଙ୍କ ଭତା ମଧ୍ୟ ଅନେକ ଦିନ ପୂର୍ବରୁ ବନ୍ଦ କରି ଦିଆଯାଇଥିବା ସେ ସୂଚନା ଦେଇଛନ୍ତି । ଏ ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ମଧ୍ୟ ସଂପୂର୍ଣ୍ଣ ଭିତିହୀନ ବୋଲି ସେ ପ୍ରକାଶ କରିଛନ୍ତି । ଠିକା କାମ କାମ ଜନିତ ବିବାଦକୁ ନେଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠିର ଲୋକେ ବର୍ତମାନର ସରପଂଚଙ୍କୁ ବିରୋଧ କରି ଉଦ୍ଦେଶ୍ୟମୂଳକ ଭାବରେ ଏଭଳି ଅଭିଯୋଗ ଆଣିଥିବା ସେ ଆମ ଆାଗରେ କହିଛନ୍ତି । ଏହି ଅଭିଯୋଗର ତଦନ୍ତ ବାଲିଗୁଡା ଉପଜିଲାପାଳ କରୁଥିବା ବେଳେ ତଦନ୍ତ ନ ସରିବା ପର୍ଯ୍ୟନ୍ତ ଏଭଳି କହିବା ଅସମିଚୀନ ବୋଲି ମତ ରଖିଛନ୍ତି ନିର୍ବାହୀ ଅଧିକାରୀ । ସେହିଭଳି ବେଲଘର ସରପଂଚ ଗୀତାଂଜଳୀ ଜାନୀ ମଧ୍ୟ ଏହି ଅଭିଯୋଗକୁ ଦୃଢ ଖଣ୍ଡନ କରି କହିଛନ୍ତି ଯେଉଁ ବ୍ୟକ୍ତି ମାନଙ୍କୁ ମୃତ ବୋଲି ଅଭିଯୋଗରେ ଦର୍ଶାଯାଇଛି ସେମାନଙ୍କ ମଧ୍ୟରୁ ୨୩ ଜଣ ଜୀବିତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଯେଉଁମାନେ ପ୍ରକୃତରେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ଭତା ଟଙ୍କା ପର୍ଯ୍ୟାୟ କ୍ରମେ ବନ୍ଦ କରାଯାଇଥିବା ସେ ପ୍ରକାଶ କରିଛନ୍ତି । କୋଭିଡ କଟକଣା ଚାଲି ଥୀବାରୁ ଭତା ଟଙ୍କା ହିତାଧିକାରୀଙ୍କୁ କାର୍ଯ୍ୟାଳୟକୁ ଡକାଇ ଦେବା ସମ୍ଭବ ହୋଇ ନ ଥିବାରୁ ସେମାନଙ୍କ ପରିବାର ବର୍ଗକୁ ଦିଆଯାଇଥିବା ସରପଂଚ କହିଛନ୍ତି । ଅଭିଯୋଗରେ ରୁକୁଣ୍ଣୀ ମାଝୀ, କୁସନ୍ତା ମାଝୀ, କୁଡୁକାଡୁ ମାଝୀ, ବାସାଡୁ ମାଝୀ, ତୁଅକୁଲା ମାଝୀ, ପ୍ରତିଭା ଦୋରା, ରାଜନ ମାଝୀ, ସୁଡାଡୁ ମାଝୀ, ଗାଣ୍ଡରାଡୁ ମାଝୀ, ପିତୁଲା ଜାନୀ, ଟାଙ୍ଗାରା ମାଝୀ।, ସରେଙ୍ଗାଡୁ ମାଝୀ, ମନ୍ଦାଦରୁ ମାଝୀଙ୍କ ଭଳି ହିତାଧିକରୀମ ମାନେ ମୃତ ବୋଲି ଦର୍ଶାଯାଇଥିବା ବେଳେ ଏମାନେ ସମସ୍ତେ ଜୀବିତ ଥିବା ସରକାରୀ ତଥ୍ୟରୁ ଜଣାପଡିଛି । ଏ ନେଇ ଅଭିଯୋଗ ପାଇବା ପରେ ଉପଜିଲାପଳ ଡ. ଶୁଭଙ୍କର ମହାପାତ୍ର ତୁରନ୍ତ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ମିଶ୍ରଙ୍କ ନେତୃତ୍ୱରେ ତୁମୁଡିବନ୍ଧ ବ୍ଲକ ସାମାଜିକ ଅଧିକାରୀ ମନୋଜ କୁମାର ସାହୁ ଯାଇ ଘଟଣାର ସଂପୂର୍ଣ୍ଣ ଓ ନିରପେକ୍ଷ ତଦନ୍ତ କରିଥିବା ଜଣାପଡିଛି । ତୁମୁଡିବନ୍ଧ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ରୀନା ପ୍ରଧାନ ଉପଖଣ୍ଡ ସ୍ତରୀୟ ତଦନ୍ତକୁ ସଂପୂର୍ଣ୍ଣ ରୂପେ ନିରପେକ୍ଷ କରିବାରେ ସହ ଯୋଗ କରିଛନ୍ତି । ଅପରପକ୍ଷେ, ଭତା ଟଙ୍କା ସଂପର୍କିତ ବିବାଦର ନିରପେକ୍ଷ ତଦନ୍ତ କରୁଥିବାରୁ ବିଡିଓ ରୀନା ପ୍ରଧାନଙ୍କୁ ଅଂଚଳର ବରିଷ୍ଠ ବ୍ୟକ୍ତି ଉମେଶ ଚନ୍ଦ୍ର ଦଣ୍ଡସେନା,ଗୋପାଳ ସାହୁ,ପରମା ବେହେରଦଳେଇ ପ୍ରମୁଖ ବିଡିଓଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଦୁର୍ଗାପୂଜା ସଂପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,୧୨/୯ (ନି.ପ୍ର): ଆସନ୍ତା ଦୁର୍ଗାପୂଜା ନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡି ଉପ ଜିଲ୍ଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ କୋଭିଡ ଗାଇଡ଼ ଲାଇନ ଜାରିହେବା ପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଛି । ପୂଜା ମଣ୍ଡପ ତିନି ପାର୍ଶ୍ୱ ବନ୍ଦ ରଖାଯିବ ଏବଂ ସମ୍ମୁଖ ପାର୍ଶ୍ୱ ପରଦା ଦ୍ୱାରା ଢଙ୍କା ଯିବ । କୌଣସି ଡାକବାଜି ଯନ୍ତ୍ର, ଶୋଭାଯାତ୍ରା, ଭୋଜିଭାତ, ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ଭକ୍ତଙ୍କୁ ମଣ୍ଡପ ନିକଟରେ ପୂଜା ଓ ଦର୍ଶନ ଉପରେ କଟକଣା ଲାଗୁ ହୋଇଛି । ସେହିପରି ମୂର୍ତ୍ତି ର ଉଚ୍ଚତା ୪ ଫୁଟ ମଧରେ ସୀମିତ ରଖିବାକୁ ମଧ ପ୍ରଶାସନ ପକ୍ଷରୁ କୁହାଯାଇଛି । ପୂଜକଙ୍କ ସମେତ କେବଳ ୭ ଜଣ କର୍ମକର୍ତ୍ତାଙ୍କୁ ପୂଜା ମଂଡପ ନିକଟରେ ରହିବାକୁ ଅନୁମତି ଦିଆଯିବ । ପ୍ରତ୍ୟେକଙ୍କୁ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥା ସହ ମଣ୍ଡପ ନିକଟରେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ । ପ୍ରତ୍ୟେକ ମଣ୍ଡପରେ ସଫେଇ ସହ ଆବଶ୍ୟକ ସ୍ଥଳେ ଆଲୋକିକରଣ ବ୍ୟବସ୍ଥା କରାଯିବ । ମଙ୍ଗଳାଘାଟ ନିକଟରେ ବିସର୍ଜନ ନିମନ୍ତେ କୃତ୍ରିମ ପୋଖରୀ ପାଖରେ ଆବଶ୍ୟକୀୟ ବନ୍ଦୋବସ୍ତ କରାଯିବ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି ।

## ପ୍ରେସକ୍ଲବ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ

ଗଞ୍ଜାମ,୧୨/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଂଚଳ ବାରାହୀ ପାହାଡ଼ ପାଦଦେଶ ସ୍ଥିତି ପ୍ରେସକ୍ଲବ ପକ୍ଷରୁ ପ୍ରେସକ୍ଲବ ଭବନ ପରିସରରେ କୋଭିଡ଼ କଟକଣା ମଧରେ ପକ୍ଷରୁ ବିଘ୍ନନାଶକ ଗଜାନନଙ୍କ ପୂଜାତ୍ସୋବ ପାଳନ କରାଯାଇଛି । ଅଗ୍ରପୂଜ୍ୟ ତଥା ବିଘ୍ନନାଶକ ଗଜାନନଙ୍କ ପୂଜାତ୍ସୋବ ଅବସରରେ ଶନିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରେସକ୍ଲବ ସମ୍ପାଦକ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ବିଶ୍ୱମ୍ଭର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ବାଦିକ ବିଭୁପ୍ରସାଦ ପଣ୍ଡା ବୈଠକର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ଆୟୋଜିତ ବୈଠକରେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରିଶେଷରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିମନ୍ତ୍ରିତ ଅତିଥି ଭାବେ ନଗର ବିଜେଡି ସଭାପତି ଭୀମସେନ ବେହେରା, ପ୍ରାକ୍ତନ ରାଜ୍ୟ ବିଜେପି ଉପସଭାପତି ଦେବାନନ୍ଦ ମହାପାତ୍ର, ପୂର୍ବତନ ନଗରପାଳ ହୃଦୟାନନ୍ଦ ମହାପାତ୍ର, ଶିବରାମ ଗଉଡ଼, ପୂର୍ବତନ ପୌର ଉପାଧକ୍ଷ ସୁବାଷ ଚନ୍ଦ୍ର ପୋଲାଇ, ଯୁବ ବିଜେଡ଼ି ସଭାପତି ସଞ୍ଜୟ ପଣ୍ଡା, ବିକାଶ ମଂଚ ସଭାପତି ପ୍ରମୋଦ ପଣ୍ଡା, ଅଜୟ ମହାରଣା, ଆଇନଜୀବି ମୁନା ସାବତ, ରାମଚନ୍ଦ୍ର ମହାପାତ୍ର, ନୃସିଂହ ପଟ୍ଟନାୟକ, ନିରଞ୍ଜନ ସାହୁ, କୋରାମଣି ରାଉଳ, ଶୁସାନ୍ତ ପ୍ରଧାନ, ଯୁଧିଷ୍ଠିର ସ୍ୱାଇଁ, ମାନସ ବେହେରା, କାହ୍ନୁ ଚୌଧୁରୀ, ପ୍ରଦୀପ ମହାରଣା, ରଞ୍ଜନ ପ୍ରଧାନ, ଶୁସାନ୍ତ ସାହୁ, ଜଗନ୍ନାଥ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

# ଶରୀର ପାଇଁ ଫିଜିଓଥେରାପିର ଆବଶ୍ୟକତା କ'ଣ ?



ଆମେ ଜାଣୁ ଯେ ମନ ସୁସ୍ଥ ରହିଲେ ହିଁ ଶରୀର ସୁସ୍ଥ ହୋଇ ରହିଥାଏ । ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ଯାହାକୁ ଜଣେ ବ୍ୟକ୍ତି ଯତ୍ନ ନେବା ଉଚିତ୍ । ତିନୋଟି ମୁଖ୍ୟ ଉପାଦାନ ଦ୍ୱାରା ଏକ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷଣାବେକ୍ଷଣ କରାଯାଇପାରିବ ଏବଂ ସେଗୁଡ଼ିକ ହେଉଛି ଖାଦ୍ୟ, ନିଦ୍ରା ଏବଂ ବ୍ୟାୟାମ । ବର୍ତ୍ତମାନ ଆମେ ଦିନକୁ ଦିନ ଜୀବନରେ ବହୁତ ବ୍ୟସ୍ତ ରହୁଛେ ଓ ଏହି ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସମୟରେ ଆମେ ଆମର ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଭୁଲିଯାଉଛେ । ଖାଦ୍ୟ ଓ ନିଦ୍ରା ସହ ଦୈନନ୍ଦିନ ବ୍ୟାୟାମ ଆମକୁ ସୁସ୍ଥ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ । ବ୍ୟାୟାମ କେବଳ ଆମର ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇନଥାଏ ବରଂ ମାନସିକ ସୁସ୍ଥତାକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ । ଏହି କୋଭିଡ୍ -୧୯ ମହାମାରୀ ସମୟରେ, ଘରୁ ଅଫିସ୍ କାର୍ଯ୍ୟ କରିବା ଦ୍ୱାରା କାନ୍ଧ, ବେକ ଏବଂ ପିଠିରେ ଯନ୍ତ୍ରଣା ହେଉଛି ଏବଂ ଏହା ଦିନକୁ ଦିନ ବୃଦ୍ଧି ପାଉଛି ।

ବସିବାର ସ୍ଥିତି ଯୋଗୁଁ ମୁଖ୍ୟତଃ ଯନ୍ତ୍ରଣା ହୁଏ । ଭୁଲ୍ ଢଙ୍ଗରେ ବସିବା ଯୋଗୁଁ ମାଂସପେଶୀ ଉପରେ ଚାପ ପଡିଥାଏ । ମାଂସପେଶୀ ଉପରେ ଦୀର୍ଘ ସମୟ ଧରି ଚାପ ପଡିବା ଦ୍ୱାରା ମାଂସପେଶୀକୁ ଦୁର୍ବଳ କରିଥାଏ । ମାଂସପେଶୀ-ସ୍କେଲେଟାଲ୍ ସିଷ୍ଟମରେ ବିଭିନ୍ନ ପ୍ରଦାହଜନକ ପରିବର୍ତ୍ତନ ହୁଏ । ଏହି ଅବସ୍ଥାରେ ରୋଗୀମାନେ ମଧ୍ୟମରୁ ପ୍ରବଳ ଯନ୍ତ୍ରଣା ଅନୁଭବ କରନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଷ୍ଟ୍ରେଚ୍, ଶରୀରର ସନ୍ତୁଳନ ଏବଂ ଫିଟନେସ୍ ବ୍ୟାୟାମ ଦ୍ୱାରା ଘରେ ଚିକିତ୍ସା କରାଯାଇପାରିବ ।

ଏସବୁ ପରେ ଯଦି ଯନ୍ତ୍ରଣା ଜାରି ରହେ, ତେବେ ଫିଜିଓଥେରାପିଷ୍ଟଙ୍କ ସହ ପରାମର୍ଶ କରିବା ଉଚିତ୍ । ଯନ୍ତ୍ରଣା ଉପଶମ କରିବାରେ ଫିଜିଓଥେରାପିଷ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏହି ଅବସ୍ଥାରେ ଥେରାପିଷ୍ଟର ମୁଖ୍ୟ କାର୍ଯ୍ୟ ହେଉଛି ଉପଯୁକ୍ତ ଥେରାପି ଯୋଗାଇବା, ରୋଗୀଙ୍କୁ ବିଭିନ୍ନ ପୁଷ୍ଟିକର ସପ୍ଲିମେଣ୍ଟ ଏବଂ ଜୀବନଶୈଳୀ ପରିବର୍ତ୍ତନ ପାଇଁ ପୁନରୁଦ୍ଧାର ଦିଗରେ ମାର୍ଗଦର୍ଶନ କରିବା । ଫିଜିଓଥେରାପିଷ୍ଟ କେବଳ ଯନ୍ତ୍ରଣା ଉପଶମ କରାଇବାରେ ପରାମର୍ଶ ଦେଇନଥାନ୍ତି ବରଂ ପକ୍ଷାଘାତ, ପାର୍କିନ୍ସନ୍ ରୋଗ, ଲିଗାମେଣ୍ଟସରେ ଆଘାତକୁ ଉପଶମ କରାଇବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

# ଆମାଜନରେ ଫୁଟନ୍ତା ନଦୀ



ପେରୁ ଦେଇ ପ୍ରବାହିତ ସୁଦୀର୍ଘ ଆମାଜନ ନଦୀର ଏକ ଉପନଦୀ ହେଉଛି 'ସାନାୟ-ଟିମ୍ପିସ୍କା' । ଏହାର ପାଣିର ତାପମାତ୍ରା ୪୫-୧୦୦ ଡିଗ୍ରି ରହୁଥିବାରୁ ଏହି ନଦୀକୁ 'ସୌର ତାପରେ ଫୁଟୁଥିବା ନଦୀ' କୁହାଯାଏ । ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ନଦୀରେ ପଡ଼ିଲେ ଯେକୌଣସି ଜୀବର ମୃତ୍ୟୁ ସୁନିଶ୍ଚିତ । ନଦୀର ପ୍ରାୟ ଚାରି ମାଇଲ୍ ଦୀର୍ଘ ଅଂଶରେ ପାଣି ଫୁଟନ୍ତା ଅବସ୍ଥାରେ ଥିବା ସହିତ ଜଳପୃଷ୍ଠକୁ ବାଷ୍ପର ଏକ ଆସ୍ତରଣ ଢାଙ୍କି ରହିଥାଏ । କେନ୍ଦ୍ରୀୟ ପେରୁର ମାୟାନ୍ତୁୟାକୁ ନାମକ ଅଞ୍ଚଳର ଆଦିବାସୀମାନେ ଏହି ନଦୀକୁ ସୁରକ୍ଷିତ ରଖିଛନ୍ତି ।

ସ୍ଥାନୀୟ କିଂବଦନ୍ତି ଅନୁସାରେ 'ୟାକୁମାମା' ନାମ୍ନୀ ବିଶାଳ ସର୍ପ ଦେବୀ ଏହି ଉତ୍ତପ୍ତ ପାଣିକୁ ଜନ୍ମ ଦେଇଥାନ୍ତି । ତେଣୁ ଏହାର ପାଣି ବିଭିନ୍ନ ରୋଗର ଉପଚାର କରିବାକୁ ସକ୍ଷମ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ । ପୃଥିବୀର ଅନେକ ସ୍ଥାନରେ ଫୁଟନ୍ତା ଜଳାଶୟ ରହିଛି, କିନ୍ତୁ ସେଗୁଡ଼ିକ ସାଧାରଣତଃ ସକ୍ରିୟ ଆଗ୍ନେୟଗିରି ନିକଟରେ ଅବସ୍ଥିତ । ଆଶ୍ଚର୍ଯ୍ୟର କଥା ଯେ ଏହି ନଦୀର ୪୦୦ ମାଇଲ୍ ପରିସୀମା ମଧ୍ୟରେ କୌଣସି ଆଗ୍ନେୟଗିରି ନାହିଁ । ଏହା ସତ୍ତ୍ୱେ କେଉଁଠାରୁ ଏତେ ମାତ୍ରାରେ ତାପଜ ଶକ୍ତି ମିଳୁଛି ତାହା ଅସ୍ପଷ୍ଟ ରହିଛି । କିଛି ଭୂବିଜ୍ଞାନୀଙ୍କ ମତ ଯେ ନଦୀ ନିକଟସ୍ଥ ଭୂପୃଷ୍ଠରେ ଫାଟର ଅବସ୍ଥିତି ଯୋଗୁଁ ବର୍ଷା ପାଣି ଭୂଗର୍ଭକୁ ଯାଇ ଉତ୍ତପ୍ତ ହୋଇଥାଏ ଏବଂ ପୁଣି ବିଭିନ୍ନ ଫାଟ ଯୋଗେ ଉପରକୁ ଉଠି ନଦୀରେ ମିଶିଥାଏ ।



# ଆଙ୍ଗୁଠି ଟଣା ଖେଳ

ଗୋଡ ଟଣାଟଣି କରିବା କଥା ଆପଣମାନେ ଜାଣିଥିବେ, କିନ୍ତୁ କେବେ ଆଙ୍ଗୁଠି ଟଣାଟଣି କରିବା କଥା ଶୁଣିଛନ୍ତି କି ? ଯଦି ନାଁ ତାହେଲେ ଆପଣଙ୍କୁ ଜର୍ମାନୀ ଯାଇ ଏହା ଦେଖିବା ନିଚ୍ଚିତ ଦରକାର । ଏଠାରେ ଶାବରୀୟ ରାଜ୍ୟର ବହୁଲୋକଙ୍କୁ ପରସ୍ପରର ଆଙ୍ଗୁଠି ଟାଣିବାର ଦେଖିବାକୁ ମିଳିବ । ସୂଚନାମୁତାବକ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ ଜର୍ମାନୀ, ଫିନଲ୍ୟାର୍ଡ, ଶାବରୀୟା ଆଦି ସ୍ଥାନରେ ବହୁ ବର୍ଷ ପୂର୍ବରୁ ହୋଇଥିଲା । ତେବେ ଆବରୀୟାର ଏକ ଗ୍ରାମରେ ଥିବା ଦୁଇ ପରିବାର ମଧ୍ୟରେ ବହୁ ଦିନ ଧରି ଚାଲିଥିବା ଏକ ବିବାଦକୁ ସମାଧାନ କରିବାକୁ ଯାଇ ଗାଁର ମୁଖିଆମନେ ଏକ ଭିନ୍ନ ରାସ୍ତା ବାଛିଥିଲେ । ସେମାନେ ଉଭୟ ପରିବାର ର ସଦସ୍ୟଙ୍କ ଭିତରେ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ କରିଦେଲେ । ତେବେ ଯେଉଁ ପକ୍ଷ ଏହି ଖେଳରେ ଜିତିଥିଲା ତାହାତରେ ସମାଧାନର ଭାର ରଖାଯାଇଥିଲା ଏବଂ ଏହା କରିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସମାଧାନର ବାଟ ବାହାରିବା ସହ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ହୋଇଥିଲା । ତେବେ ଧୀରେଧୀରେ ଏହି ଖେଳଟିର ଲୋକପ୍ରିୟତା ବଢ଼ିବାର ଲାଗିଲା ଏବଂ ଏହି ଖେଳକୁ ୟୁରୋପିୟନମାନେ ମଧ୍ୟ ଖେଳିବାକୁ ଲାଗିଲେ । ଏହି ଖେଳର ନାମଥିଲା "ଫିଙ୍ଗରଫାଇଟ୍", "ଫିଙ୍ଗରପୁଲିଙ୍ଗ", ଫିଙ୍ଗର ରେସ୍ଲିଙ୍ଗ" କିମ୍ବା "ଫିଙ୍ଗରହାକଲେନ" । ତେବେ ଏହି "ଫିଙ୍ଗରହାକଲେନ" ଖେଳର ଅଭ୍ୟାସ ସମୟରେ ଦୁଇ ବିପକ୍ଷ ଦଳ ପରସ୍ପରର ବୀପରିତ ଟେବୁଲରେ ବସନ୍ତି ଏବଂ ପ୍ରତିଦ୍ୱନ୍ଦୀ ଦଳ ଟେବୁଏର ବୀପରୀତ କୋଣକୁ ଆଙ୍ଗୁଠିକୁ ଧରି ଟାଣିବାକୁ ଚେଷ୍ଟା କରନ୍ତି । ତେବେ ଏହି ଖେଳଟିକୁ ଖେଳିବା ପାଇଁ ଟ୍ରେନିଂ ମଧ୍ୟ ଦିଆଯାଉଅଛି । ଲୋକମାନେ ଘଣ୍ଟ ଘଣ୍ଟା ଧରି ପରିଶ୍ରମ କରନ୍ତି ପରସ୍ପରକୁ ହରାଇବା ପାଇଁ ଏଥିସହ ନୂଆ ନୂଆ ପ୍ରଣାଳୀ ମଧ୍ୟ ଶିଖନ୍ତି ।



# ଜୁଲାଇ ମାସର ୮ ତାରିଖରେ ହସିଲେ ମୃତ୍ୟୁଦଣ୍ଡ ଭୋଗନ୍ତି ଏହି ଦେଶର ନାଗରିକ

ନିଜ ମନମୁତାବକ କେଶ କାଟିବା ଦ୍ୱାରା ଜେଲ ଯିବାକୁ ହେଉ ବା ନିର୍ଦ୍ଦିଷ୍ଟ ତାରିଖରେ ହସିଲେ ଏହି ଦେଶରେ ମୃତ୍ୟୁଦଣ୍ଡ ଭୋଗିବାକୁ ପଡିପାରେ । ବିଶ୍ୱରେ ଏମିତି ଏକ ଦେଶ ଅଛି ଯେଉଁଠାରେ ସାମାନ୍ୟ ଭୁଲ ପାଇଁ ମଧ୍ୟ ମୃତ୍ୟୁଦଣ୍ଡ ଦିଆଯାଇଥାଏ । ଆଜି ଆମେ ସେହି ଦେଶର କିଛି ନିଷ୍ଠୁର ଆଇନ ବାବଦରେ କହିବୁ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ଏହି ଦେଶ ହେଉଛି ଉତ୍ତର କୋରିଆ । କିମ ଜୋଙ୍ଗ-ଉନ ଏଠାକାର ଏକଛତ୍ରବାଦୀ ଶାସକ ହୋଇଥିବାବେଳେ ଉତ୍ତର କୋରିଆ ଏକ ରହସ୍ୟମୟ ଦେଶ ଭାବରେ ଗଣାଯାଏ । ଉଦାହରଣ ସ୍ୱରୂପ, ଯଦି ଏଠାରେ କରୋନା



ମହାମାରୀର ପ୍ରଭାବ ବିଷୟରେ ଆଲୋଚନା କରିବା, ତେବେ ରୋଗୀଙ୍କ ତଥ୍ୟ କିମ୍ବା ମୃତ୍ୟୁ ସଂଖ୍ୟା କେହି ଜାଣନ୍ତି ନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୃଷ୍ଟି ହୋଇଥିବା ଉତ୍ତର କୋରିଆର ଜନସଂଖ୍ୟା ଅଢେଇ କୋଟି ହୋଇଥିବାବେଳେ ୧୯୪୮ ପରଠାରୁ ଗୋଟିଏ ପରିବାରର ୩ ପୁରୁଷଙ୍କ ଦ୍ୱାରା ଶାସନ ଚାଲିଆସୁଛି ।

**କେତେ କଠୋର ନିୟମ ଜାଣନ୍ତୁ ?**

୧.ଏଠାରେ ମହିଳା ଏବଂ ପୁରୁଷଙ୍କ ପାଇଁ ଧାର୍ଯ୍ୟ ହୋଇଥିବା କେଶ ଶୈଳୀ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଛି । ଧାର୍ଯ୍ୟ ହେୟାର ଷ୍ଟାଇଲ ଛଡା ଅନ୍ୟ ଷ୍ଟାଇଲରେ କେହି କେଶ କାଟିପାରିବେ ନାହିଁ ।

୨. ସେହିପରି, ଜୁଲାଇ ୮, ୧୯୯୪ ରେ ଉତ୍ତର କୋରିଆର ପ୍ରତିଷ୍ଠାତା ତଥା ବର୍ତ୍ତମାନର ଏକଛତ୍ରବାଦୀ ଶାସକଙ୍କ ଜେଜେ କିମ ଇଲ-ସାଙ୍ଗଙ୍କର ଦେହାନ୍ତ ହୋଇଥିଲା । ତେଣୁ ଏହି ଦିନ ଏଠାରେ ହସିବା ଏକ ଦଣ୍ଡନୀୟ ଅପରାଧ । ଏଠାରେ ଲୋକମାନେ ଜୁଲାଇ ୮ରେ କୌଣସି ମନୋରଞ୍ଜନ କରିପାରିବେ ନାହିଁ । ଯିଏ ହସନ୍ତି ସେମାନଙ୍କୁ ମୃତ୍ୟୁଦଣ୍ଡ ଭୋଗିବାକୁ ପଡେ ।

୩. ସରକାରଙ୍କ ବିନା ଅନୁମତିରେ ଦେଶ ଛାଡିବାକୁ ବାରଣ କରାଯାଇଛି । ଏଠାରେ ନିୟମ ଏତେ କଠୋର ଯେ ଲୋକମାନେ ଦକ୍ଷିଣ କୋରିଆ ଯିବାକୁ ଚେଷ୍ଟା କରି ନିଜ ଜୀବନକୁ ବିପଦରେ ପକାନ୍ତି । ଯଦି କେହି ବିନା ଅନୁମତିରେ ଦେଶ ଛାଡି ଯିବାକୁ ଚାହାଁନ୍ତି ତେବେ ତାଙ୍କ ଉପରକୁ ଗୁଳି ଚଳାଇବାର ନିର୍ଦ୍ଦେଶ ରହିଛି ।

# ବିଶ୍ୱର ଉଚ୍ଚତମ ନଦୀପୋଲ



ପୃଥିବୀର ସବୁଠୁ ଉଚ୍ଚ ନଦୀପୋଲ ଏବେ ଆମ ଭାରତରେ ନିର୍ମାଣ ଚାଲିଛି । ଜାମ୍ମୁକାଶ୍ମୀରର ରିଆସି ଜିଲ୍ଲା ଅନ୍ତର୍ଗତ ବକ୍କାଲ ଓ କାଉରି ମଧ୍ୟରେ ଚେନାବ୍ ନଦୀ ଉପରେ ନିର୍ମାଣାଧୀନ ଏହି ନଦୀପୋଲ ଆସନ୍ତା ବର୍ଷ ଡିସେମ୍ବର ବେଳକୁ ଲୋକାର୍ପିତ ହେବ ବୋଲି ଆଶା କରାଯାଉଛି । ନଦୀଶଯ୍ୟା ଠାରୁ ୩୫୯ ମିଟର ବା ୧,୧୭୮ ଫୁଟ ଉଚ୍ଚ ତଥା ନଦୀର ଜଳସ୍ତର ଠାରୁ ୩୨୨ ମିଟର ବା ୧.୦୫୬ ଫୁଟ ଉଚ୍ଚରେ ଯାଇଥିବା ଏହି ପୋଲର ନିର୍ମାଣକାର୍ଯ୍ୟ ୨୦୧୭ ନଭେମ୍ବରରୁ ଆରମ୍ଭ ହୋଇଥିବା ବେଳେ ଗତ ଏପ୍ରିଲ ମାସରେ ଏହାର ଚାପ ନିର୍ମାଣ ସରିଛି । ଜାମ୍ମୁ ନିକଟ ଉଦ୍ଧାମପୁର ଓ କାଶ୍ମୀରର ବାରମୂଲାକୁ ସଂଯୋଗ କରୁଥିବା ଏହି ପୋଲର ମୋଟ ଦୈର୍ଘ୍ୟ ୧,୩୧୫ ମିଟର ଥିବା ବେଳେ ଚାପର ଦୈର୍ଘ୍ୟ ୪୮୦ ମିଟର ରହିଛି । ତେବେ ପାର୍ବତ୍ୟାଞ୍ଚଳରେ ମୂଳ ପୋଲ ନିର୍ମାଣ କରିବାର କଠିନତା ସାଙ୍ଗକୁ ଏହାର ସଂଯୋଗ ପାଇଁ ମୋଟ ୬୩ କିମିର ସଂଖ୍ୟାଧିକ ସୁଡ଼ଙ୍ଗ ଓ ସାଢ଼େ ୭ କିମି ଦୈର୍ଘ୍ୟର ଏକାଧିକ ଛୋଟ ଛୋଟ ପୋଲ ନିର୍ମାଣ ପରି କଷ୍ଟସାଧ କାର୍ଯ୍ୟ ମଧ୍ୟ ରହିଛି । ଭାରତୀୟ ରେଳବାଇ ଦ୍ୱାରା ନିର୍ମାଣ ଚାଲିଥିବା ଏହି ପୋଲର ବ୍ୟୟ ଅଟକଳ ୫୧୨ କୋଟି ଟଙ୍କା ରହିଛି ।

# ସାବଧାନ୍ ! : ସ୍ୱାସ୍ଥ୍ୟ ପାଇଁ ବର୍ଷା ଋତୁ ଅଧିକ ଘାତକ

କିଛି ଲୋକଙ୍କୁ ବର୍ଷା ଋତୁ ବହୁତ ପସନ୍ଦ ଆସିଥାଏ ତ କିଛି ଲୋକଙ୍କୁ ଏହା ଭଲ ଲାଗେ ନାହିଁ । ହେଲେ ଅଧିକାଂଶ ଲୋକ ଏହି ଋତୁକୁ ବ୍ୟଗ୍ରତାର ସହ ଅପେକ୍ଷା କରି ରହିଥାନ୍ତି । ବର୍ଷା ଆସିବା ମାତ୍ରକେ ଥଣ୍ଡା ପବନ ଓ ଚାରିଆଡ଼େ ସବୁଜ ନଜର ଆସିଥାଏ । କିନ୍ତୁ ଏହା ସହ ଏହି ଋତୁ ବିଭିନ୍ନ ରୋଗ ମଧ୍ୟ ସାଙ୍ଗରେ



ଆଣିଥାଏ ।

ଏହି ଋତୁରେ ଡେଙ୍ଗୁ, ମାଲେରିଆ, ଚିକେନଗୁନିଆ ଭଳି ରୋଗ ବ୍ୟାପିଥାଏ । ତେବେ କିଛି ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁସାରେ ବର୍ଷା ପାଗ ସବୁଠାର ଖରାପ । ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁଯାୟୀ, ସବୁ ଋତୁ ଠାରୁ ବର୍ଷା ଋତୁ ଲୋକଙ୍କ ପାଇଁ ବହୁତ ଘାତକ ହୋଇଥାଏ । ଏହି ଋତୁକୁ ନେଇ ଆୟୁର୍ବେଦିକ ଡାକ୍ତର ରେଖା ରାଧାମଣି ଏକ ଭିଡିଓ ଜାରି କରିଛନ୍ତି, ଯେଉଁଥିରେ ସେ ଏହି ଋତୁରେ ହେଉଥିବା ରୋଗ ଏବଂ ଏହାର ଉପଚାର କଥା କରିଛନ୍ତି ।

ଡାକ୍ତରଙ୍କ କହିବା ଅନୁସାରେ, ପ୍ରାୟତଃ ସବୁ ଋତୁରେ ଆମର ଶରୀର ଠିକ୍ ରହିଥାଏ, କିନ୍ତୁ ବର୍ଷା ଋତୁରେ ଶରୀରର ସନ୍ତୁଳନ ଅଧିକ ବିଗିଡ଼ି ଯାଇଥାଏ । ବର୍ଷା ଋତୁରେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖା ଦେଇଥାଏ । ଡାକ୍ତର ଜଣକ କହିଛନ୍ତି, ପ୍ରାୟ ସବୁ ଋତୁରେ ଆମେ ଦୋଷ ଅର୍ଥାତ୍ ବାୟୋଫିଜିକାଲ୍ ଏନର୍ଜି ରଖିଥାଉ, ଯାହା ଦ୍ୱାରା ଆମ ସ୍ୱାସ୍ଥ୍ୟ ଠିକ୍ ରହିଥାଏ । କିନ୍ତୁ ବର୍ଷା ଋତୁରେ ଏହାର ସନ୍ତୁଳନ ବିଗିଡ଼ି ଯାଇଥାଏ, ଯେଉଁ କାରଣରୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇଥାଏ । ଯେତେବେଳେ ଶରୀରରେ ଥିବା ଦୋଷ ଅର୍ଥାତ୍ ବାତ, ପିତ୍ତ ଓ କଫର ସନ୍ତୁଳତ ବିଗିଡ଼ି ଯାଏ, ଏହା ପରସ୍ପର ବିରୋଧରେ ଲଢ଼ନ୍ତି ଏବଂ ଏହା ଦ୍ୱାରା ଆମକୁ କ୍ରୋନିକ୍ ଡିଜିଜର ସମସ୍ୟା ହୋଇଥାଏ । ତେବେ କ୍ରୋନିକ୍ ଡିଜିଜକୁ ରକ୍ଷା ଏବଂ ଶରୀରକୁ ସୁସ୍ଥ ରଖିବା ପାଇଁ ପଞ୍ଚକର୍ମ, ସନ୍ତୁଳନ ଓ ହାଲୁକା ଆହାର ନେବା ଦରକାର ବୋଲି ଡାକ୍ତର ପରାର୍ମଶ ଦେଇଛନ୍ତି ।

ସୁସ୍ଥ ରହିବା ପାଇଁ ଡାକ୍ତର ଆୟୁର୍ବେଦର ପଞ୍ଚକର୍ମର ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ବର୍ଷା ଋତୁରେ ପଞ୍ଚକର୍ମ ଜରିଆରେ ଶରୀରର ଭିତରକୁ ସ୍ୱଚ୍ଛ କରାଯାଇଥାଏ । ଏହି ଥେରାପି ଶରୀରରେ ଏକ ନୂଆ ଉର୍ଜା ଦେବାର ଏକ ଆୟୁର୍ବେଦିକ ଉପଚାର । ଏହାଦ୍ୱାରା ଶରୀରର ଦୋଷ ଅସନ୍ତୁଳିତ ହୋଇନଥାଏ । ଏହାଦ୍ୱାରା ନା କେବଳ ଶରୀର ଓ ମନ ଭିତର ବିଶୁଦ୍ଧ ହୋଇଥାଏ ବରଂ ଏହା ଶରୀରର ସଂକ୍ରମଣ ସହ ଲଢ଼ିବା ପାଇଁ ପ୍ରସ୍ତୁତ କରିଥାଏ ।

ଏହି ପ୍ରକ୍ରିୟା ଶରୀରରେ ବିଷାକ୍ତ ପଦାର୍ଥକୁ ସଫା କରିବା ପାଇଁ ବ୍ୟବହୃତ କରାଯାଇଥାଏ । ଆୟୁର୍ବେଦ କହେ ଯେ ଅସନ୍ତୁଳିତ ଦୋଷ ଶରୀରରେ ସମସ୍ତ ପ୍ରକାରର ବିଷାକ୍ତ ପଦାର୍ଥ ସୃଷ୍ଟି କରିଥାଏ, ତେଣୁ ପଞ୍ଚକର୍ମ ଏଥିପାଇଁ ସର୍ବୋତ୍ତମ ଥେରାପି । ବର୍ଷାରେ ଦୋଷ ଅସନ୍ତୁଳନ ହେବା ଦ୍ୱାରା ଆମକୁ ହଜମ ସମ୍ବନ୍ଧିତ ସମସ୍ୟା ହୋଇଥାଏ ଏବଂ ଶାରୀରିକ ଦୁର୍ବଳତା ମଧ୍ୟ ଲାଗିଥାଏ । ସୂଚନାଯୋଗ୍ୟ, ଆୟୁର୍ବେଦ ଅନୁସାରେ କଫ ଦୋଷରେ ୨୮ ରୋଗ, ପିତ୍ତ ରୋଗରେ ୪୦ ରୋଗ, ବାତ ଦୋଷରେ ୮୦ ପ୍ରକାରର ରୋଗ ରହିଥାଏ । ଏଥିପାଇଁ ଆୟୁର୍ବେଦରେ ବାତ, ପିତ୍ତ ଓ କଫ ଆଦି ତ୍ରିଦୋଷକୁ ସନ୍ତୁଳିତ ରଖିବା ପାଇଁ ଆମକୁ ନିଜର ଉପଚାର ନିଜେ କରିବାକୁ ପଡ଼ିବ । ବିଶେଷକରି କୋଭିଡ୍ ଭଳି ମହାମାରୀ ସମୟରେ ଏସବୁକୁ ଧ୍ୟାନ ରଖିବା ଦରକାର । ଡାକ୍ତର ରେଖା କହିଛନ୍ତି ଯେ ବର୍ଷା ଋତୁରେ ଅତ୍ୟଧିକ କାମ କରିବାରୁ ଦୂରେଇ ରହିବା ଦରକାର । ଯଦି ଏହି ଋତୁରେ ମଧ୍ୟମ ଧରଣର ବ୍ୟାୟାମ ଜାରି ରଖନ୍ତି, ତାହେଲେ ଏହା ଭଲ ହେବ । ଏଥିରେ ଆପଣ ଯୋଗର ସାହାଯ୍ୟ ମଧ୍ୟ ନେଇପାରିବେ ।

# ଷ୍ଟଫଡ୍ ମସରୁମ୍

**ଆବଶ୍ୟକ ସାମଗ୍ରୀ:**

ବଟମ ଛତୁ, କର୍ଣ୍ଣଫ୍ଲୋର, ବେସନ, ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଲୁଣ, ତେଲ, କଟା କଞ୍ଚା ଲଙ୍କା, କଟା ପିଆଜ, ପନିର କୋରା, ଶୁଖିଲା ଲଙ୍କା, ଗୁଣ୍ଡ, କଟା କ୍ୟାପସିକମ, ଗୋଲମରିଚ ଗୁଣ୍ଡ ଓ ମକା ଓ ବ୍ରେଡକର୍ଣ୍ଣ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଟମ ଛତୁକୁ ଭଲ ଭାବରେ ଧୋଇ ରଖନ୍ତୁ । ପରେ ଛତୁର ଡେମ୍ଫକୁ ବାହାର କରି ଦିଅନ୍ତୁ । ଏହାପରେ ଏକ ପାତ୍ରରେ କର୍ଣ୍ଣଫ୍ଲୋର ନିଅନ୍ତୁ । ସେଥିରେ ବେସନ,ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଆଣ ପ୍ରସ୍ତୁତ କରନ୍ତୁ । ପରେ କରେଇରେ ତେଲ ଗରମ କରି ପ୍ରଥମେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜଟି ଟିକେ ଭାଜି ହେବାପରେ ସେଥିରେ କଟା କ୍ୟାପସିକମ, ପନିର କୋରା, କଟା କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ମକା ପକାନ୍ତୁ । ଏହାକୁ କିଛି ସମୟ ଭଲ ଭାବରେ ଭାଜନ୍ତୁ । ଏହା ଭାଜି ହେବା ପରେ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ବଟମ ଛତୁ ଭିତରେ ମସଲାକୁ ପୂରାଇ ପ୍ରସ୍ତୁତ ଆଣରେ ବୁଡ଼ାନ୍ତୁ ଏବଂ ଏହାକୁ ବ୍ରେଡକର୍ଣ୍ଣରେ ଗୋଳାଇ ଛାଣନ୍ତୁ । ପ୍ରସ୍ତୁତ ହୋଇଗଲା ଷ୍ଟଫଡ୍ ମସରୁମ୍ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଣି ଅଶାନ୍ତ ଆନ୍ଧ୍ର...

ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜ୍ୟ-ରାଜ୍ୟ ସମ୍ପର୍କ ପୂର୍ବଭଳି ରହୁନାହିଁ । ସେଥିପାଇଁ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଭିତରେ ବୁଝାମଣାରେ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଉଛି । ଏହା କୌଣସି ଭାବରେ ରାଜ୍ୟଗୁଡ଼ିକର ସ୍ୱାର୍ଥର ସୁରକ୍ଷା ତ' କରୁନାହିଁ, ଓଲଟି କ୍ଷତି ସାଧନ କରୁଛି । ଆର୍ଥିକ ଦୃଷ୍ଟିରୁ ରାଜ୍ୟ-ରାଜ୍ୟ ଭିତରେ ଯେମିତି କ୍ଷତିକାରଣ ସ୍ଥିତି ଉପୁଜିଛି, ସେମିତି ପାରସ୍ପରିକ ବିଦ୍ୱେଷ ସୃଷ୍ଟିର କାରଣ ହେଉଛି । ବିଭିନ୍ନ ରାଜ୍ୟର ଭୌଗୋଳିକ ସୀମା ହେଉ କିମ୍ବା ନଦୀଜଳ ବିବାଦ, ସେଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ସମୟରେ କମିଶନ ନିଯୁକ୍ତି କରାଯାଇଛି । ମାତ୍ର ବିବାଦର ଗମ୍ଭୀରତା ଏତେ ଅଧିକ ହୋଇଯାଉଛି, ଯେତେବେଳେ କି ତାହାର ସମାଧାନ ପାଇଁ କମିଶନ ସକ୍ଷମ ହେଉନାହିଁ । ଆମ ରାଜ୍ୟର ନିକଟ ପଡ଼ୋଶୀ ରାଜ୍ୟ ଭିତରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ସମୟାନ୍ତରରେ କିଛି ନା କିଛି ବିବାଦ ଉଙ୍କି ମାରୁଛି । ପୁରୁଣା ବିବାଦର ସମାଧାନ ତ' ହେଉନାହିଁ, ନୂଆ ନୂଆ ବିବାଦ ହେତୁ ସମ୍ପର୍କ ଅଧିକ ତିକ୍ତ ହେବାରେ ଲାଗିଛି । ସୀମା ବାହାରୁ ଅନ୍ୟ ରାଜ୍ୟର ଅନୁପ୍ରବେଶ, ଜଳବିବାଦ ସହିତ ଅନେକ ଜଟିଳ ପ୍ରସଙ୍ଗ ମୁଣ୍ଡ ଟେକୁଥିବା ଭିତରେ କେନ୍ଦ୍ର ସରକାର ତାଙ୍କର ଦାୟିତ୍ୱ ପାଳନପୂର୍ବକ ବିବାଦଲିପ୍ତ ରାଜ୍ୟମାନଙ୍କୁ ନିବୃତ୍ତ କରାଇବା ପାଇଁ ଉଦ୍ୟମ କରିବା ଆବଶ୍ୟକ । ଏମିତି ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଆମ ରାଜ୍ୟ ବିରୋଧରେ କରୁଥିବା ଦାଦାଗିରିର ଏକାଧିକ ପ୍ରମାଣ ରହିଛି । ତାହା ପୋଲାଭରମ୍ ପ୍ରକଳ୍ପ, କୋଟିଆ ଗ୍ରାମପୁଞ୍ଜ ଭଳି ଅନେକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ଦ୍ୱିପାକ୍ଷିକ ବୈଠକରେ ଆଲୋଚନା ଜରିଆରେ ସମାଧାନର ରାସ୍ତା ବାହାର କରାଯିବା ସମ୍ଭବ ହେଉନାହିଁ । ଏଥିପାଇଁ ଆବଶ୍ୟକ ପ୍ରଶାସନିକ ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପ୍ରମୁଖ ପ୍ରତିବନ୍ଧକ ସାଜୁଛି । ବିବାଦ ଲାଗି ରହିବା କୌଣସିମତେ ନା' ଓଡ଼ିଶାର ନା' ଆନ୍ଧ୍ରର ସ୍ୱାର୍ଥରେ ଅନୁଗୂଳ ନୁହେଁ । ନିକଟରେ ଓଡ଼ିଶାର ଇଲାକା ଭିତରେ ଆନ୍ଧ୍ର ମନ୍ତ୍ରୀଙ୍କ ଦାଦାଗିରି ସାମ୍ନାକୁ ଆସିଛି । ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣାରେ ଘଟିଯାଇଛି ଅଘଟଣ । ଅନ୍ଧ୍ର ମନ୍ତ୍ରୀ ଏସ୍. ଆପଲାରାଜୁ ସ୍ୱୟଂ ଓଡ଼ିଶାର ମାମଲାରେ ନାକ ଗଳାଇ ବିବାଦ ସୃଷ୍ଟି କରିଛନ୍ତି । ଏପରିକି ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଧମକପୂର୍ଣ୍ଣ ବ୍ୟବହାର କରି ମାଣିକପାଟଣାରେ ଅସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ଜରିଆରେ ଦାଦାଗିରି ଦେଖାଇଛନ୍ତି । ଅତିରିକ୍ତ ଜିଲ୍ଲାପାଳଙ୍କୁ ଉଠାଇନେବାର ଧମକ କେବଳ ଗଜପତି ଜିଲ୍ଲାରେ ନୁହେଁ, ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କ ଭିତରେ ସୃଷ୍ଟି କରିଛି ତୀବ୍ର ପ୍ରତିକ୍ରିୟା । ମାଣିକପାଟଣାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଯିବା ଓ ଭଙ୍ଗାଯିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ତିକ୍ତତାକୁ ବଢ଼ାଇ ଦେଇଛି । ଏହି ଏକମାତ୍ର ଘଟଣା ନୁହେଁ, ପୂର୍ବରୁ କୁଟିଆ ଗ୍ରାମପୁଞ୍ଜ ଓ ଅନ୍ୟ ସ୍ଥାନଗୁଡ଼ିକରେ ଆନ୍ଧ୍ର ସରକାର ଲୋକମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ଏବଂ ଭୋଟ ସମୟରେ ଅଧିବାସୀଙ୍କୁ ଭୋଟ ଦେବାପାଇଁ ପ୍ରବର୍ତ୍ତାଇବା ଭଳି ଅନୁଚିତ୍ କାର୍ଯ୍ୟ କରି ନ୍ୟାୟାଳୟଠାରୁ ଭର୍ତ୍ସନା ଆକର୍ଷଣ କରିଛନ୍ତି । ପୋଲାଭରମକୁ କେନ୍ଦ୍ର ସରକାର ଜାତୀୟ ପ୍ରକଳ୍ପ ଘୋଷଣା କରିବା ପରେ ନିର୍ମାଣ କାର୍ଯ୍ୟ ଅବାରିତ ଆଗେଇ ଚାଲିଥିବାରୁ ତାହା ଉଭୟ ତେଲଙ୍ଗନା ଓ ଓଡ଼ିଶା ପାଇଁ କ୍ଷତିକାରକ ସାଜିଛି । ମାତ୍ର କେନ୍ଦ୍ର ସରକାର ଏ ବାବଦରେ ହସ୍ତକ୍ଷେପ କରି ସକାରାତ୍ମକ ଭୂମିକା ନିର୍ବାହ କରିଲେ ଯାଇ ଉତ୍ପନ୍ନ ସଙ୍କଟର ଅବସାନ ହେବ ଏବଂ ସ୍ଥିତି ସ୍ୱାଭାବିକ୍ ହେବ । ଏଭଳି ଦାଦାଗିରି ବିବାଦକୁ ତେଜାଇଦେବ ସିନା, ସଙ୍କଟର ସମାଧାନ ପାଇଁ ଶୋଭନୀୟ ପନ୍ଥା ହେବନାହିଁ । ମାତ୍ର ଦୁଇ ରାଜ୍ୟ ସରକାର କିଭଳି ସମସ୍ୟାକୁ ଦେଖୁଛନ୍ତି, ତାହା ଉପରେ ବହୁ କଥା ନିର୍ଭର କରୁଛି । ରାଜ୍ୟଗୁଡ଼ିକର ନେତୃତ୍ୱର ଅଜାଣତରେ ଏଭଳି ଅବାଂଛିତ ଆଚରଣ କରୁଥିବାର ବ୍ୟକ୍ତି ଓ ପ୍ରଶାସନ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଥିବାରୁ ଜରୁରି ହସ୍ତକ୍ଷେପ ଆବଶ୍ୟକ ପଡୁଛି । ହୋଇପାରେ ସରକାର ଗୁଡ଼ିକର ଉଦାସୀନ ଦୃଷ୍ଟିଭଙ୍ଗୀର ସୁଯୋଗରେ କିଛି ମନ୍ତ୍ରୀ ତଥା ପ୍ରଶାସନିକ ଅଧିକାରୀ ହାକିମାତି ଦେଖାଇ ଏପରି କରୁଥାଇ ପାରନ୍ତି । ଅନ୍ୟ ରାଜ୍ୟର ମାମଲାରେ ନାକ ଗଳାଇ ଆଧାର କାର୍ଡ ବାଣ୍ଟିବାଠାରୁ ଜନଗଣନାରେ ସାମିଲ କରିବା ଭଳି ଅବାଂଛିତ କାର୍ଯ୍ୟ ତାହାର ଅଂଶବିଶେଷ ବୋଲି ଧରାଯାଇପାରେ । ସୁତରାଂ, ବିବାଦରତ ରାଜ୍ୟ ବ୍ୟାପାରରେ କେନ୍ଦ୍ରର ହସ୍ତକ୍ଷେପ ଅଧିକ ସମସ୍ତଙ୍କ ସ୍ୱାର୍ଥରେ ଜରୁରି ।

## ବଢ଼ୁଛି ବେରୋଜଗାରୀ ମହାମାରୀ




ଗୋପାଳ ମହାପାତ୍ର


ସରକାର ରୋଜଗାର ସୁବିଧା ସୃଷ୍ଟି କରିବା ପାଇଁ ନିୟମ ପ୍ରଣୟନ କରିବା କଥା। କିନ୍ତୁ ବିକାଶ ଦର ହାସଲ ପାଇଁ ସବୁମନ୍ତେ ଉଦ୍ୟମ କରୁଛନ୍ତି। ନୀତି ନିର୍ଦ୍ଧାରଣ କରୁଥିବା ଲୋକଙ୍କ ମତ ହେଉଛି ବିକାଶ ଦର ବଢ଼ିଲେ ରୋଜଗାର ବା ନିଯୁକ୍ତି ସୁଯୋଗ ଅଧିକ ଭାବେ ସୃଷ୍ଟି ହେବ। ଅର୍ଥନୀତିର ଏହି ପଦ୍ଧତି କିନ୍ତୁ ବହୁ ପୂର୍ବରୁ ବିଫଳ ହୋଇଛି। ଆମେ ଏବେ ରୋଜଗାର ବିହୀନ ବିକାଶ ଦରର ସମୟରେ ଗତି କରୁଛେ। କରୋନା ମହାମାରୀ ସହ ବଞ୍ଚିବାର ଅଭ୍ୟାସ କରିନେବା ପରେ ଲାଗୁଛି ଯେମିତି ଆମକୁ ବେରୋଜଗାରୀ ସହ ମଧ ବଞ୍ଚିବାର ଅଭ୍ୟାସ କରିବାକୁ ପଡ଼ିବ। ଯେମିତି ଔଷଧ, ଅକ୍ସିଜେନ୍ ଏବଂ ଟିକା ବିନା ମହାମାରୀରୁ ବଞ୍ଚିବା କଷ୍ଟକର ଠିକ୍ ସେମିତି ବେରୋଗାରୀକୁ ଆପଣେଇ ବଞ୍ଚିବା ମଧ କଷ୍ଟକର। ମହାମାରୀ ପାଇଁ ଟିକା ଆବିଷ୍କାର ହୋଇଗଲା କିନ୍ତୁ ବେରୋଜଗାରୀର ବିଲୋପ ପାଇଁ କୌଣସି ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇପାରିନାହିଁ। ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ମଧ ଦେଖାଯିବ ନାହିଁ। ମହାମାରୀ ଠାରୁ ଆହୁରି ପାଦେ ଆଗେଇଲାଣି ବେରୋଜଗାରୀ। ମହାମାରୀର ପ୍ରଭାବ କମିଛି ହେଲେ ବେରୋଜଗାରୀ ବଢ଼ିଛି। କରୋନା ମହାମାରୀ କାରଣରୁ କୋଟି କୋଟି ଲୋକ ରୋଜଗାର ହରାଇଥିଲେ। ଏବେ ବି ସେମାନଙ୍କୁ ରୋଜଗାର ସୁବିଧା ମିଳିପାରିନାହିଁ। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମଆଇଇ)ର ତଥ୍ୟ ଅନୁସାରେ ଗତ ଜୁଲାଇ ମାସରେ ୩୨ ଲକ୍ଷ ବେତନଭୋଗୀ କର୍ମଚାରୀଙ୍କ ଚାକିରି ଚାଲିଯାଇଛି। ଅଗଷ୍ଟ ମାସରେ ମଧ ବେରୋଜଗାରୀ ହାର କ୍ରମାଗତ ଭାବେ ୭ପ୍ରତିଶତରୁ ଅଧିକ ରହିଛି।

ନୀତିଗତ ତ୍ରୁଟିବିଚ୍ୟୁତି କାରଣରୁ ପୂର୍ବରୁ ମଧ ବେରୋଜଗାରୀ ଏକ ସମସ୍ୟା ଭାବେ ଉଭା ହୋଇଥିଲା। ମହାମାରୀ ଏହି ସ୍ଥିତିକୁ ଅଧିକ ଖରାପ କରି ଦେଇଛି। ବିକାଶ ଦରବୃଦ୍ଧିର ହିସାବକୁ ଦେଖିଲେ ସ୍ପଷ୍ଟ ଯେ ମହାମାରୀ ବେଳେ ୩ ପ୍ରତିଶତ ଲୋକଙ୍କର ଆୟ ବଢ଼ିଛି ବାକି ଲୋକ ମହାମାରୀ ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଦେଶରେ ବେରୋଜଗାରୀ ବଢ଼ିଛି ଓ ଦରିଦ୍ର ଲୋକଙ୍କ ସଂଖ୍ୟା ମଧ ବଢ଼ିଛି। ଦେଶରେ ବିକାଶ ହାର ବୃଦ୍ଧି ଦିଗରେ ସରକାରେ ୨୦୧୬ ନଭେମ୍ବର ୮ତାରିଖରେ ବିମୁଦ୍ରୀକରଣ, ୨୦୧୭ ଜୁଲାଇ ୧ତାରିଖରେ ଜିଏସଟି ବ୍ୟବସ୍ଥା କରିଥିଲେ। ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ସରକାର ନେଇଥିବା ଏଦୁଇଟି ବଡ଼ ପଦକ୍ଷେପ ମଧ ତାର ଉଦ୍ଦେଶ୍ୟ ହାସଲ କରିପାରିନାହିଁ। ଏ ଦୁଇ ବ୍ୟବସ୍ଥା ପରେ ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ମଧ୍ୟରେ ବେରୋଜଗାରୀ ହାର ୪୫ ବର୍ଷ ତଳର ଅବସ୍ଥାକୁ ଖସିଆସିଥିଲା ଅର୍ଥାତ୍ ୬.୧ ପ୍ରତିଶତରେ ପହଞ୍ଚିଥିଲା। ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ ବିଭାଗ (ଏନଏସଏସଓ) ତାର ରିପୋର୍ଟରେ ୬.୧ପ୍ରତିଶତ ପରିବର୍ତ୍ତେ ୮.୯ପ୍ରତିଶତ ବେରୋଜଗାରୀ ହାର ବୋଲି ଉଲ୍ଲେଖ କରିଥିଲା। ଏହାପରେ ଜୁଲାଇ ୨୦୧୮ରୁ ଜୁନ୍ ୨୦୧୯ ମଧ୍ୟରେ ବେରୋଜଗାରୀ ହାର ସାମାନ୍ୟ ସୁଧୁରିଥିଲା ଏବଂ ଏହା ୫.୮ପ୍ରତିଶତକୁ ଚାଲିଆସିଥିଲା। କିନ୍ତୁ ଗତବର୍ଷ ମହାମାରୀ କରୋନା ଅବସ୍ଥାକୁ ଅଧିକ ଖରାପ କରିଦେଇଥିଲା। ଭାରତର ବେରୋଜଗାରୀ ସ୍ଥିତି ପଡ଼ୋଶୀ ଦେଶ ମାନଙ୍କ ଠାରୁ ମଧ ଖରାପ ସ୍ତରକୁ ଆସିଯାଇଥିଲା। ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ)ର ତଥ୍ୟ କହୁଛି ଯେ, ୨୦୨୦ ମସିହା ବେଳେ ଭାରତର ବେରୋଜଗାରୀ ହାର ୭.୧୧ପ୍ରତିଶତ ଥିବାବେଳେ ଚୀନରେ ଏହି ହାର ୫ପ୍ରତିଶତ, ବଙ୍ଗଳାଦେଶରେ ୫.୩୦ପ୍ରତିଶତ, ପାକିସ୍ତାନରେ ୪.୬୫ପ୍ରତିଶତ, ଶ୍ରୀଲଙ୍କାରେ ୪.୪୮ପ୍ରତିଶତ, ନେପାଳରେ ୪.୪୪ପ୍ରତିଶତ ଏବଂ ଭୁଟାନରେ ଏହି ହାର ୩.୭୪ପ୍ରତିଶତ ଥିଲା। ବିଶ୍ୱ ସ୍ତରର କଥା କହିଲେ ୨୦୨୦ରେ ବୈଶ୍ୱିକ ହାର ୭ପ୍ରତିଶତରୁ ଅଧିକ ରହିବ ବୋଲି ଏବେଠାରୁ ବିଶେଷଜ୍ଞମାନେ ଅନୁମାନ ଲଗାଇଲେଣି।

ଆମ ଦେଶ ଭାରତରେ ବେରୋଜଗାରୀ ହହାର ବଢ଼ିବା ପଛରେ ଏକ ବଡ଼ କାରଣ ହେଉଛି ସାର୍ବଜନିକ କ୍ଷେତ୍ରର ଉପକ୍ରମ ଗୁଡିକର ସଂଖ୍ୟା କମିବାରେ ଲାଗିଛି। ଯେଉଁ ଦେଶର ସାର୍ବଜନିକ କ୍ଷେତ୍ରର ଉପକ୍ରମ ଗୁଡିକ ଯେତେ ମଜଭୁତ ସେ ଦେଶର ବେରୋଜଗାରୀ ହାର ସେହି ଅନୁସାରେ କମ୍। ସାର୍ବଜନିକ କ୍ଷେତ୍ର ପ୍ରସଙ୍ଗରେ ଭାରତର ସ୍ଥିତି ଅନ୍ୟ ଦେଶମାନଙ୍କ ତୁଳନାରେ ଅତ୍ୟନ୍ତ ଖରାପ। ଆନ୍ତର୍ଜାତିକ ଶ୍ରମ ସଂଗଠନର ତଥ୍ୟ ଅନୁସାରେ ଭାରତର ସମୁଦାୟ ଶ୍ରମ ଶକ୍ତିର ମାତ୍ର ୩.୮ପ୍ରତିଶତ ସାର୍ବଜନିକ କ୍ଷେତ୍ରରେ କାର୍ଯ୍ୟରତ। ପଡ଼ୋଶୀ ଦେଶ ପାକିସ୍ତାନରେ ଏହି ହାର ସାଢେ ସାତ ପ୍ରତିଶତ ଥିବାବେଳେ ବଙ୍ଗଳାଦେଶରେ ଏହି ହାର ପାଖାପାଖି ୮ପ୍ରତିଶତ। ରୋଜଗାର ପ୍ରସଙ୍ଗରେ ସାର୍ବଜନିକ କ୍ଷେତକୁ ଉତ୍ତମ ବୋଲି ଏଇଥିପାଇଁ କୁହାଯାଏ ଯେ, ଘରୋଇ ଉଦ୍ୟୋଗ ବା ସଂସ୍ଥା ଅପେକ୍ଷା ସାର୍ବଜନୀକ କ୍ଷେତ୍ରର ଉପକ୍ରମରେ ନିଯୁକ୍ତି (ଚାକିରି) ଅଧିକ ସୁରକ୍ଷିତ । ସଙ୍କଟ ସମୟରେ ଏହି ସାର୍ବଜନିକ କ୍ଷେତ୍ର ମଧ ସହାୟତା ଯୋଗାଇ ଦେଇଥାଏ। କରୋନା ମହାମାରୀ ସମୟରେ ଏକଥା ମଧ ସ୍ପଷ୍ଟ ହୋଇଯାଇଛି। କିନ୍ତୁ ଦୁଃଖଦ ଘଟଣା ହେଉଛି ଏବେ ଆମ ନୀତି ନିୟନ୍ତାମାନେ ଘରୋଇ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଯାହାର ଉଦ୍ଦେଶ୍ୟ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନୁହେଁ ବରଂ ଅଧିକ ଲାଭ ଉଠାଇବା। ସାର୍ବଜନୀକ କ୍ଷେତ୍ରର ସଂଖ୍ୟା କମିବାରେ ଲାଗିଛି ଓ ଯେଉଁ କେତେକ ସଂସ୍ଥା ରହିଛି ସେ ସବୁରେ ନିଯୁକ୍ତି ସୁଯୋଗ ମଧ କମ୍ ରହିଛି। ଏକ ଅଧୟନ ଅନୁସାରେ ଦେଶଷର ଏବେ ୬୦ଲକ୍ଷ ପଦବୀ ପୂରଣ ନହୋଇ ପଡିରହିଛି। କେବଳ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଗୁଡିକରେ ୮ଲକ୍ଷ ୭୨ହଜାରରୁ ଅଧିକ ପଦବୀ ରହିଛି ଯେଉଁ ପଦବୀରେ କାହାରିକୁ ନିଯୁକ୍ତି ଦିଆଯାଉନାହିଁ। ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କର ନିଯୁକ୍ତି ହାର ୩ବର୍ଷ ତଳର ସ୍ତରରେ ପହଞ୍ଚିଛି। ରାଷ୍ଟ୍ରୀୟ ପେନସନ୍ ପ୍ରଣାଳୀ (ଏନପିଏସ୍)ର ତଥ୍ୟ ଅନୁସାରେ କେନ୍ଦ୍ର ସରକାରୀ ସଂସ୍ଥା ମାନଙ୍କରେ ନିଯୁକ୍ତି ୨୭ପ୍ରତିଶତ ହ୍ରାସ ପାଇଥିବାବେଳେ ରାଜ୍ୟ ମାନଙ୍କରେ ଏହି ହାର ୨୧ପ୍ରତିଶତ କମ୍ ରହିଛି।

ଦେଶର ପାଖାପାଖି ୧୯ପ୍ରତିଶତ ଶ୍ରମ ଶକ୍ତି ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ। ଏଥିମଧରୁ ୪ପ୍ରତିଶତ ସାର୍ବଜନିକ ଉପକ୍ରମରେ କାର୍ଯ୍ୟରତ ଥିବାବେଳେ ୧୫ପ୍ରତିଶତ ଘରୋଇ ସଂସ୍ଥା ମାନଙ୍କରେ କାର୍ଯ୍ୟରତ ଅଛନ୍ତି। ବାକି ୮୧ପ୍ରତିଶତ ଶ୍ରମ ଶକ୍ତି ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଶ୍ରମ ଶକ୍ତି ଏହି ୮୧ପ୍ରତିଶତଙ୍କ ପାଖରେ କେବେ କାମ ଅଛିତ ଆଉ କେବେ କାମ ନାହିଁ। ଏମାନେ କେମିତି ଅଛନ୍ତି ଓ ଏମାନଙ୍କ ସ୍ଥିତି କ'ଣ ସେ ପ୍ରସଙ୍ଗରେ ସରକାରଙ୍କ ନିକଟରେ କୌଣସି ତଥ୍ୟ ନାହିଁ। ଅର୍ଥାତ୍ ଏମାନେ ନିଯୁକ୍ତି କ୍ଷେତ୍ରରେ ସୁରକ୍ଷିତ ନୁହଁନ୍ତି। ଅସଂଗଠିତ କ୍ଷେତ୍ରର ଏହି ଶ୍ରମଶକ୍ତିର ଅର୍ଦ୍ଧାଧିକ କୃଷି କ୍ଷେତ୍ରରେ କାର୍ଯ୍ୟରତ। କୃଷି କ୍ଷେତ୍ରରେ ବର୍ଷସାରା କାମ ମିଳିବା ମଧ୍ୟ ଅସମ୍ଭବ। ନିକଟରେ ପିଏଲଏଫଏସ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୧୯ ଜୁଲାଇ ଠାରୁ ୨୦୨୦ ଜୁନ ମଧ୍ୟରେ କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସଂଖ୍ୟା ବଢ଼ିଛି ଏହା ୪୫.୬ ପ୍ରତିଶତରେ ପହଞ୍ଚିଛି। ୨୦୧୮-୧୯ରେ ଏହା ୪୨.୫ ପ୍ରତିଶତ ଥିଲା। କୁମରସ୍ ପିରମିଡ୍ସ ହାଉସ ହୋଲ୍ଡ ସର୍ଭେ (ସିପିଏଚଏସ୍)ର ରିପୋର୍ଟରେ କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମ ଶକ୍ତି ୨୦୧୮-୧୯ରେ ୩୧.୬ ପ୍ରତିଶତ ଥିବା ଉଲ୍ଲେଖ କରାଯାଇଛି। କୃଷି କ୍ଷେତ୍ରରେ କାର୍ଯ୍ୟରତଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ହେଉଛନ୍ତି ମହିଳା। ଦେଶର ସମସ୍ତ ମହିଳା ଶ୍ରମ ଶକ୍ତିର ୬୦ପ୍ରତିଶତ କୃଷି କ୍ଷେତ୍ରରେ କାର୍ଯ୍ୟରତ।

କେରାନା ମହାମାରୀ କାରଣରୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଛି। ଆଶା କରାଯାଉଥିଲା କରୋନାର ପ୍ରଭାବ କମିବା ପରେ ସବୁ କିଛି ଠିକ୍ ଠାକ୍ ହୋଇଯିବ କିନ୍ତୁ କରୋନାର ଦ୍ୱିତୀୟ ଲହର ସବୁ ଆଶାକୁ ଧୂଳିସାତ କରିଦେଇଛି। ସିଏମଆଇଇର ତଥ୍ୟ ଅନୁସାରେ ୨୦୨୦ ଜୁଲାଇ ଠାରୁ ୨୧୨୧ ଜୁନ୍ ମଧରେ ଅନ୍ୟ କ୍ଷେତ୍ରମାନଙ୍କରେ କାର୍ଯ୍ୟରତ ଶ୍ରମିକମାନେ କୃଷି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ବାଧ ହେଉଛନ୍ତି। କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସଂଖ୍ୟା ୩୮ପ୍ରତିଶତରୁ ୩୯.୪ପ୍ରତିଶତକୁ ବଢ଼ିଛି। ବିନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସଂଖ୍ୟା ୯.୪ପ୍ରତିଶତରୁ ୭.୩ପ୍ରତିଶତକୁ ହ୍ରାସ ପାଇଛି। କରୋନା ପରେ ଆର୍ଥିକ ଗତିବିଧି ବଢ଼ିବା ପରେ ଅସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇପାରେ କିନ୍ତୁ ଶ୍ରମିକଙ୍କ ବେତନ ପୂର୍ବ ଠାରୁ କମ୍ ମିଳିବ। ଏସବୁ ପରେ ମଧ ସରକାର କର୍ପୋରେଟ୍ କ୍ଷେତ୍ରଗୁଡିକୁ ମଜଭୁତ କରିବା ଦିଗରେ ଅଧିକ ଧ୍ୟାନ ଦେଉଛନ୍ତି। ଏହା ବିକାଶ ଦର ହାସଲ କରିବାରେ ସହାୟକ ହୋଇପାରେ କିନ୍ତୁ ରୋଜଗାର ସୁବିଧା ସୃଷ୍ଟି କରିପାରିବ ନାହିଁ। ଏଣୁ ଦେଶରେ ବେରୋଜଗାରୀର ମହାମାରୀ ରହିବ ହିଁ ରହିବ।


+ ରାମଚନ୍ଦ୍ରପୁର
ରଣପୁର
(ମୋ)୯୪୩୪୪୮୫୦୯୪


## ଚୀନ୍‌ର ସାମୁଦ୍ରିକ ରଣ କୌଶଳ




ଡକ୍ଟର ଲକ୍ଷ୍ମଣ ସାହୁ


ଆନ୍ତର୍ଜାତୀୟ ସାମୁଦ୍ରିକ ଆଇନର ମିଳିତ ପାର୍ଟିକୁ ଚ୍ୟାଲେଞ୍ଜ କରିବାକୁ ଚିନ୍ ସଂକଳ୍ପବଦ୍ଧ ହୋଇଛି । ସେ ଏ ଦିଗରେ ଏକ ବଡ ପଦକ୍ଷେପ ନେଇ ଦକ୍ଷିଣ ଚୀନ୍ ସାଗର ଓ ପୂର୍ବ ଚୀନ୍ ସାଗରରେ ଏକ ମସ୍ତବଡ ସାମୁଦ୍ରିକ ନିୟମ କାର୍ଯ୍ୟକାରୀ କରିଛି । ଏହି ନିୟମଗୁଡିକ ମାଧ୍ୟମରେ ଚୀନ୍ ଅନ୍ତର୍ଜାତୀୟ ସମୁଦ୍ରରେ ହସ୍ତକ୍ଷେପକୁ ସିଧାସଳଖ ବୃଦ୍ଧି କରି ବିସ୍ତାରବାଦୀ ନୀତି ପ୍ରଣୟନ କରୁଛି । ଏହି ନୂତନ ସାମୁଦ୍ରିକ ନିୟମ ଅନୁଯାୟୀ ଚୀନ୍‌?ର ସାମୁଦ୍ରିକ ସୀମା ଦେଇ ଯାଉଥିବା ସମସ୍ତ ଜାହାଜକୁ ଚୀନ୍ କ ୍ପକ୍ଷଙ୍କୁ ସମସ୍ତ ପ୍ରକାର ସୂଚନା ଦେବାକୁ ପଡ଼ିବ । ଯଦି କୌଣସି ବିଦେଶୀ ଜାହାଜ ଚୀନ୍‌?କୁ ଅନୁରୋଧ କରାଯାଇଥିବା ସୂଚନା ପ୍ରଦାନ ନକରେ, ତା'ହେଲେ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱ-ପ୍ରଶାସନ ରହିବ । ବାସ୍ତବରେ ଚୀନ୍ ନିଜେ ସାମୁଦ୍ରିକ ପରିବହନ ପାଇଁ ଏହି ନିୟମ ଲାଗୁ କରିଛି । ଏହି ଆଇନର ବାହାନା କରି ଚୀନ୍ ଦକ୍ଷିଣ ଚୀନ୍ ସାଗରର ଅନ୍ୟ ଦେଶକୁ ସାମୁଦ୍ରିକ କଟକଣା ସମସ୍ୟା ସୃଷ୍ଟି କରୁଛି ।

ଯଦି କୌଣସି ଦେଶ ଏହି ସୀମାରେ ଅନୁପ୍ରବେଶ କରିବ ଚୀନ ସେହି ସମୟରେ ଦକ୍ଷିଣ ଚୀନ୍ ସାଗରର ପରିବହନ ମାର୍ଗରେ ନିଜର ଦାବିକୁ ଦୃଢ଼ କରିବାକୁ ଚେଷ୍ଟା କରିବ । ବାସ୍ତବରେ ଦେଖିବାକୁ ଗଲେ ଦକ୍ଷିଣ ଚୀନ୍ ସାଗରରୁ ଦୁଇ ଶହ ଚାଳିଶ ଲକ୍ଷ କୋଟି ଟଙ୍କା କାରବାର ହେଉଛି । ଏହି ମାର୍ଗ ମାଧ୍ୟମରେ ଭାରତ ବାର୍ଷିକ ପ୍ରାୟ ଚଉଦ ଲକ୍ଷ କୋଟି ବ୍ୟବସାୟ କରିଥାଏ । ପ୍ରକୃତରେ ଏହା ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ, ଯାହା ବିଶ୍ୱର ସାମୁଦ୍ରିକ ବାଣିଜ୍ୟର ଏକ ତୃତୀୟାଂଶ ଅଟେ । ତେଣୁ ନୂଆ ସାମୁଦ୍ରିକ ଆଇନର ବାହାନା କରି ଚୀନ୍ ପୂର୍ବ ଚୀନ୍ ସାଗର ଓ ଦକ୍ଷିଣ ଚୀନ୍ ସାଗରକୁ ଯାଉଥିବା ବିଦେଶୀ ଜାହାଜକୁ ହଇରାଣ କରିବ ବୋଲି ଆଶଙ୍କା କରାଯାଉଛି । ଏହି କାରଣରୁ, ଅନେକ ଦେଶ ସହିତ ଚୀନ୍ ବିବାଦର ସମ୍ମୁଖୀନ ହେବାର ବିପଦ ରହିଛି । ଜାପାନ୍ ତା'ର ବିଭାଗୀୟ ସ୍ୱାର୍ଥ ପୂରଣ ପାଇଁ ଏହି ମାର୍ଗ ମାଧ୍ୟମରେ ପେଟ୍ରୋଲିୟମ ସାମଗ୍ରୀର ଏକ ବୃହତ ଯୋଗାଣ କରିଥାଏ । ସାମୁଦ୍ରିକ କ୍ଷେତ୍ରକୁ ନେଇ ଚୀନ୍ ଏବଂ ଜାପାନ ମଧ୍ୟରେ ଲାଗି ରହିଥିବା ବିବାଦ ମଧ କାହାଠାରୁ ଲୁକ୍କାୟିତ ନୁହେଁ । ନୂତନ ସାମୁଦ୍ରିକ ନିୟମ ଅନୁଯାୟୀ ଚୀନ୍ ଭାରତ ପରି ଦେଶର ଆର୍ଥିକ ସ୍ୱାର୍ଥ ଉପରେ ମଧ ପ୍ରଭାବ ପକାଇବ । କାରଣ ଭାରତର ସମୁଦାୟ ସାମୁଦ୍ରିକ ବାଣିଜ୍ୟର ପ୍ରାୟ ପଚାଶଟି ଦକ୍ଷିଣ ଚୀନ୍ ସାଗର ମାର୍ଗ ଦେଇ କରାଯାଇଥାଏ ।

ବ ର୍ମାନ ଚୀନ୍‌?ର ଏହି ନୂତନ କାର୍ଯ୍ୟର ପ୍ରଭାବ ଦ୍ୱାରା ବାଣିଜ୍ୟରେ ଜାପାନ, ଦକ୍ଷିଣ କୋରିଆ ଆଦି ଦେଶ ସହିତ ଭାରତ ପାଇଁ ବାଧା ସୃଷ୍ଟି ହୋଇପାରେ । ଭିଏତନାମ ସାମୁଦ୍ରିକ ଉପସ୍ଥିତ ଥିବା ଗ୍ୟାସ ଏବଂ ତୈଳର ଅନୁସନ୍ଧାନ ପାଇଁ ଭାରତ ଏବଂ ଭିଏତନାମ ମଧ୍ୟରେ ମଧ ଚୁକ୍ତି ହୋଇଛି । ଭିଏତନାମର ଏହି ସାମୁଦ୍ରିକ କ୍ଷେତ୍ର ପ୍ରକୃତରେ ଚୀନ୍‌?ର ସାମୁଦ୍ରିକ ଅ ଳ ବୋଲି ଦାବି କରି ଚୀନ୍ ଆରମ୍ଭରୁ ଏହି ଚୁକ୍ତିନାମାକୁ ବିରୋଧ କରିଆସୁଛି । ସାମୁଦ୍ରିକ କ୍ଷେତ୍ରରେ ଚାଇନାର ସମ୍ପ୍ରସାରଣ ନୀତି ସ୍ପଷ୍ଟ ହୋଇଛି । ଚୀନ୍ ଇତିହାସ ପ୍ରତି ଧ୍ୟାନ ଦେଉନାହିଁ କିମ୍ବା ଆନ୍ତର୍ଜାତୀୟ ନିୟମ ଏବଂ ବାସ୍ତବତାକୁ ମାନୁନାହିଁ । କିନ୍ତୁ ଭୁଲ୍ ସମ୍ପ୍ରସାରଣ ରେଖାକୁ ଦୃଢ କରିବା ପାଇଁ ଇତିହାସକୁ ବ୍ୟବହାର କରୁଛି । ଏହା ଇତିହାସର ପ୍ରମାଣ ସହିତ ବିକୃତ ହୋଇଛି । ଚୀନ୍ ବ ର୍ମାନ କରିଥିବା ସାମୁଦ୍ରିକ ଆଇନ ହେଉଛି ଆନ୍ତର୍ଜାତୀୟ ଚୁକ୍ତିନାମା ଏବଂ ଆଇନର ସ୍ପଷ୍ଟ ଉଲ୍ଲଂଘନ । ନଦୀ ଓ ସମୁଦ୍ରରେ ଏହାର ବିସ୍ତାରବାଦୀ ନୀତି ଯୋଗୁଁ ଏଭଳି ଜଟିଳ ସମସ୍ୟା ସୃଷ୍ଟି ହୋଇଛି । ଏଥିପାଇଁ ଚୀନ୍ ଅନ୍ୟ କମ୍ୟୁନିଷ୍ଟ ଦେଶମାନଙ୍କ ସହିତ ଜଡିତ ରହିଛି । ଭିଏତନାମ ଏବଂ ସ୍ପେନ୍ ଏହାର ଉଦାହରଣ । ଦେଖିବାକୁ ଗଲେ ଗତ ଶତାବ୍ଦୀର ସାତ ଦଶନ୍ଧିରେ ଚୀନ୍ ଏବଂ ତତ୍କାଳୀନ ସୋଭିଏତ୍ ୟୁନିଅନ୍ ମଧ୍ୟରେ ସଂଘର୍ଷ ଲାଗିଥିଲା ।(କ୍ରମଶଃ)


+ ଓଡିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ, କଟକ -୪
(ମୋ) ୯୦୪୦ ୧୫୧୪ ୭୫


## କବିତା କୋଣାର୍କ



### ଛନ୍ଦ ଓ ମନ୍ଦ

**କୁନା ସେଠୀ**

ଛନ୍ଦ ମନ୍ଦ ଦୁଇ ସାଥୀରେ ଥାଆନ୍ତି
କ୍ଷୀର ସଙ୍ଗେ ନୀର ପରି
ଘିରିଘିରି ବୁଲି ହୃଦୟକୁ ଚିରି
କରନ୍ତି ମନକୁ ଚୋରି ।

ଛନ୍ଦ ଆସିଗଲେ ମନ୍ଦ ଆସିଯାଏ
ମଣିଷ ପାଖକୁ ଚାଲି
ବୁଝିବା ପାଇଁକି ବଳ ଅବା ଶକ୍ତି
ରହେନି ନିଜର ବୋଲି ।

ଈର୍ଷା ଘୃଣା ଆଉ କୁଟ କପଟ ରେ
ଭରିଯାଏ ଏଇ ମନ
ଅନ୍ୟର ଉନ୍ନତି ସହି ପାରେ ନାହିଁ
ହରାଏ ନିଜର ଜ୍ଞାନ ।

ଛନ୍ଦ ମନ୍ଦ ସଙ୍ଗେ ନିନ୍ଦା ଯୋଡ଼ି ହୋଇ
ଇଜ୍ଜତ ମହତ ନିଏ
ମଣିଷ ପଣିଆ ଲୋପ ହୋଇଯାଇ
ପଶୁର ସ୍ୱଭାବ ହୁଏ ।

ଚିହ୍ନି ପାରେ ନାହିଁ ବନ୍ଧୁ କି ବାନ୍ଧବ
ଅବା ସଖା ସହୋଦର
ପିତା ମାତା ଭାଇ ଭଗିନୀ ସବୁଙ୍କୁ
କରି ଦେଇଥାଏ ପର ।

ଛନ୍ଦର କୁଟିଳ ବୃଦ୍ଧି ସଙ୍ଗେ ମିଶି
ବିବେକ ହରାଇ ନର
ଆପଣା ହସ୍ତରେ ଜିହ୍ୱା ଛେଦ କରେ
ମନ୍ଦକୁ କରେ ନିଜର ।

ପାପ ବୋଲି ଯେଉଁ ଦୁଇଟି ଅକ୍ଷର
ରହିଛି ସଂସାର ଧାମେ
ଛନ୍ଦ ମନ୍ଦ ମିଶି ଆଦରନ୍ତି ତାକୁ
ନିଜେ ଯେ ନିଜର କାମେ ।

ଛନ୍ଦ ପାଇଁ କେତେ ଘର ଭାଙ୍ଗି ଯାଏ
ନିଜ ହୋଇଯାଏ ପର
ଆଖିର ଲୁହ ଯେ ଝରଣା ଭଳିଆ
ମୁହଁରେ କରଇ ଘର ।

ଛନ୍ଦ ମନ୍ଦ ଠାରୁ ଦୂରରେ ରହିଲେ
ରହିବା ଯେ ଭଲ ଆମେ
କାନ କୁହା କଥା ଦିଏ ବଡ ବ୍ୟଥା
ଆମର ଏ ସୃଷ୍ଟି ଧାମେ ।



+ ଭୂତସରସିଙ୍ଗି, ଗଞ୍ଜାମ

### ସମ୍ପର୍କ

**ବିଜୟ କୁମାର ନାୟକ**

ମୁଁ ଜାଣେନା ତୁମ ସହିତ ସମ୍ପର୍କ କଣ
କେବଳ ଏତିକି ଅନୁଭବ କରୁଛି
ଦିନରେ ଅନ୍ତତଃ ଥରୁଟିଏ ନ ଦେଖିଲେ
ଛୀନବିଣାର ସୁର ବେସୁରା ଭଳି

ତୁମକୁ ଅତି ପାଖରେ ପାଇବା ପାଇଁ
ମନର ଭାଷା ଓଠର ଏରୁଣ୍ଡି ଡେଇଁ
ଆସିଲା ବେଳେ
ଉଦାସିଆ ଆଖି ଦୁଇଟି ଛଳଛଳ ହୁଏ

ମୋ ପ୍ରତି ତୁମର କଣ ଭାବନା
ଅଛି ମୁଁ ଜାଣି ନାହିଁ,
କିନ୍ତୁ କାହିଁକି କେଜାଣି ଏ ମନ ତମକୁ
ଦେଖିବାକୁ ବାରମ୍ବାର
ଅପେକ୍ଷା କରିଥାଏ,
ହେ ପ୍ରିୟତମା, ତମର ଶୀତଳ ସ୍ପର୍ଶ
ପାଇବାକୁ ଏ ମନ
ଚାତକ ପରି ଚାହିଁ ବସିଛି,
ତୁମର ଲାଜ ଲାଜ ଓଠ ଆଉ ଖିଲିଖିଲି
ହସ ମୋ ହୃଦୟକୁ
ପାଗଳ କରି ଦେଉଛି।

+ ସମାଜସେବୀ,
କେନ୍ଦ୍ରାପଡା

### ସମୟ ବଡ଼ ବଳବାନ

**ନିରଞ୍ଜନ ସାହୁ**



ସମୟ ହାତରେ ଦଉଡି ଧରିକି
କରାଏ ମାଙ୍କଡ଼ ନାଟ
ଯୁଆଡେ ଟାଣଇ ତେଣିକି ଯାଏ ସେ
ହେଉ ଅବାଟ କି ବାଟ ।

ସୁଅ ମୁହେଁ ଯେବେ ପତର ପଡିଛି
ପତରର ନାହିଁ ଗତି
ଯୁଆଡେ ଭସାଏ ପତ୍ର ଭାସିଯାଏ
ନିମିତ୍ତ ମାତ୍ର ସେ ଅତି
ଭଉଁରୀରେ ପଡି କଲବଲ ହୁଏ
ସମୟ ମାରିଛି ଛାଟ ।

ଭାଗ୍ୟ ବଳିୟାର ବିଧାତା ନିଷ୍ଠୁର
ଗୁହାରି ଶୁଣିବ କିଏ
ଯାହାକୁ କହିବ ସେ ସିନା ହସିବ
କିଏ ଦୁଃଖ କାଢିନିଏ
କୂଳ ମିଳେନା କି କିନାରା ମିଳେନା
ମିଳିବ କି ତାକୁ ଘାଟ ।

+ ନିହଲପ୍ରସାଦ, ଗଁଦିଆ ପାଟଣା
ଢ଼େଙ୍କାନାଳ- ୭୫୯୦୧୬
(ମୋ)୯୯୩୮୭୪୧୫୮୩

### ମାସ୍କ

**ଅଶ୍ୱିନୀ ଦାଶ**

କେତେ ନିକଟରେ ଥିଲେ ଆମେ,
ମୁହଁରେ ମାସ୍କ ନଥିଲା,
ସାମାଜିକ ଦୂରତା ନଥିଲା ବି ଆଦୌ।

ଆମ ଛାଇ ମାନେ ହାତ ଧରା ଧରି
ବୁଲୁଥିଲେ ଗୋପନରେ,
କିଛି ବିଲମ୍ବପଣ ଓ ଭୁଲ୍‌ର
ହିସାବ ମାଗୁଥିଲେ।

କିଛି କୋହ ବି ନଥିଲା,
କିଛି ପତ୍ରଝଡା ଦେଇ ସାରିଥିଲା ସମୟ,
କିଛି ଜାଣିବାର ଆନନ୍ଦ ଥିଲା,
କିଛି ହଜାଇବାର ତଲ୍ଲୀନତାରେ
ମସ୍ଗୁଲ ଥିଲେ।

କଣ ଖୋଜୁଥିଲେ ପରସ୍ପରଠୁ
କିଛି ନ ପାଇବା ପଣ,
ବିଶ୍ୱାସ ବି ନଥିଲା
ହଠାତ କିଛି ପ୍ରଶ୍ନକୁ ସାମନା କରିବା।

କଣ ଦେଖିଲ ତମେ ଆଜି,
ଆଖିରେ ବି ଲୁହ ନଥିଲା,
କୋହ ବି ନଥିଲା ହୃଦୟରେ,
କିଛି ଯାହା ଶବ୍ଦ ଥିଲା ସବୁଜପଣର,
କିଛି ଆୟୁଷ ଯାହା ହଜାଇ ସାରିଥିଲେ।

+ ଓଡ଼ିଆ ଭଣ୍ଡାରୀ ସାହି,
ପାରଳାଖେମୁଣ୍ଡି,
ଗଜପତି-୭୬୧୨୦୦,





### ଶରତର ଆଗମନେ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ମରତ ବକ୍ଷରେ ଶରତ ଆସିଛି
ପାର୍ବଣର ଅଭିସାରେ
ଧାରା ଶ୍ରାବଣରେ ଗାଁଆଁରୁ ସହର
ଝୁମିଯାଏ ଆନନ୍ଦରେ।

ପ୍ରକୃତିର ଅଙ୍ଗେ ଅଙ୍ଗେ ଯଉବନ
ଶାରଦୀୟ ଶୋଭା ରାଜେ
କାନ୍ତ କମନୀୟ ରେଶମୀ ଚାମର
କାଶତଣ୍ଡି ଫୁଲ ବିଜେ।

ଉଙ୍କିମାରେ ଜହ୍ନ ଭସା ମେଘ ମାଳୁ
ରୂପାର ପସରା ମେଲି
ଜହ୍ନି ଫୁଲ ହସେ ବାଡି ବଗିଚାରେ
ସୁନା ହସ ମୁଖେ ଖୋଲି।

ନବ କିଶଳୟେ ପଲ୍ଲବିତ ଧରା
ଜୀବନ ସଙ୍ଗୀତ ଗାଏ
ସୁମନ ହେବାର ନିଶାରେ କଳିକା
ପବନରେ ଝୁଲୁଥାଏ।

ଅଦିନିଆ ମେଘ ଯାଉଛି ବରଷି
ସତେକି କୃପାର ବାରି
ଘାସ ପତରରେ ମୁକୁତା ଡାକୁଛି
ସୁରୁଜକୁ ହାତ ଠାରି।

ନିରିମଳ ତୋରା ଦେଖି ଶୀତରାଣୀ
ଧୀରେ ଥାପିଦ୍ୱେ ପାଦ
ଧରାବତରଣ କରିବେ ଜନନୀ
ହଟିବ ଯେତେ ଆପଦ।

+ ଶିକ୍ଷୟିତ୍ରୀ
ଜୟପୁର କୋରାପୁଟ
(ମୋ)୮୨୪୯୪୫୦୦୫୦

# ଭାଗ୍ୟର ବିଡମ୍ବନା








ଦାଦା ପୁଅ ଭାଇ ସନ୍ତ। ଏବେ ଏବେ ଦୁଇ ବର୍ଷ ପୁରି ନାହିଁ ଚାକିରୀଟିଏ ପାଇଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦରେ ଗାଁ ଠାରୁ ଚାରି ଶହ କି ପାଞ୍ଚ ଶହ କିଲୋମିଟର ଦୂର ମାଲକାନାଗିରି ଜିଲ୍ଲାର ମାଥିଲି ବ୍ଲକରେ। କହିବାକୁ ଗଲେ ପ୍ରୋବେସନାରି ପିରିଅଡ ବି ସରି ନାହିଁ କହିଲେ ଚଳେ। ଚାକିରୀ ପାଇବାର ବର୍ଷେ ହେଇଛି କି ନାହିଁ, ସେ ବାହା ହୋଇଛି ନିଜ ବାଲ୍ୟ ସାଥୀ , ପ୍ରେମିକା, ମନର ମାନସୀ, ଚଉଦ ବା ପନ୍ଦର ବର୍ଷ କାଳ ଭଲ ପାଇ ଆସିଥିବା ସୁକୋମଳି, ଲାଜକୋଳି ସରମିଲତା ଗୋରା ଚାନ୍ଦମୁହିଁ ଗାର୍ଲଫ୍ରେଣ୍ଡ ଅନିନ୍ଦ୍ୟ ସୁନ୍ଦରୀ ମୀନ ନୟନା ମୀନାକ୍ଷୀ ସହିତ। ଯାହା ପାଇଁ ରାତି ରାତି ଉଜାଗର ରହି ଜୀବନ ସାରା ଅପେକ୍ଷା କରି ଆସିଥିଲା। ତାହାକୁ ଆଶ୍ୱିନ ମାସର ନିର୍ଜନ ପୂର୍ଣ୍ଣମୀ ରାତିର ଚାନ୍ଦିନି ଆଲୁଅରେ ଆକାଶରେ ବିଛାଇ ହୋଇ ପଡିଥିବା ସେହି ଜହ୍ନକୁ ସାକ୍ଷୀ ରଖି ନିଜ ଭଲ ପାଇବାକୁ ମନରେ ସୁଦୃଢ ଆଶା ନେଇ, ନିଜ ମନର ଗୋପନ ଅବ୍ୟକ୍ତ ବେଦନାର କଥାକୁ ଅଭିବ୍ୟକ୍ତ କରି, ଜୀବନ ସାଥୀ କରି ରଖିବାର ଆଶା ଓ ଭରସା ଦେଇ, ହାତ ପରେ ହାତ ଧରି, ଛାତି ପରେ ଛାତି ରଖି, ବାହୁ ବନ୍ଧନରେ ଭଲ ପାଏ ବୋଲି ଜଣାଇଥିଲା , You are my sweet (heart) and soul forever କହିଥିଲା। ଆଜି ତାକୁ ସାତ ଦିଗ ପାଳ, ସାତ ଜନମର ସାଥୀ ଭାବେ ଗ୍ରହଣ କରି ବାହା ହୋଇ, ମାସେ ପର୍ଯ୍ୟନ୍ତ ଗାଁରେ ରହି ସରକାରୀ ଛୁଟି ସରିଯିବା ପରେ ନିଜ ବାପା, ମାଁଙ୍କ ପାଦ ସ୍ପର୍ଶ କରି, ଅନୁମତି କ୍ରମେ ଆଶୀର୍ବାଦ ନେଇ ଫେରିଯାଇଛି ନିଜ ପ୍ରାଣସଙ୍ଗିଣୀ ସାଥେ ନିଜ କର୍ମ ସ୍ଥଳୀ ମାଥିଲିକୁ।

ସେଠାରେ ହସଖୁସିରେ ଦୁଇ ନୂଆ ଦାମ୍ପତ୍ୟ ଜୀବନ ବେଶ ରୋମାଞ୍ଚ ଭରା ଅତି ଲୋଭନୀୟ ସମୟ ଅତିବାହିତ କରିଛନ୍ତି। ଉପଭୋଗ କରିଛନ୍ତି, ସେଠିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପାହାଡ଼, ପର୍ବତ, ଝରଣା, ହରାଭରା ଘଞ୍ଚ ଅରଣ୍ୟ ମଣ୍ଡିତ ଆଖପାଖ ମନୋରଞ୍ଜନମୟ ଦର୍ଶନୀୟ ସ୍ଥାନ ବୁଲି ବୁଲି ହନିମୁନ କରି, ହସି ହସାଇ ନିଜ ପ୍ରାରମ୍ଭିକ ନବ ବିବାହିତା ଜୀବନରେ ମାଦକତାର ପ୍ରେମ ମହୁଲି ନିଶାର ଗନ୍ଧରେ କଳା ଭଅଁର ଆଉ ପ୍ରଜାପତି ସାଜି ଫୁଲରୁ ଫୁଲକୁ ଘୁରିବୁଲି ମଧୁ ଶୋଷି ମହୁଘରା ଫଣା ସୃଷ୍ଟି କଲା ପରି।

କିଛି ଦିନ ପରେ ସ୍ତ୍ରୀ ମିନୁ ରାତିରେ ବେଡ଼କୁ ଯିବା ପୂର୍ବରୁ ଆତ୍ମ ବିଶ୍ୱାସ ଭରା ଓଠରେ ମୁରୁକି ହସ ଫୁଟାଇ ଜଣେ ପୋଲିସ ଅଫିସରର ସନ୍ଦେହ, ଅବିଶ୍ୱାସ ଘେରା ଜାଲ ଫିଙ୍ଗା, ଆଖିରେ ଧୂଳି ମାରି ଖସି ପଳାଇବାକୁ ଚେଷ୍ଟା କରୁଥିବା ମାଛ ରୂପକ ଚୋରକୁ , ଖୋଜି ହାତ ପାହାନ୍ତରେ ପାଇ ହରାଇ ଦେବା ଆଶାରେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି investigation କଲା ଭଳି ସୁଲଳିତ, ନମ୍ର, ମଧୁର, ଭାବ ଗମ୍ଭୀର ଭଙ୍ଗୀରେ ପାଖକୁ ଆସି, କୋଳରେ ବସି, ଗେଲ କରି, ଗୁପୁଚୁପ ପରି ଦେଖା ଯାଉଥିବା ଦୁଇଟି ଗୋଲଗୋଲ ଗାଲରେ ପ୍ରେମଭରା ଦୁଇଟି ଚୁମା ଆଙ୍କି, ଆଶ୍ଚର୍ଯ୍ୟ ଭରା କଣ୍ଠରେ କହିଲା, ଏଇ ଜାଣିଛ ?

ଏହି ଗୁଢ ରହସ୍ୟମୟ ଅନୁସନ୍ଧିତ୍ସ ପ୍ରଶ୍ନର ସାମ୍ନା କରୁକରୁ ଅନ୍ୟମନସ୍କ ହୋଇ ଜଣେ ଚାକିରୀ ଆଶାରେ ଆସିଥିବା ସାକ୍ଷାତକାରିର ପରୀକ୍ଷା ନେବାକୁ ଚୟନ କର୍ତ୍ତାଙ୍କ ପାଖରେ ମୁହଁ ନ ଖୋଲି, ବିଲେଇକୁ ଦେଖି ବର୍ଷ ବର୍ଷ ଧରି ଖାଡା ଉପବାସରେ ଥିବା ଜଣେ ମୂଷା ଲାଙ୍ଗୁଳ ଜାକି ପରାସ୍ତ ସୈନିକଟିଏ ପଳାୟନ କଲା ଭଳି ଜାଣି ନ ଜାଣିଲା ପରି ପ୍ରତ୍ୟୁତ୍ତରରେ କହେ, କଣ ?

ଆଜି କାହିଁ ତୁମ ଦେହ ଭଲ ନାହିଁ କି ? ଦେହଟା ତୁମର ଟିକେ ଉଷୁମ ଲାଗୁଛି। ମନଟା କିଛି ଭଲ ନ ଥିବା ଭଳି ଜଣା ପଡୁଛ। ଆଜି କଣ ମୋ ଉପରେ ଅଭିମାନ କରି ରାଗିଚ କି ? ହେଉ ହେଲା ବାବା ହେଲା। ମୁଁ କାନ ଧରୁଛି କେବେ ବି ଏମିତି ବିଳମ୍ବ କରି ଫେରିବି ନି । ଜମା ରାଗନାହିଁ। ଆଜି ଟିକେ ଅଫିସରେ ଜରୁରୀ କାଳୀନ ସଭା ଥିଲା। ବିଡ଼ିଓ ସାର, emergency ଫୋନ କରି ଡାକି ଦେବାରୁ ମୁଁ ଆଉ ତୁମ callଟିକୁ ରିସିଭ ନ କରି କାଟିଦେଲି। Call back ବି କରି ପାରିଲି ନାହିଁ। Sorry ବାବା Sorry. କ୍ଷମା କରିବେ। କେବେ ଏମିତିକା ଭୁଲ ହେବ ନାହିଁ। God promise. ମୋ ’ ରାଣ । ମୋତେ ବିଶ୍ୱାସ କର। ଆଉ କେବେ ଲଞ୍ଚ ସମୟରେ ନ ଆସି ରହିବି ନାହିଁ। ଯେତେ ଯାହା କାମ ଥିଲେ ତୁମକୁ ଆଗେ ଜଣାଇବି ନିଶ୍ଚିତ। ଛାଡ ସେମିତି ଛୋଟ ଛୋଟ କଥା ଧରିଲେ ଏହି ସରକାରୀ ଚାକିରୀ ଜୀବନରେ ଆମ ତେଲ ଲୁଣର ହସ ଖୁସିର ଛୋଟିଆ ସଂସାର ଚାଲିବ ନାହିଁ। ଆମେ ପରା ସରକାରଙ୍କଠାରେ ନିଜକୁ ବିକ୍ରି କରି ଦେଇଛୁ। ତାଙ୍କ ନିର୍ଦ୍ଦେଶକୁ ଆମକୁ ଆଗେ ମାନିବାକୁ ପଡିବ। ହେଉ ଛାଡ ଚାଲ, ଚାଲ ଶୋଇବା ଚାଲ। ସକାଳେ ଭୋର ଭୋର ମୋର ଅତି ଆବଶ୍ୟକ ଅଫିସ କାର୍ଯ୍ୟରେ ମୋତେ ବାହାରକୁ ଯିବାକୁ ହେବ। ମାନେ କାଲି ମୁଁ ମାଲକାନାଗିରି ହେଡ କ୍ୱାର୍ଟରକୁ ଯିବାକୁ ପଡିପାରେ।

ଏସବୁ କଥାକୁ ମିନୁ ଦେବୀ ଶୋଇବା ଖଟିଆ ଉପରେ ବସି, ସବୁ ଚୁପ ଚାପ ଶୁଣୁ ଶୁଣୁ ମନେ ମନେ ହସୁ ହସୁ ନିଜକୁ ନିୟନ୍ତ୍ରଣ ନ କରି ପାରି ଫେଁ କରି ଜୋରରେ ହସିଦେଲା...... ଆଉ କହିଲା, ତୁମେ କଣ ପାଗଳ ହୋଇଗଲଣି ନା କଣ ? ମୁଁ ତୁମକୁ କଣ କହୁଛି, ତୁମେ ସବୁ କଣ ମହାଭାରତ, ରାମାୟଣ, ଗୀତା, ଭାଗବତ, ପୁରାଣ ଶୁଣାଇ ଚାଲିଛ।

କିଛି ସମୟ ପାଇଁ ଭାବ ପ୍ରବାଣତାରୁ ବିଚ୍ୟୁତ ହୋଇ ସନ୍ତ କହିଲା, କଣ ହେଲା କି ତୁମର ? ମିନୁ ଲାଜେଇ ଯାଇ ଆକାଶରେ ତାର ଗଣିଲା ପରି ଉପରକୁ ଚାହିଁ କହିଲା, କାହିଁ ମୋର କିଛି ହୋଇ ନାହିଁତ। ତୁମର ହେବାକୁ ଯାଉଛି । ମାନେ ତୁମେ ବାପା ହେବାକୁ ଯାଉଛ।

ସନ୍ତ, ‘କାହିଁ ଏକଥା ତୁମେ ମୋତେ କେବେ କହି ନାହଁ !’’! ଇତ୍ୟାଦି ଇତ୍ୟାଦି।

ଏମିତି କିଛି ଜଣା ପଡ଼ିଲା ନାହିଁ କୁଆଡେ କୁଆଡେ ସାତ ମାସ ବିତିଯାଇଛି। ସନ୍ତ ନିଜ ଅନ୍ତସତ୍ତ୍ୱା ସ୍ତ୍ରୀକୁ ସାଥିରେ ନେଇ ଗାଁକୁ ଫେରି ବାପା, ମାଆଙ୍କ ପାଖରେ ମିନୁକୁ ଛାଡି ଦେଇ ନିଜ କର୍ମ ସ୍ଥଳୀ ଅଭିମୁଖେ ଗାଁ, ଘର,ପରିବାର ଲୋକଠାରୁ ବିଦାୟ ନେଇ ବସରେ ବସି ନିଜ ସ୍ତ୍ରୀ, ସାଙ୍ଗ ସାଥି, ଗାଁ ଆଦି କଥା ମନେ ପକାଇ ଭାବି ଭାବି ଫେରି ଯାଇଛି। ଗାଁରେ ବାପା, ମାଆ ମଧ ବୋହୂର ଯତ୍ନ ନେବା ସାଙ୍ଗେ ସାଙ୍ଗେ ଆମ ହିନ୍ଦୁ ଧର୍ମ ଶାସ୍ତ୍ର ମୁତାବକ ଜଣେ ଗର୍ଭବତୀ ବୋହୂଙ୍କୁ ଯେମିତି ନିଜ ଜାତିର କୌଳିକ ପ୍ରଥା, ରୀତି, ନୀତି, ପରମ୍ପରା ଅନୁଯାୟୀ ନିଜ ମା ଘରକୁ ପଠାଇ ଦେଇଛନ୍ତି।

ନିଜ ଘରେ ଯାଇ, ମିନୁ ନିଜ ବାପା, ମାଆ ପାଖରେ କିଛି ମାସ ବିତାଇ ସାରିଲା ପରେ ଦଶ ମାସ ଦଶ ଦିନ ପରେ ଡାକ୍ତରଙ୍କ ଦ୍ୱାରା treatment କରି ଦିଆଯାଇଥିବା ତିଥି, ବାର, ତାରିଖ ଅନୁସାରେ ଦୂରରେ ଥିବା ନିକଟସ୍ଥ ବ୍ରହ୍ମପୁର ସହର କ୍ରିଷ୍ଟିଆନ ହସ୍ପିଟାଲରେ ତାଙ୍କ କୋଳରେ ଗୋଟେ ପୁତ୍ର ସନ୍ତାନଟିଏ ହୋଇଛି। ପୁଅକୁ ପାଇ ମିନୁ ଦେବୀ ଯେମିତି ସ୍ୱର୍ଗ ସୁଖ ଅନୁଭବ କରୁଛି। ସେ ଯେତିକି ଖୁସିରେ ବିଭୋର ତା ’ ଠାରୁ ବେଶୀ ତାର ବାପା, ମା’, ଶାଶୁ, ଶଶୁର, ଦିଅର, ନଣନ୍ଦ। ଦୁଇ ତିନି ଦିନ ମେଡ଼ିକାଲରେ ରହି ସେ ନିଜ ମା’ ଘରକୁ ଫେରିଛି । ତା ’ ପୁଅର ଜନ୍ମରେ ଖୁସି ହୋଇ ତା ’ର ଜେଜେ ବାପା, ଜେଜେମାଁ, ଦିଅର, ନଣନ୍ଦ ଖୁସିରେ ଗାଆଁ ସାରା ମିଠା ବାଣ୍ଟିଛନ୍ତି। ଉଭୟ ପରିବାରର ଖୁସି ନ କହିଲେ ସରେ। ପାଞ୍ଚ ଦିନରେ ପଞ୍ଚୁଆତି, ଷଠି ଦିନ ଷଠି, ବାର ଦିନରେ ବାର ଦିନିଆ ପାଣି, ଏକୋଇଶି ଦିନରେ ଏକୋଶିଆ, ବ୍ରାହ୍ମଣକୁ ଡାକି ନାମକରଣ, ବୟସ୍କ ଲୋକଙ୍କ ହାତରେ ଦୋଳିରେ ଝୁଲାଇବା, ଭୋଜି ଭାତ କରି ଅଡୋଶି, ପଡୋଶୀ ଡାକି ସଙ୍ଖୁଲାଇବା ଆଦି କାର୍ଯ୍ୟ ସମାପନ ହୋଇ ସାରିଛି। ଏବେ ମିନୁ ଦେବୀ, ଶଶୁର ଘରୁ ଫେରି ମାଁ ଘରେ ନିଜ ଛୁଆ ସାଥିରେ ରହୁଛି। ହେଲେ ବି ତାର ମନରେ ସରାଗ ବୋଲି କିଛି ନାହିଁ।

କାରଣ , ପୁଅ ଜନ୍ମ ହେବା ଠାରୁ ସେ ତା’ ସ୍ୱାମୀର ମୁହଁ ଦେଖିପାରି ନାହିଁ କି ତା’ ପୁଅ ବାପାର ମୁହଁକୁ ଦେଖିବାର ସୌଭାଗ୍ୟ ପାଇପାରି ନାହିଁ। ତେଣେ କରୋନା ମହାମାରୀ ପାଇଁ ଦେଶ ସାରା ଲକଡାଉନର ଅବିଧି ବଢ଼ି ବଢ଼ି ଯାଉଥିବାରୁ ଭାଗ୍ୟର ବିଡମ୍ବନା ବାପା ସନ୍ତ, (କୋଭିଡ ୧୯) ପାଇଁ କାର୍ଯ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ନ୍ୟସ୍ତଥିବାରୁ ସରକାରଙ୍କ ବିନା ଅନୁମତିରେ ଛୁଟି ମଞ୍ଜୁର ନ ହୋଇ ପାରୁଥିବାରୁ ଛୁଟି ନେଇ ଜଗନ୍ନାଥ ମାଉସୀ ମାଁ ଘରୁ ନିଜ ଘର ଗୁଣ୍ଡିଚା ଘରକୁ ରୁକ୍ମଣୀ ରଥ ଅଣଲେଓଟା ହୋଇ ଭକ୍ତଙ୍କ ଭିଡ଼ ବିନା, ଦେବ ସ୍ନାନ ହେଲା ଭଳି ନିଜ ପୁଅର ମୁଖ ଦର୍ଶନ କରିବାରୁ ବଞ୍ଚିତ ହୋଇ ପିତା ଦଶରଥ ଭଳି ପୁତ୍ରର ମୁଖ ଦର୍ଶନ କରିବା ପାଇଁ ଭାଳି ଭାଳି ପିତୃ ମନ ବିକଳରେ ଝୁରି ଝୁରି କଳାକାଠ ପଡି ମଳିନ ହୋଇ ସୁଯୋଗକୁ ଦୁର୍ଯୋଗ ମନେ କରି କାଳ କାଟୁଛନ୍ତି। ପୁତ୍ର ଯଶସ୍ୱୀ, ପ୍ରଭୁ ରାମଚନ୍ଦ୍ର ଚଉଦ ବର୍ଷର ଅର୍ଥାତ ଲକ ଡ଼ାଉନର ଅବଧି କେବେ ସରିବ ଅଯୋଧ୍ୟା ଫେରି ବାପାଙ୍କର ମୁଖ ଦେଖିବ ବାଲ୍ୟମନ ଚଳଚଞ୍ଚଳ ହୋଇ ଉଠୁଛି, ଏକ ବନ୍ୟା ପ୍ଲାବିତ ଭରା ନଈର ଢେଉ ସଦୃଶ। ଏଣେ ପତି ମୁଖ ଦର୍ଶନ ପାଇବା ଆଶାରେ ଆଙ୍ଗୁଠିରେ ଦିନ ଗଣି ଗଣି ପ୍ରତୀକ୍ଷାର ଅନ୍ତ କେବେ ଘଟିବ ଏକଥାକୁ ମନେ ମନେ ଭାଳି ଭାଳି ଅଭିଶପ୍ତ ପାଷାଣ ଅହଲ୍ୟା ନିର୍ଜନ ରାସ୍ତାରେ ନିଜ ଅସ୍ତିତ୍ୱକୁ ହରାଇ, ପ୍ରଭୁ ରାମ ଚନ୍ଦ୍ରଙ୍କର ପଦ ସ୍ପର୍ଶ ନିମନ୍ତେ ଅପେକ୍ଷାରତା, ଯେପରି ଆଜି ପତ୍ନୀ ମିନୁ ଦେବୀ ନିଜ ଘରେ କବାଟ ଫାଙ୍କରେ ନୂଆ ସକାଳର ନୂଆ ଦୁନିଆ ଦେଖିବାକୁ ନିଜେ ନିଜ ପୁଅ ସାଥିରେ, ସ୍ୱାମୀ ବିନା ଏକା ଏକା କାଳ କାଟୁଛନ୍ତି ।କେଜାଣି, କେବେ ଭଗବାନ ସେମାନଙ୍କ ଡାକ ଶୁଣିବେ। ଭାଗ୍ୟର ବିଡମ୍ବନା ଦୂରେଇ ଯାଇ ତାଙ୍କ ତ୍ରିକୋଣରୂପି ପ୍ରେମ କାହାଣୀର ଚରମ ବିନ୍ଦୁରେ ସରଳ ରେଖାର ମହାମିଳନ ଘଟିବ। ହଜି ଯାଇଥିବା ତାଙ୍କ ପରିବାରର ହସ, ଖୁସି, ସ୍ନେହ, ଶ୍ରଦ୍ଧା, ପ୍ରେମ, ଭଲ ପାଇବା ଫେରିଆସିବ। ସାରା ପରିବାରରେ ହସର ଲହରୀ ଘରସାରା ଘୁରି ବୁଲିବ ଆଉ ଖୁସିର ବାତାବରଣ ସୃଷ୍ଟି ହୋଇ, ଅନ୍ତ ହେବ ଭାଗ୍ୟର ବିଡମ୍ବନା ।

+ଜବାହର ନବୋଦୟ ବିଦ୍ୟାଳୟ
ସୁରଳା(ଗଞ୍ଜାମ)
ଫୋନ ନଂ -୯୪୩୭୭୮୪୬୪

# ଜଣେ ଜଙ୍ଗଲୀ ମାଆକୁ ଚିଠି

ସୁକାନ୍ତି ରାଉତ
ରାଘବପୁର, ଗେଡ଼ମା, ମଞ୍ଜୁରିରୋଡ଼,
ଜି: କେନ୍ଦୁଝର-୨୧



ମାଆ, ଏତେ ଖୁସି ବାଂଟିବାକୁ ଆଜି ଖୁସି ବି ଲୁହ ହୋଇଗଲାଣି, ତୋ ଜଙ୍ଗଲୀ ଭାଷାରେ। ଏହା ଭିତରେ ବିତିଯାଇଛି ଦୀର୍ଘ ୨୭ ବର୍ଷ। ଲୁହ ଆଉ ଲହୁ ଏକା କରି ମୋତେ ମଣିଷ କରିଛୁ। ଏତେ ଦିନ ପରେ ଆଜି ବୁଝିଛି ଭଗବାନ ଅଛନ୍ତି। ସଂଘର୍ଷ କରିବାକୁ ବଳ ଯୋଗାଉଥିଲେ ଆଉ ତୁ ହିଁ ମୋ ପାଇଁ ଦେବୀ। ମନ୍ଦିର କେବେ ଯାଇନାହିଁ। କାରଣ ମୋର ଭୟ ଥିଲା ଛୋଟବେଳେ ପଡ଼ିଶା ଘର ମାରିବା ପରି ଯଦି ମନ୍ଦିର ଭିତରେ କେହି ମାରିଲେ। କ'ଣ କରିବି ? ? ଏହା ଭାବି ଘର ଭିତରେ ତୁ ଦେଇଥିବା ସେଇ ଫଟୋକୁ ସବୁଦିନେ ପ୍ରଣାମ ବାଢ଼େ ଶୋଇବା ପୂର୍ବରୁ ଆଉ ଶୋଇକି ଉଠିବା ପରେ। ମା, ତୁ ବୁଝିପାରୁବୁ ନାହିଁ ତୋ ମାଣ୍ଡିଆ ଜାଉକୁ ମୁଁ କେତେ ଝୁରେ ତୋ ମାଣ୍ଡିଆ ଜାଉ ଖାଇ ମୁଁ ସାହେବ ହୋଇଗଲି। ମୁଁ ଜାଣେ ତୁ ବୁଝିପାରିବୁ ନାହିଁ ସାହେବ କ'ଣ, ତୁ ଖାଲି ଏତିକି ଜାଣୁ ମୁଁ ଏବେ ବାବୁ ହୋଇଗଲି । ଆଉ ମୁଁ ଏବେ ବୁଝିଗଲି ଔକାତ କେମିତି ବଦଳେ । ମାଆ, ଖୁବ୍ ଶୀଘ୍ର ମୁଁ ଯିବି ତୋତେ ଆଣିବି ଦେଶ ବିଦେଶର ସବୁ ସ୍ଥାନ ବୁଲାଇବି। ଆଉ ଦେଖିବି କିଏ ଏବେ ଆମକୁ କହିବ। ମାଆ ଏବେ ତୋ ପୁଅ ସାହେବ ହୋଇଗଲା । ଏଣିକି ଆଉ କେହି ପଦେ ବି ଆଖି ଉଠେଇ କହିବେ ନାହିଁ। ପାଖରେ ପଇସା ନ ଥିବାବେଳେ କେହି ପଚାରୁନଥିଲେ ଆଉ ଆଜି ପୁଅ ମୋର ସାହେବ ହୋଇଗଲା ବୋଲି କାହିଁରେ କେତେ ଆଦର । କେଡ଼େ ସ୍ୱାର୍ଥପର ଏଇ ମଣିଷମାନେ। ପଶୁର ବି ମାନବିକତା ରହିଛି, କିନ୍ତୁ ଏଇ ମଣିଷମାନଙ୍କର ନୁହେଁ। ଏହା ହିଁ ମନେ ମନେ ଭାବୁଥିଲା। ମାଆ, ଆଜି ଜୀବନର ସବୁଠୁ ଖୁସିର ଦିନ । ଖୁସି କହିଲେ ମୁଁ ଏବେ ବୁଝେ ତୁ, ତୁ କହିଲେ ମୁଁ । ଏତେ ବର୍ଷ ଭିତରେ ତୋତେ କେବେ ହସିବାର ଦେଖିନାହିଁ। ତୁ ତ ସବୁବେଳେ କାନ୍ଦୁ ଆଉ ମୁଁ ପଚାରିଲେ କହୁ ଗରିବର ଲୁହ ବି ହସ ପରି । ମୁଁ ସେତେବେଳେ ବୁଝିପାରୁ ନ ଥିଲି। ଏବେ ମାଆ, ଆଉ ବୋକା ବନେଇ ପାରିବୁ ନାହିଁ। ଜାଉ ଖୁଆଇ ମୁଁ ବି ତୋ ପରି ଚାଲାକ୍ ହୋଇଗଲିଣି।

କାଲି ପରି ଲାଗୁଛି । କେତେ କେତେ ଘଟଣା ସବୁ ଘଟିଯାଇଛି। ସେଇ ନୂଆଁଣିଆ ଚାଳଘର ତାର ସାକ୍ଷୀ। କେତେ ଝଡ଼ି ବର୍ଷା ତୁ ସହିଛୁ। ବର୍ଷା ହେଲେ ତୁ ଘର ଭିତରେ ରହି ଭିଜିଯାଉ ଅଥଚ ମୋ ଦେହରେ ଟୋପେ ପାଣି ପଡ଼େନି। ତୋ ଚିରା ପଣତ କାନିର ଏତେ ଦମ୍ ଅଛି ବୋଲି ମୁଁ ସେତେବେଳେ ଜମା ବୁଝିପାରୁ ନ ଥିଲି । ତୁ ତ କହୁ ସବୁ ସେଇ ଭଗବାନଙ୍କ ଇଚ୍ଛା । ଆଜି ଅନେକ ବର୍ଷ ପରେ ମନେପଡୁଛି, ତୃତୀୟ ଶ୍ରେଣୀରେ ପଢୁଥିବାର ସେଇ ଛୋଟ ଛୋଟ ଘଟଣା।

ଏବେ ବି ମୋର ପୁରା ମନେ ଅଛି ଆଉ ସେଇ ଘଟଣା ମନେ ପଡ଼ିଲେ ମୁଁ ଆପେ ଆପେ ସଶକ୍ତ ହୋଇଯାଏ ଆଉ ପୁଣି ପଣ କରେ । ମାଆ ତୋତେ ପୁଣି ଥରେ ଆଜି ମନେ ପକାଇ ଦେଉଛି, ସେଇ କଥା । ସେଦିନ ଥିଲା ରବିବାର। ବାବୁଙ୍କ ଘରେ ଅଧିକ କାମ । ତୁ ମୋତେ ପିଙ୍କୁ ଘରେ ଛାଡ଼ି ବାବୁଘରକୁ କାମ କରିବାକୁ ଗଲୁ । ସେଦିନ ପିଙ୍କୁ ଘରକୁ ଟିକେ ଖେଳିବାକୁ ଯାଇଥିଲି ଯେ, ତା ମାମା କହିଲା କି, ତୋ ବାପା ମରିଯାଇଛନ୍ତି ଆଉ ତୋର ମୋ ପୁଅ ସହିତ ଖେଳିବାକୁ ଔକାତ୍ ନାହିଁ । ଆଉ ମୁଁ ଜୋର କରି କହିଲି ନାଇଁ ଆମେ ଭଲ ସାଙ୍ଗ, ସନ୍ଧ୍ୟାରେ ମୋ ମାମା କାମ କରି ଆସିଲେ ମୁଁ ପଳାଇବି । ସେଇଠୁ ସେ ମୋତେ ବହୁତ ପିଟିଲେ, ଦେଖ୍ ମାଆ, ମୋ ପିଠି ଆଉ ଗାଲ କେମିତି ରକ୍ତ ବାହାରୁଛି । ଆଉ ମୁଁ ପଳାଇ ଆସିଲି । କାନ୍ଦି କାନ୍ଦି ତୋତେ ପଚାରିଥିଲି -ମାଆ କହ ତ ଔକାତ କେମିତି ବଦଳେ ଆଉ ମୁଁ କ'ଣ କଲେ ପିଙ୍କୁ ସାଙ୍ଗରେ ଖେଳିପାରିବି ଆଉ ତାଙ୍କ ଘରକୁ ଯାଇପାରିବି। ମାଆ, ତୁ କାଲି ଠାରୁ ମୋତେ କାମ କରିବାକୁ ଗଲେ ସାଥିରେ ବି ନେଇଯିବୁ । ତୁ ତ ଗଲା ସବୁବେଳେ କହୁଛୁ-ଭଗବାନ ଅଛନ୍ତି, ଯଦି ଭଗବାନ ଅଛନ୍ତି-ଆମ ଭାଗ୍ୟ କାହିଁକି ବଦଳୁନାହିଁ । ମାଆ, ତୁ ଆଉ କାଲିଠାରୁ କାମ କରିବାକୁ ଯିବୁନି, ଯଦି ଯିବୁ ମୋତେ ବି ସାଥିରେ ନେଇଯିବୁ । ଏହା କହି ମାଆକୁ ଟାଣିନେଲା ଘର ଭିତରକୁ ଆଉ କହିଲା-ମାଆ ଆମ ଉପରେ ସମସ୍ତେ କାହିଁକି ଚିଡୁଛନ୍ତି। ମୋ ବାପା କ'ଣ ଖରାପ ଲୋକ ଥିଲେ। ବାପାଙ୍କୁ ଛୋଟ ଦୋକାନକୁ କାହିଁକି ସରକାରୀ ଲୋକ ଉଠାଇଥିଲେ। କାହିଁକି ବାପାଙ୍କୁ ସେମାନେ ନେଇଯାଇଛନ୍ତି ସେ ଅଜଣା ଇଲାକାକୁ। ତୁ ତ ଖାଲି ସବୁବେଳେ କହୁଛୁ- ଆଜି ଦୁଃଖ ଅଛି କାଲି କି ନ ଥିବ । ସେ କାଲି କେବେ ଆସିବ। କାଲି ଆମ ଘରେ ବି ଫୁଟିଥିବ ହସର ପାରିଜାତ ।

ଏମିତି ପ୍ରଶ୍ନରେ ନିର୍ବାକ୍ ମୋର ନିର୍ବାକ୍ ହୋଇଯାଉଥିଲୁ ତୁ । ମୋତେ ଆଶ୍ୱାସନା ଦେବା ପାଇଁ ଆଙ୍କି ଦେଉ କାହିଁରେ କେତେ ଭଲପାଇବାର ଚୁମା ଆଉ ଛାତିରେ ଜାବୁଡ଼ି ଧରି କହିଥିଲୁ-ଭଗବାନ ଏମିତି ପରୀକ୍ଷା କରନ୍ତି ଆଉ ଯିଏ ପରୀକ୍ଷାରେ ଜିତିଯାଏ ସେ ହିଁ ମୁକୁଟ ପିନ୍ଧେ। ତୁ ବି ଦିନେ ସାହେବ୍ ହେବୁ । ଆଉ ପିଙ୍କୁ ଘରକୁ ଖେଳିବାକୁ ନୁହେଁ, ସେମାନେ ତୋତେ ସମ୍ବର୍ଦ୍ଧନା ଦେବା ପାଇଁ ଡାକିବେ। ତୋ ଉପରେ ତୋ ମାଆର ଆର୍ଶୀବାଦ ଅଛି । ତୋର କେହି କିଛି କରିପାରିବେ ନାହିଁ। ଏହା କହି ମାଡ଼ ମାରିଥିବା ପିଠିରେ ଆଙ୍କିଦେଇଥିଲୁ କେତେ ଚୁମା। ମାଆ, ତୁ, ସେସବୁ ଭୁଲିଯାଇଥିବୁ, ମୋର କିନ୍ତୁ ସବୁ ମନେ ଅଛି । ଯେମିତି ଆଇଆଇଟି ରେ ଏରୋନଟିକାଲ ଇଞ୍ଜିନିୟରିଂ ପାଠ ସବୁ ମନେ ରଖିଛି ।

ମାଆ ତୋର ମନେ ଅଛି ନା, ପିଙ୍କୁର ବଢ଼ିଆ ସ୍ଲେଟ୍ ତା ବାପା ଆଜି ଆଣିଥିଲେ। ସେଥିରେ ଟିକେ ଓଡ଼ିଆ ଅକ୍ଷର ଲେଖିଦେଲି ଆଉ ତାକୁ ଶିଖାଉଥିଲି ବର୍ଣ୍ଣବୋଧର କଷ୍ଟ କଷ୍ଟ ଅକ୍ଷର । ସେଇଠୁ ତା ମାମା ଆସି ମୋତେ ମାରିଲା ଆଉ କହିଲା ଦାମିକା ସ୍ଲେଟ୍‌ରେ ମୋର ଲେଖିବାର ଔକାତ୍ ହୋଇନାହିଁ ଆଉ କହିଲେ- ତୋ ମାଆ ପରଘରେ କାମ କରୁଛି- ତୁ କ'ଣ ମୋ ପୁଅକୁ ପାଠ ଶିଖାଉଛୁ । ସେଦିନ ବି ମାଆ ତୋତେ କହିଥିଲି, ମାଆ ତୁ ମୋ ପାଇଁ ମାଟି ସିଲଟ କାଲି ଆଣିଦେବୁ । ମୁଁ ସେଥିରେ ପାଠ ପଢ଼ିବି । ମାଆ ତୁ କହ ତ ମୁଁ କ'ଣ କଲେ ମୋର ଦାମିକା ସ୍ଲେଟ୍‌ରେ ଲେଖିବାର ଔକାତ୍ ହେବ । ତୋତେ ସେଦିନ ବହୁତ ପଚାରିବା ପରେ ତୁ କହିଥିଲୁ ତୋର ମନ କଥା । ମୋ ପିଠିରେ ହାତ ରଖ କହିଥିଲୁ-ତୁ ଆମର ଦିନେ ଅଫିସର ହେବୁ, ଅଫିସର ହେଲେ ସବୁ ବଦଳି ଯିବ । ବାବୁ ହେବୁ, ବାବୁ ହେଲେ ସେମାନେ ଆଉ କହିବେନି। ଏବେ ଆମେ ଯାହା କଲେ ବି କହିବେ। କହିବା ପରା ଲୋକଙ୍କର କାମ । ତୋ ବାପାଙ୍କୁ ମୁଁ ଦେଖିଛି କେମିତି ସେ ଭୋକରେ ଦିନ କାଟନ୍ତି ଆଉ ମୁଁ ପଚାରିଲେ କହନ୍ତି-ତୁ ଖାଇଦେ, ମୁଁ କାମରୁ ଖାଇ ଆସିଛି । ଏଇ ଘରେ ଆମେ ସହିଛୁ କାହିଁରେ କେତେ ଦୁଃଖ। ଭଗବାନଙ୍କୁ ପୂଜା କରିଛି, ଦୁଃଖର ଦିନ ଦୂର କରିବାକୁ । କରିଛି ହଜାରେ ମାନସିକ। ତୁ ଯେଉଁଦିନ ଜନ୍ମ ହେଲୁ ତୋ ବାପାଙ୍କ ପାଖରେ ୫୦ ଟଙ୍କା ହିଁ ଥିଲା। ସେଥିରେ ତୁଟୁବା ଔଷଧ ଆଣିଲେ ଆଉ ଡାକ୍ତର ବି ମନାକଲେ ଆମ ଘରକୁ ଆସିବେନି। ତୋ ବାପା ଡାକ୍ତର ଫି ଦେଇପାରିବେନି ବୋଲି। ଏହି ଦୁର୍ଗମ ଇଲାକାରେ ରାତିରେ ମୋତେ ଏକା ଛାଡ଼ି ତୋ ବାପା ସାହସ କହିପାରିଲେନି ସାହି ଭାଇରେ କହିବାକୁ । ପାଖ ଡାକ୍ତରଖାନାରେ ଟିକେ ନେଇ ଯିବାକୁ । ଯାହା ହେଉ ଭଗବାନଙ୍କ ଦୟାରୁ ତୁ ଭଲରେ ଭଲରେ ଜନ୍ମ ହେଲୁ। ଅଭାବ ଭିତରେ ଥିଲା ଖୁସି, ଅନ୍ଧାର ଘରେ ତୁ ଥିଲୁ ଆମର ଆଲୋକ। ଆମେ ତୋତେ ନେଇ ବେଶ୍ ଖୁସିରେ ଥିଲୁ । ସରକାରଙ୍କ ଦୟାରୁ ଝାଳକୁଡ଼ିଆରୁ ଇନ୍ଦିରା ଆବାସଟି ମିଳିଲା । ଆଉ ତାର କିଛି ଦିନ ପରେ ସରକାରୀ ବାବୁ ମାନେ କ'ଣ କଲେ କେଜାଣି, ସେ ଇନ୍ଦିରା ଆବାସକୁ ପୁଣି ଫେରାଇନେଲେ। ତୋ ବାପା ଏତେ ଟଙ୍କା କେଉଁଠୁ ଆଣିବେ। ମୋର ଅଳ୍ପ କିଛି ଗହଣା ଥିଲା ସେଇତକ ବିକ୍ରି କରି ଗାଁରେ ଗୋଟେ କେବିନ୍ ଦୋକାନ ଦେଲେ । ସେଥିରୁ ଯାହା କିଛି ହେଲା ଘର ଚଳିଲା ଆଉ ବାକି ପଇସା ତୋ ପାଇଁ ସଂଚୟ କଲୁ । ସେଇଦିନରୁ ତୋତେ ତୋ ବାପା ପଣ କରିଥିଲେ ତୋତେ ଅଫିସର କରିବେ ।

ପର ଘରେ ମୂଳ ମଜୁରି ଲାଗି, ଆମ୍ବ, କେନ୍ଦୁ ଜଙ୍ଗଲରୁ ସାଉଁଟି ତାକୁ ବିକ୍ରି କରୁ। ସେଥିରେ ଆମେ ଚଳୁ। କିନ୍ତୁ ହଠାତ୍ ଦିନେ ସେ ଆମକୁ ଏକା କରି ଆରପାରିକୁ ଚାଲିଗଲେ । ପରେ ଜାଣିଲି କି ଗାଁରେ କନ୍ଦଳ ଥିବାରୁ ସେମାନେ ବାପାଙ୍କୁ ମାରି ଦେଇଥିଲେ। କିନ୍ତୁ ମଲାବେଳେ ମୋତେ ଏତିକି କହିଥିଲେ-ତୁ ଯେମିତି ହେଲେ ଆମ ପୁଅକୁ ଅଫିସର କରିବୁ। ସାହେବ ହେଲେ ଲୋକ ଆଉ ଆମକୁ ମୁହଁ ଟେକି କିଛି ବି କହିବେନି । ସେଥିପାଇଁ ତୋତେ ଘର ଠାରୁ ସବୁବେଳେ ବାହାରେ ରଖେ । ତୋତେ କେବେ ଭଲ ଖାଦ୍ୟ ଟିକେ ଟିକେ ଖାଇବାକୁ ଦେଇପାରିନି। ମାଣ୍ଡିଆ ଜାଉ ତୋତେ ଖୁଆଇ ଦିଏ ଆଉ ତୁ ବି ଖୁସିରେ ଖୁସିରେ ଖାଉ । ସରକାରୀ ସାହାଯ୍ୟ ଥିଲା ଆମ ପାଇଁ ଅପହଂଚ ଇଲାକା । କିନ୍ତୁ ତୋର ପ୍ରତିଟି ସଫଳତାରେ ମୁଁ ଖୁସି ହୁଏ କାରଣ ଧୀରେ ଧୀରେ ମୁଁ ନିଜକୁ ଦୃଢ଼ ମନେ କରୁଥିଲି-ତୋ ବାପାଙ୍କୁ ଦେଇଥିବା କଥା ମୁଁ ରଖିପାରିବି ବୋଲି । ଛୋଟବେଳେ ତୁ ବହୁତ ଦୁଷ୍ଟ ଥିଲୁ । ଦାରିଦ୍ର୍ୟତା ହିଁ ତୋତେ ଅଧିକ ଦୁଷ୍ଟାମି କରୁଥିଲା। ପ୍ରଗତିର କୋଳାହଳଠାରୁ ବହୁତ ଦୂରରେ ଥିଲା ଆମ ଘର । ଦିନେ ଦିନେ କିରୋସିନି ନ ଥାଏ, ତେଲ ଲୁଣ ବି ନ ଥାଏ । ଆଉ ତୁ ଜିଦ୍ କରୁ- ପିଙ୍କୁ ଘରେ ଖାଇବାକୁ। ତୋତେ ବୁଝାଇ ବି ବୁଝାଇ ପାରେନା କେବେ। ମୋତେ ନିଜକୁ ଅସହାୟ ଲାଗେ। ତୋତେ ସେଥିପାଇଁ ବହୁତ ଛୋଟବେଳୁ ସଂସ୍କାର ଶିଖାଇଛି। ଅବୁଝାପଣର ଶୀର୍ଷରେ ଥିଲା ତୋର ପିଲାଦିନ । ତୁ ଧୀରେ ଧୀରେ ବଡ଼ ହେଉଥିଲୁ ଆଉ ବଦଳୁଥିଲା ଆମ ଜୀବନର ନକ୍ସା । ସ୍କୁଲ୍ ପରେ ଆରମ୍ଭ ହୋଇଥିଲା କଠୋର ପାରିବାରିକ ପରିସ୍ଥିତି ସହ ଲଢେଇ । ତୋର ଗୋଟେ ଗୋଟେ କ୍ଲାସ ବଢୁଥାଏ ଆଉ ମୋର ପରିଶ୍ରମ ବି ବଢୁଥାଏ। ତୋର ଅଧିକ ଅଧିକ ପଇସା ଦରକାର ପଡ଼ିଲା ଆଉ ମୁଁ ତୋତେ ପଇସା ଯୋଗାଇବାକୁ ଅକ୍ଷମ ହୋଇପଡ଼ିଲି । ମୋ ପାଖରେ ଆଉ କୌଣସି ରାସ୍ତା ନଥିଲା । ବାବୁଙ୍କ ଘରେ କାମ କରୁଥିଲି। ତାଙ୍କର କିଡ଼ନୀ ଦରକାର ପଡ଼ିଲା ଆଉ ମୋ କିଡ଼ନୀ ମୁଁ ବିକ୍ରି କରି ପଇସା ଆଣିଲି। ସେଇ ପଇସା ତୋତେ ଫି ମାସରେ ପଠାଉଥିଲି । ତୁ ମୋତେ ସବୁବେଳ ପ୍ରଶ୍ନ କରୁ କି ମାଆ- ଏତେ ପଇସା ତୁ କୋଉଠୁ ଆଣୁଛୁ । ମୁଁ ତୋତେ କଥା ଭୁଲାଇ ଦିଏ । ତୁ ସେତେବେଳେ ଜାଣିଥିଲେ ପାଠ ପଢ଼ି ପାରି ନ ଥାନ୍ତୁ ଆଉ ଦିଲ୍ଲୀରୁ ଘରକୁ ଆସିବାକୁ ଜିଦ୍ ଧରିଥାନ୍ତୁ । ମୋର ମୋ ଭାଗ୍ୟ ଉପରେ ଯେତିକି ବିଶ୍ୱାସ ନ ଥିଲା ତା ଠାରୁ ଢ଼େର ଅଧିକ ବିଶ୍ୱାସ ଥିଲା ତୋ ଉପରେ । ମୁଁ ଜାଣିଥିଲି ତୁ ଦିନେ ସତରେ ସାହେବ୍ ହେବୁ । ସଂଘର୍ଷମୟ ଅତୀତ ଓ ଗରିବିର କଥାକୁ ମନେପକାଇ ଢ଼େର କାନ୍ଦିଛି ଆଉ ନିଜ ଲୁହକୁ ନିଜେ ପୋଛିଦିଏ । ଭାବେ ଖାସ୍ ତୋ ବାପା ଥାଆନ୍ତେ କି ଆମ ପାଖରେ । ନୂଆଁଣିଆ ଚାଳ ଘରେ ଝଲିଥିଲା କଟିଛି ମୋ ଜୀବନ। ଯେଉଁଠି ଶୋଇବାକୁ ଜାଗା ମିଳେନି, ସେଠି ପଢିବା ପାଇଁ ପରିବେଶ ଖୋଜିବା ତୋ ପାଇଁ କେମିତି ତିଆରି କରିଥାନ୍ତି। ପରଘରେ ଲୁଗାସଫା ଆଉ ବାସନ ମଜାରେ ଯାହା ମିଳେ ସେଥିରେ କଷ୍ଟେ ମଷ୍ଟେ ଚଳିଯାଏ ଆମ ଅଭାବୀ ସଂସାର। ଏସବୁ ତୁ ମୁଁ ବଡ଼ ହେବା ପରେ କହିଲୁ । ମାଆ, ତୁ ଯଦି ସେତେବେଳେ କହିଥାନ୍ତୁ, ମୁଁ ପାଠପଢ଼ା ଛାଡ଼ିଦେଇଥାନ୍ତି କିନ୍ତୁ ତୋତେ ଏତେ କଷ୍ଟ କରିବାକୁ ଦେଇ ନ ଥାନ୍ତି।

ମାଆ, ତୋର ଏତେ ସବୁ କଥା ଯେଉଁଦିନ ମୁଁ ଶୁଣିଥିଲି-ସେଦିନ ବି ଶପଥ କରିଥିଲି-ଯେମିତି ହେଲେ ତୋ ଜଙ୍ଗଲୀ ଭାଷାରେ ମୁଁ ସାହେବ ହେବି। ଆଜି ହେଲି । ଏଇ ୨୭ ବର୍ଷ ମୁଁ କେବଳ ତୋର କଥା ମାନୁଥିଲି । ଏଥର କିନ୍ତୁ ତୁ ମୋର କଥା ମାନିବୁ । ଆଉ ଜଙ୍ଗଲକୁ କେନ୍ଦୁ ସାଉଁଟିବାକୁ ଯିବୁନି କି ପରଘରେ କାମ କରିବାକୁ ଯିବୁନି । ଆମର ସେମାନଙ୍କ ପରି ଘର କରିବା। ସେଠି ତୁ ଆଉ ମୁଁ ରହିବା ଆଉ ତୁ ପସନ୍ଦ କରିବା ପରେ ମୁଁ ତୋ ପାଇଁ ଗୋଟେ ବୋହୂ ଆଣିବି । ଯିଏ ତୋ ପରି ତା ପିଲାମାନଙ୍କୁ ବି ସାହେବ କରିପାରିବ । କିନ୍ତୁ ମାଆ, ମୁଁ ଏଇ ଗ୍ୟାରେଂଟି ଦେଇଦେଉଛି ଆଜିଠାରୁ, ସେ କିନ୍ତୁ ତୋ ପରି ଜମା ଚାଲାକ୍ ହୋଇ ନ ଥିବ କି ଜଙ୍ଗଲରେ ଏତେ ପରିଶ୍ରମ କରିବନି । ଦେଖ, ଯଦି ସେ ତୋ କଥା ନ ମାନେ, ଜାଣିଥା, ମୁଁ ବି କାହାକଥା ଶୁଣିବାର ନାହିଁ। କାହାର ପ୍ରେମ ମୋତେ ଯେମିତି ନ ବାନ୍ଧେ । ମୁଁ ସବୁଜନ୍ମରେ ତୋରି ପୁଅ ହେବାକୁ ଚାହେଁ। ଗଲେ ଆଉ ସବୁ କଥା । ଇତି ତୋର, ଅମାନିଆ ଦୁଷ୍ଟ ପୁଅ।

# ରାଜ୍ୟର ମୁଖ୍ୟମନ୍ତ୍ରୀ ୧ ନମ୍ବର କିନ୍ତୁ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲା କାହିଁକି ଭାରତ ବର୍ଷର ସବୁଠାରୁ ପଛୁଆ ଜିଲ୍ଲା ?: କଂଗ୍ରେସ

ଭୁବନେଶ୍ୱର,୧୨/୯ (ନି.ପ୍ର): କେନ୍ଦ୍ର ସରକାରଙ୍କର ଦ୍ୱାରା ଏକ ମିଳିତ ସର୍ଭେ ରିପୋର୍ଟ ଭାରତ ବର୍ଷର ଆଦିବାସୀ ବହୁଳ ଜିଲ୍ଲାମାନଙ୍କର ପ୍ରସ୍ତୁତ କରାଯାଇଥିଲା । ଏହି ତଥ୍ୟ ମୁତାବକ ଭାରତ ବର୍ଷର ସବୁଠାରୁ ୫୦ ଟି ଅତ୍ୟନ୍ତ ପଛୁଆ ଜିଲ୍ଲା ମଧ୍ୟରୁ ଓଡ଼ିଶାର ୮ଟି ଜିଲ୍ଲା ଦେଶର ସବୁଠାରୁ ପଛୁଆ ଜିଲ୍ଲା ବୋଲି ପ୍ରକାଶ ପାଇଛି । ଏହି ୮ ଟି ପଛୁଆ ଜିଲ୍ଲା ଯଥାକ୍ରମରେ ମାଲ୍‌କାନାଗିରି, ବୌଦ୍ଧ, କଳାହାଣ୍ଡି, ମୟୁରଭଞ୍ଜ, ନୂଆପଡା, ଗଜପତି, ନବରଙ୍ଗପୁର ଓ କନ୍ଧମାଳ । ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ଓଡ଼ିଶାର ସମୁଦାୟ ଜନସଂଖ୍ୟାର ୨୨.୮୫ ପ୍ରତିଶତ କେବଳ ଆଦିବାସୀବର୍ଗର ଲୋକ ଅଟନ୍ତି ଏବଂ ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ସମୁଦାୟ ଆଦିବାସୀ ଜନସଂଖ୍ୟା ୯୫ ଲକ୍ଷ, ୯୦ ହଜାର ୭୫୬ ଜଣ କିନ୍ତୁ ୨୦୨୧ ମସିହା ସୁଧା ଏହା ପାଖାପାଖି ୧ କୋଟି ୮ ଲକ୍ଷ ରୁ ଅଧିକ ଜନସଂଖ୍ୟା ହେବାକୁ ବସିଲେଣି । ଓଡ଼ିଶାର ସମୁଦାୟ ଆଦିବାସୀ ଜନସଂଖ୍ୟା ଭାରତ ବର୍ଷର ଆଦିବାସୀ ଜନସଂଖ୍ୟା ଅନୁପାତରେ ଏହା ୯.୧୭ ପ୍ରତିଶତ ଅଟେ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ୨୦୦୦ମସିହାରେ ରାଜ୍ୟରେ କଂଗ୍ରେସ ସରକାର ଗଲାବେଳକୁ ଓଡ଼ିଶାର ଆଦିବାସୀ ଜିଲ୍ଲାମାନଙ୍କର ବିକାଶ ସୁଚକାଙ୍କ ଓଡ଼ିଶାର ପଡ଼ୋଶି ରାଜ୍ୟ ବିହାର, ଝାରଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ର ଠାରୁ ବହୁ ଭଲ ଥିଲା । କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତୀ ୧ ନମ୍ବର ହୋଇଥିଲାବେଳେ କାହିଁକି ଓ କିଭଳି ଭାବରେ ଓଡ଼ିଶାର ୮ଟି ଆଦିବାସୀ ଜିଲ୍ଲା ଭାରତ ବର୍ଷର ସବୁଠାରୁ ପଛୁଆ ଜିଲ୍ଲା ବୋଲି ପରିଗଣିତ ହେଉଛନ୍ତି ? ମୁଖ୍ୟମନ୍ତ୍ରୀ ସାରା ଓଡ଼ିଶା ତାଙ୍କର ପରିବାର କହୁଥିଲାବେଳେ ଏହି ୮ଟି ଆଦିବାସୀ ଜିଲ୍ଲାର ଆଦିବାସୀ ଭାଇ ଭଉଣୀମାନେ ତାଙ୍କର ପରିବାର କି ? ସାମଗ୍ରୀକ ମାନବ ବିକାଶ ସୂଚକାଙ୍କ ତଥ୍ୟ ଅନୁସାରେ ଏହି ସବୁ ଜିଲ୍ଲାମାନଙ୍କର ଅତି ବିକଟାଳ ଚିତ୍ର ଦୀର୍ଘ ୨୧ ବର୍ଷର ନିରନ୍ତର ଶାସନ ବ୍ୟବସ୍ଥା ପରେ ମଧ ଦେଖିବାକୁ ମିଳୁଛି । ନୁଆପଡ଼ା ରାଜ୍ୟର ସବୁଠାରୁ ପଛୁଆ ଜିଲ୍ଲା (୫୮୮ ର୍ୟାଙ୍କ) । ତା ପଛକୁ ନବରଙ୍ଗପୁର(୫୭୫ ର୍ୟାଙ୍କ), ବୌଦ୍ଧ (୫୭୪ ର୍ୟାଙ୍କ), ମୟୁରଭଞ୍ଜ (୫୬୪ ର୍ୟାଙ୍କ), ଗଜପତି (୫୫୨ ର୍ୟାଙ୍କ), କନ୍ଧମାଳ(୫୫୧ ର୍ୟାଙ୍କ), କଳାହାଣ୍ଡି (୫୪୮ ର୍ୟାଙ୍କ) ଜିଲ୍ଲା ରହିଛି । ଦାରିଦ୍ର୍ୟ କ୍ଷେତ୍ରରେ ବୌଦ୍ଧ ସବୁଠାରୁ ଅତ୍ୟନ୍ତ ଦରିଦ୍ର ଆଦିବାସୀ ଜିଲ୍ଲା ଏବଂ ମାଲକାନାଗିରି, ମୟୁରଭଞ୍ଜ ଓ କଳାହାଣ୍ଡି ଜିଲ୍ଲାମାନେ ମଧ କ୍ରମାନୟରେ ଦରିଦ୍ର ଆଦିବାସୀ ବହୁଳ ଜିଲ୍ଲା ବୋଲି ସ୍ଥାନ ପାଇଛନ୍ତି । ଶିକ୍ଷା କ୍ଷେତ୍ରରେ ନୂଆପଡ଼ା ସବୁଠାରୁ ପଛୁଆ ଆଦିବାସୀ ଜିଲ୍ଲା । ସ୍ୱାସ୍ଥ୍ୟ କ୍ଷେତ୍ରରେ ବୌଦ୍ଧ ଓ ଗଜପତି ଜିଲ୍ଲା ସବୁଠାରୁ ପଛୁଆ ଜିଲ୍ଲା । ଓଡ଼ିଶାର କୌଣସି ଏକ ଜିଲ୍ଲା ଭାରତ ବର୍ଷର ସବୁଠାରୁ ୧୦୦ ବିକଶିତ ଜିଲ୍ଲା ଭିତରେ ସ୍ଥାନ ପାଇନାହାନ୍ତି । ମୁଖ୍ୟମନ୍ତ୍ରୀ କିଭଳି ୧ ନମ୍ବର । ଯଦି ରାଜ୍ୟର ସ୍ଥିତି ଏତେ ଦୟନିୟ । ତାହାଲେ ମୁଖ୍ୟମନ୍ତ୍ରୀ କେଉଁଭଳି ଭାବରେ କେଉଁ ଚୟନ ପ୍ରକ୍ରିୟାରେ ୧ ନମ୍ବର ହେଲା ଏହା ସନ୍ଦେହ ସୃଷ୍ଟି କରୁଛି । ଏହି ୮ ଟି ଆଦିବାସୀ ବହୁଳ ଜିଲ୍ଲାରେ ପ୍ରଥମରୁ ଦଶମ ଶ୍ରେଣୀ ଭିତରେ ପାଖାପାଖି ୬୨.୪ ପ୍ରତିଶତ ପିଲା ବିଦ୍ୟାଳୟ ପାଠପଢ଼ା ଛାଡୁଛନ୍ତି । ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ମାତ୍ର ୧୫ ପ୍ରତିଶତ ପାଠ ପଢୁଛନ୍ତି । ରାଜ୍ୟରେ ଆଜିମଧ୍ୟ ଏହି ୮ଟି ଆଦିବାସୀ ଜିଲ୍ଲାରେ ଶିଶୁ ମୃତ୍ୟୁ ହାର ୪୦ ପ୍ରତିଶତ ଯାହାକି ଏହା ଭାରତ ବର୍ଷର ସବୁଠାରୁ ଅଧିକ । ଠିକ୍ ସେହିଭଳି ଭାବରେ ମାତୃ ମୃତ୍ୟୁହାର ୨୩୭ ଜଣ ଅଛି । ୬ ମାସରୁ ୫୯ ମାସ ଭିତରେ ପାଖାପାଖି ୪୪.୬ ପ୍ରତିଶତ ପିଲାମାନେ ରକ୍ତହିନତାରେ ଶିକାର ହେଉଛନ୍ତି । ଅପପୃଷ୍ଟି ହାର ମଧ ଏହି ୮ଟି ଆଦିବାସୀ ବହୁଳ ଜିଲ୍ଲାରେ ଏହା ସର୍ବାଧିକ । ସବୁଠାରୁ ବଡ଼ ଦୁଃଖର କଥା ହେଲା ଏହି ଆଦିବାସୀ ମାନଙ୍କ ଦ୍ୱାରା ରାଜ୍ୟର ଅର୍ଥନିତୀ ଓ ସାମାଜିକ ସଂପଦ ବିକାଶ ଓ ସୃଷ୍ଟି ହୋଇଥାଏ । କିନ୍ତୁ ଏମାନେ ସବୁଠାରୁ ପଛରେ କେମିତି । ଏହି ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ପ୍ରବକ୍ତା ମନୋରଞ୍ଜନ ଦାସ ଓ ପ୍ରବକ୍ତା ଶ୍ରୀ ମନୋଜ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ଅମ୍ବିକା ସ୍ୱାଇଁଙ୍କ ଶିଶୁ କବିତା ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୧୨/୯ (ନି.ପ୍ର): ପବିତ୍ର ଶ୍ରୀଗଣେଶ ଚତୁର୍ଥୀ ଅବସରରେ ସୁପରିଚିତା ଲେଖିକା, ସଙ୍ଗଠିକା ଶ୍ରୀମତୀ ଅମ୍ବିକା ସ୍ୱାଇଁଙ୍କ ଶିଶୁ କବିତା ପୁସ୍ତକ 'ଆସ ଗଢିବା ସ୍ୱପ୍ନର ଦେଶ' ଲୋକାର୍ପିତ ହୋଇ ଯାଇଛି । ବରିଷ୍ଠ ସାହିତ୍ୟିକ ପ୍ରାକ୍ତନ ଆରକ୍ଷୀ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର, ବିଶିଷ୍ଟ ସାହିତ୍ୟିକା, ଅନୁବାଦିକା ଡଃ ଶକୁନ୍ତଳା ବଳିୟାର ସିଂହ, ବରିଷ୍ଠ ଶିଶୁ ସାହିତ୍ୟିକ,ଶିକ୍ଷାବିତ ଡ଼ଃ ଦିଗରାଜ ବ୍ରହ୍ମା, ବରିଷ୍ଠ ଶିଶୁ ସାହିତ୍ୟିକ, ଶିକ୍ଷାବିତ ସମୀକ୍ଷକ, ଡଃ ବସନ୍ତ କିଶୋର ସାହୁ, ବରିଷ୍ଠ ଶିଶୁ ସହିତ୍ୟିକା ତଥା ନନ୍ଦନକାନନ ପତ୍ରିକା ର ସମ୍ପାଦିକା ଶ୍ରୀମତୀ ସରଳା ପତ୍ରି, ବିଶିଷ୍ଟ ସାହିତ୍ୟିକ ରାଜ୍ୟ ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ର ସମ୍ପାଦକ ଡଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଏବଂ ଲେଖିକା ଙ୍କର ବଡ ଭାଇ ଓଡ଼ିଶା ଅଗ୍ନିଶମ ବିଭାଗର ସର୍ବୋଚ୍ଚ ଅଧିକାରୀ ଶ୍ରୀଯୁକ୍ତ ମହେଶ୍ୱର ସ୍ୱାଇଁଙ୍କ କର କମଳରେ ଭାଷା ବିଜ୍ଞାନୀ ଡ଼ଃ ଦେବାଶିଷ ମହାପାତ୍ରଙ୍କ ସଂଯୋଜନା ରେ ପୁସ୍ତକଟି ଲୋକାର୍ପିତ ହୋଇ ଯାଇଛି । ସମସ୍ତ ବିଜ୍ଞ ଅତିଥି ଏବଂ ସମୀକ୍ଷକ,ଡଃ ବସନ୍ତ କିଶୋର ସାହୁ ପୁସ୍ତକଟିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି କହିଥିଲେ, ଭାବ ଭାଷା ଶବ୍ଦ ସଂଯୋଜନା ସହିତ ଲେଖା ଗୁଡ଼ିକ ସରଳ ସାବଲୀଳ, ଶିଶୁ ମନ ଉପଯୋଗୀ ବେଶ ଶିକ୍ଷଣୀୟ ହୋଇ ପାରିଛି, ସୁନ୍ଦର ସମାଜ , ଦେଶ ଗଠନ ପାଇଁ ଏଥିରେ ବାର୍ତ୍ତା ଭରି ରହିଛି,ନିଶ୍ଚିତ ଭାବରେ ପୁସ୍ତକ ଟି ଆଦୃତି ଲାଭ କରିବ ବୋଲି ମତବ୍ୟକ୍ତ କରି ଥିଲେ । ଲେଖିକା ଅମ୍ବିକା ସ୍ୱାଇଁ ପୁସ୍ତକ ଟିର ଲେଖକୀୟ ଆଭିମୁଖ୍ୟ ଅବତାରଣା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ କଣ୍ଠଶିଳ୍ପୀ ରୁଦ୍ର ରୁପା ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ । ଏହି ଉତ୍ସବରେ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ, ଯଥା..ସୁକୁମାର ସାମଲ, କିଶୋର ଚନ୍ଦ୍ର ସ୍ୱାଇଁ, ଜ୍ଞାନଚାନ୍ଦ ଶତପଥୀ ଡ଼ଃ ସୁଷମା ମିଶ୍ର, ଅଶୋକ ସାମନ୍ତ, ବିପିନ ବିହାରୀ ଦଳାଇ,ବ୍ରହ୍ମାନନ୍ଦ ବିଶ୍ୱାଳ, ସୌଭାଗିନୀ ମହାପାତ୍ର, ଡଃ ଶଶୀଭୂଷଣ ମହାପାତ୍ର, ଡଃ ରଶ୍ମି ଦାସ, ଅଲେଖ ଚନ୍ଦ୍ର ରାଉତ, ପ୍ରଦୀପ କୁମାର ସାହୁ, ଅରୁଣ କୁମାର ମହାନ୍ତି, ସବ୍ୟସାଚୀ ବିଶୋଇ, ବାଉରୀ ବନ୍ଧୁ ଲେଙ୍କା ସୌମ୍ୟରଂଜନ ଦାଶ, ପୂର୍ଣ୍ଣ ପଟ୍ଟନାୟକ, ସୁଷମା, ରାଜଲକ୍ଷ୍ମୀ ତ୍ରିପାଠୀ, ମମତା ବାରିକ, ଅନିମା ପଟ୍ଟନାୟକ, ନିରାକାର ଚଇନି, ଜୟଶ୍ରୀ ପଟ୍ଟନାୟକ, ପୁଷ୍ପାଞ୍ଜଳି ପଣ୍ଡା, ମଞ୍ଜୁଲତା ସିଂ, ସୁଷମା ଲେଙ୍କା, ଗୀତା, କେ ବିପ୍ଲବ, କାହ୍ନୁ ଚରଣ ସାହୁ ଦାସ, ବିରଜା ଦେବୀ ପ୍ରଭୃତି ଉପସ୍ଥିତ ରହି ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ଥିଲେ ।

# ରେଡକ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ

ଭୁବନେଶ୍ୱର,୧୨/୯ (ନି.ପ୍ର): ପ୍ରାଥମିକ ଉପଚାର ମାଧ୍ୟମରେ ଜଣେ ଅସୁସ୍ଥ ବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିକୁ ଜୀବନ ସୁରକ୍ଷା କରାଯିବା ସହ ତାହାକୁ ସୁରକ୍ଷିତ ଭାବରେ ଡାକ୍ତରଖାନାରେ ପହଂଚାଇ ଦିଆଯାଇପାରିବ । ସାଧାରଣତଃ ଆଶୁ ଉପଚାର ସୀମାବଦ୍ଧ ଭାବରେ ଆହତଙ୍କ ଅବସ୍ଥାରେ ଉନ୍ନତି ଆଣିବା ସହିତ ଉଚିତ୍ ପଦ୍ଧତିରେ ସ୍ଥାନାନ୍ତରୀକରଣ ପ୍ରାଥମିକ ଉପଚାରର ପ୍ରାରମ୍ଭିକ ଲକ୍ଷ୍ୟ । ଦୁର୍ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଏହି ଦିଗରେ ପ୍ରଶିକ୍ଷଣ ଦିଆଯାଇପାରିଲେ ଦୁର୍ଘଟଣାରେ ଘଟୁଥିବା ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇପାରିବ । ଏହି ଲକ୍ଷ୍ୟ ନେଇ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ବିଶ୍ୱ ପ୍ରାଥମିକ ଉପଚାର ଦିବସ ୨୦୨୧, ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣାଙ୍କ ସଭାପତିତ୍ୱରେ ଆୟୋଜନ କରିଛି । ଏହି ଅବସରରେ ସୁଶ୍ରୀ ସୁଗୁଣା ନିଜସ୍ୱ ଅଭିଭାଷଣରେ ପ୍ରାଥମିକ ଉପଚାର କ୍ଷେତ୍ରରେ ରେଡକ୍ରସ ସୋସାଇଟିର ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରାଜ୍ୟ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିବା ସହ ଏହାର ସଫଳତା ନିମନ୍ତେ ରେଡକ୍ରସର ସହଯୋଗ କାମନା କରିଥିଲେ । ଅନ୍ୟତମ ଅତିଥି ଭାବରେ ସହ ଆୟୁକ୍ତ ସଂଜୟ ବିଶ୍ୱାଳ ସଡକ ସୁରକ୍ଷା ଓ ପ୍ରାଥମିକ ଉପଚାରର ବିଭିନ୍ନ ଦିଗ ସଂପର୍କରେ ମତ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଓଡିଆ ଭାଷାରେ ପ୍ରାଥମିକ ଉପଚାର ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକ ଓ ଭୁବନେଶ୍ୱରର ଯୁବ ରେଡକ୍ରସ ଓ କନିଷ୍ଠ ରେଡକ୍ରସର ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟରେ ଖାଲି ପଡ଼ିଛି ୨୫୯୪ ଷ୍ଟାଫ୍ ନର୍ସ ପଦବୀ

ଭୁବନେଶ୍ୱର ,୧୨/୯ (ନି.ପ୍ର): ରାଜ୍ୟରେ ୨୫୯୪ ଷ୍ଟାଫ୍‌ନର୍ସ ପଦବି ଖାଲି ପଡ଼ିଛି । କେବଳ ଷ୍ଟାଫ୍‌ନର୍ସ ନୁହେଁ, ୧୦୯୯ ଏଏନ୍‌ଏମ୍ ପଦ ମଧ ଖାଲି ରହିଛି । ହେଲେ ରାଜ୍ୟରେ କୋଭିଡ୍ ମୁକାବିଲ ପାଇଁ ନିଯୁକ୍ତ ହୋଇଥିବା ଏଏନ୍‌ଏମ୍/ଷ୍ଟାଫନର୍ସଙ୍କୁ ଦକ୍ଷତା ତଥା ଯୋଗ୍ୟତାର ମାପକାଠି ଭାବେ ବିଚାରକୁ ନେବାର କୌଣସି ବ୍ୟବସ୍ଥା ନାହିଁ ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ । ଫଳରେ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ଖାଲି ପଡ଼ିଥିବା ଏଏନ୍‌ଏମ୍/ଷ୍ଟାଫନର୍ସର ବିଭିନ୍ନ ପଦବିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଲିଥିବା ବିଭିନ୍ନ ଯୋଜନାରେ ଅସ୍ଥାୟୀ ଭାବେ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କୁ ନିୟମିତ କରାଯାଉଛି । ଏବେ ଏହି ପ୍ରକ୍ରିୟା ଚାଲୁ ରହିଛି । ଏହି ପ୍ରକ୍ରିୟା ଶେଷ ହେବା ପରେ ଖାଲି ପଡ଼ିଥିବା ପଦବିଗୁଡ଼ିକୁ ନୂତନ କ୍ୟାଡର ରୁଲ ଅନୁଯାୟୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଆୟୋଗଙ୍କ ଦ୍ୱାରା ଲିଖିତ ପରୀକ୍ଷା ମାଧମରେ ପୂରଣ କରାଯିବ । ଏହାସହ ଅର୍ଥ ବିଭାଗ ଦ୍ୱାରା ନୂତନ ଭାବେ ଅନୁମୋଦିତ ୬୪୩୨ଟି ଷ୍ଟାଫନର୍ସ ପଦ ପୂରଣ ପାଇଁ ଓଡ଼ିଶା ଅଧସ୍ତନ କର୍ମଚାରୀ ଆୟୋଗଙ୍କ ଦ୍ୱାରା ନିକଟରେ ଲିଖିତ ପରୀକ୍ଷା ଶେଷ ହୋଇଥିବା ସେ କହିଛନ୍ତି ।

# ମେଡିକାଲରେ ଭର୍ତ୍ତି ହେଉଛନ୍ତି ଅଧିକ ଶିଶୁ



ଭୁବନେଶ୍ୱର ,୧୨/୯ (ନି.ପ୍ର): ରାଜ୍ୟରେ ଦୈନିକ ସଂକ୍ରମଣ ଏବେ ୬ଶହରୁ ୭ଶହ ଭିତରେ ରହିଛି । ତହିଁରୁ ପ୍ରାୟ ୧୫ପ୍ରତିଶତ ୧୮ବର୍ଷରୁ କମ୍ ବୟସର ପିଲା ପଜିଟିଭ୍ ଚିହ୍ନଟ ହେଉଛନ୍ତି । ହେଲେ ଗତ କିଛି ଦିନ ଭିତରେ ଶିଶୁ ଓ ବୟସ୍କଙ୍କ ବର୍ଗରେ ଅଧିକ ସଂଖ୍ୟାରେ ରୋଗୀ ଆଇସିୟୁ କିମ୍ବା ଆଇସିୟୁ ଭେଣ୍ଟିଲେଟରରେ ଭର୍ତି ହୋଇଥିବା ନଜରକୁ ଆସିଲାଣି । ଯଦିଓ ଏହି ସଂଖ୍ୟା ବିଶେଷ ଅଧିକ ନୁହେଁ, କିନ୍ତୁ ଚିନ୍ତାଜନକ । ଗତ ୫ ତାରିଖରେ ରାଜ୍ୟରେ ବୟସ୍କ ଓ ୧୮ବର୍ଷରୁ କମ୍ ପିଲାଙ୍କ ହସ୍ପିଟାଲରେ ପରିସଂଖ୍ୟାନକୁ ତୁଳନା କଲେ ବ୍ୟବଧାନ ବାରି ହୋଇପଡୁଛି । ୫ ତାରିଖ ବେଳକୁ ରାଜ୍ୟରେ ୯୭ ଜଣ ରୋଗୀ ଭେଣ୍ଟିଲେଟରରେ ଥିବା ବେଳେ ଏହି ସଂଖ୍ୟା ଏବେ ୯୯ରେ ପହଞ୍ଚିଛି । ସେହିପରି ୨ଜଣ ଶିଶୁ ଆଇସିୟୁ/ଏଚ୍‌ଡିୟୁରେ ଥିବା ବେଳେ ଏବେ ସଂଖ୍ୟା ବୃଦ୍ଧି ପାଇ ୪କୁ ବୃଦ୍ଧି ପାଇଛି । ପୂର୍ବରୁ ୧୩ଜଣ ଶିଶୁ ସାଧାରଣ ଶଯ୍ୟାରେ ଥିବା ବେଳେ ଏବେ ଏହି ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ୫ ଦିନ ଭିତରେ ହସ୍ପିଟାଲରେ ଶିଶୁଙ୍କ ଆଡମିସନ୍ ୧୩୦ ପ୍ରତିଶତ ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୩୦ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ ୧୧୬ଜଣ ୧୮ବର୍ଷରୁ କମ୍ ବୟସର ପିଲା ରହିଛନ୍ତି । ଖୋର୍ଦ୍ଧା ୨୨୧, କଟକ ୧୧୮, ଯାଜପୁର ୩୨, ବାଲେଶ୍ୱର ୨୩, ସୁନ୍ଦରଗଡ଼ ୨୨, ମୟୂରଭଞ୍ଜ ୨୦, ନୟାଗଡ଼ ୧୭, ପୁରୀ ୧୬, ଢେଙ୍କାନାଳ ୧୨ ଓ ଷ୍ଟେଟ୍ ପୁଲରୁ ୫୩ଜଣଙ୍କୁ ଚିହ୍ନଟ କରାଯାଇଛି । ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୧୫ହଜାର ୭୧୩କୁ ବୃଦ୍ଧି ପାଇଛି । ରାଜ୍ୟରେ ଆଉ ୮ଜଣ କରୋନାରେ ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ କଟକ ୨, ବାଲେଶ୍ୱର, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ମାଲକାନଗିରି ଓ ମୟୂରଭଞ୍ଜରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ମୋଟ ମୃତ୍ୟୁସଂଖ୍ୟା ୮୦୯୨କୁ ବୃଦ୍ଧି ପାଇଛି । ରାଜ୍ୟରେ ଆଜି ୭୦୬ କୋଭିଡ୍ ରୋଗୀ ସୁସ୍ଥ ହୋଇଛନ୍ତି । ଫଳରେ ସମୁଦାୟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୦ଲକ୍ଷ ୧ହଜାର ୨୫୪କୁ ବୃଦ୍ଧି ପାଇଛି । ଏବେ ୬୩୧୪ ଚିକିତ୍ସାଧୀନ ରୋଗୀ ରହିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୫୦୨ଜଣ ଚିକିତ୍ସାଧୀନ ରୋଗୀ ଅଛନ୍ତି ।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ କୁଟିଆ କନ୍ଧ ଜନଜାତିଙ୍କ ଜୀବନଶୈଳୀ

ଭୁବନେଶ୍ୱର,୧୨/୯ (ନି.ପ୍ର): ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରତ୍ୟେକ ରବିବାର ଦର୍ଶକମାନଙ୍କ ନିମନ୍ତେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରର ବ୍ୟବସ୍ଥା କରାଯାଇଛି । ଆସନ୍ତାକାଲି (ରବିବାର) ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି କୁଟିଆ କନ୍ଧ ଜନଜାତିଙ୍କର ଜୀବନଶୈଳୀ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର(ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାର ଦକ୍ଷିଣ-ପଶ୍ଚିମାଂଚଳରେ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ବଣପାହାଡ଼ଘେରା ଅଂଚଳରେ କୁଟିଆ କନ୍ଧ ଜନଜାତି ବସବାସ କରନ୍ତି । କୁଟିଆ କନ୍ଧ ପରିବାର ଏକ ଛୋଟ ପରିବାର ଅଟେ । ପରିବାରକୁ କେନ୍ଦ୍ର କରି ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ଜୀବନଶୈଳୀ ଅତିବାହିତ ହୋଇଥାଏ । ଝାଡୁ ତିଆରି, ମ୍ୟାଟ୍ ତିଆରି, ଝୁଡ଼ି ତିଆରି ଆଦି ସେମାନଙ୍କର ମୁଖ୍ୟ ପେଶା ଅଟେ । ସେମାନେ ପୋଡୁ ଚାଷ କରିଥାନ୍ତି । ସେମାନେ ପ୍ରତୀକାତ୍ମକ ବା ସାଙ୍କେତିକ ଧାର୍ମିକ ଚିହ୍ନରେ ସିନ୍ଦୁର ବ୍ୟବହାର କରିଥାନ୍ତି । ଧରଣୀପେନୁ ହେଉଛନ୍ତି କୁଟିଆ କନ୍ଧ ଜନଜାତିଙ୍କର ମୁଖ୍ୟ ଦେବୀ । କୁଟିଆ କନ୍ଧ ଜନଜାତି ଏକ ସ୍ୱତନ୍ତ୍ର ପୋଷାକ ପରିଧାନ କରିଥାନ୍ତି । ସେମାନେ ଆତ୍ମରକ୍ଷା କରିବା ଭଳି ଅଳଙ୍କାର ବ୍ୟବହାର କରିବା ସହିତ ବାହୁ ଓ ମୁଖରେ ଚିତା କୁଟାଇଥାନ୍ତି । କୁଟିଆ କନ୍ଧ ଜନ ଜାତିମାନେ ସଂଗୀତପ୍ରେମୀ ଅଟନ୍ତି ।

# ଗୋବରରୁ ତିଆରି ହେବ ପ୍ରାକୃତିକ ରଙ୍ଗ

ଭୁବନେଶ୍ୱର ,୧୨/୯ (ନି.ପ୍ର): ଗୋବରରୁ ତିଆରି ହେବ ପ୍ରାକୃତିକ ରଙ୍ଗ । ଏଥିପାଇଁ ଓଡ଼ିଶାରେ ଖଦି ଗ୍ରାମୋଦ୍ୟୋଗ କମିସନ ପକ୍ଷରୁ ପ୍ରାକୃତିକ ରଙ୍ଗ ତିଆରି ପାଇଁ ପ୍ରଶିକ୍ଷଣ ଏବଂ ଉତ୍ପାଦନ କେନ୍ଦ୍ର । ଏଥିପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି । ଖଦି ଗ୍ରାମୋଦ୍ୟୋଗ କମିସନ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଖଦି ଗ୍ରାମୋଦ୍ୟୋଗ କମିସନ୍‌ର ପୂର୍ବାଞ୍ଚଳ ସଦସ୍ୟ ମନୋଜ ସିଂ । ଶ୍ରୀ ସିଂ କହିଛନ୍ତି, ବର୍ତ୍ତମାନ କାନ୍ଥରେ ଲଗାଯାଉଥିବା ରସାୟନିକ ରଙ୍ଗରେ ବିଭିନ୍ନ ପ୍ରକାର କୁପ୍ରଭାବ ରହିଛି । ଏଥିପାଇଁ ପ୍ରାକୃତିକ ରଙ୍ଗ ଉତ୍ପାଦନକୁ ଗୁରୁତ୍ୱ ଦିଆଯାଉଛି । ଦେଶର କେବଳ ରାଜସ୍ଥାନରେ ହିଁ ଏଭଳି କେନ୍ଦ୍ର ରହିଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶା ସମେତ ଦେଶର ୭ଟି ସ୍ଥାନରେ ଏହି କେନ୍ଦ୍ର ନିର୍ମାଣ ହେବ । ଏଥିସହିତ ପରୀକ୍ଷାମୂଳକ ଭାବରେ ହାତୀ-ମଣିଷ ଲଢ଼େଇ ରୋକିବା ପାଇଁ ମହୁମାଛି ବାକ୍ସ ବ୍ୟବହାର କରିବ ଖଦି କମିସନ । କର୍ଣ୍ଣାଟକରେ ଏହାର ପାଇଲଟ ପ୍ରୋଜେକ୍ଟ କରାଯାଇଛି । ଓଡ଼ିଶାର ୩ଟି ସ୍ଥାନରେ ଏହା ଲଗାଯିବ । ଏଥିପାଇଁ ଜଙ୍ଗଲ ବିଭାଗ ସହିତ ମଧ ଆଲୋଚନା କରାଯାଉଛି । ମୁମ୍ବାଇର ଏକ ଟିମ୍ ଆସି ଅନୁଗୁଳ ଜିଲ୍ଲା ଆଠମଲ୍ଲିକର ଏକ ସ୍ଥାନ ଅନୁଧ୍ୟାନ କରିଛନ୍ତି । ପର୍ଯ୍ୟାୟକ୍ରମେ ଦଳ ଆସି, ୩ଟି ସ୍ଥାନ ଚିହ୍ନଟ କରି କାର୍ଯ୍ୟାରମ୍ଭ କରିବ । ବର୍ଷେ ମଧରେ ମହୁମାଛି ବାକ୍ସ ହାତୀ-ମଣିଷ ଲଢ଼େଇ ରୋକିବାରେ କିଭଳି ସଫଳ ହେଉଛି ଦେଖିବା ପରେ ଏ ସମ୍ପର୍କରେ ସ୍ପଷ୍ଟ ଘୋଷଣା ହେବ । ଏହି ଅବସରରେ ଶ୍ରୀ ସିଂ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ (ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ)ର ୮୫ଟି ନିବନ୍ଧିତ ସଂସ୍ଥା ରହିଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏହାଛଡ଼ା ଖଦିର ପ୍ରୋତ୍ସାହନ ପାଇଁ ରାଜ୍ୟରେ କମିସନ ପକ୍ଷରୁ କରାଯାଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ମଧ ସୂଚନା ଦେଇଥିଲେ । ଏଥି ଅନ୍ତର୍ଗତରେ ୨୦୨୦-୨୧ରେ ରାଜ୍ୟରେ ଖଦି ଗ୍ରାମୋଦ୍ୟୋଗ ପକ୍ଷରୁ ୪୦ଟି ସଂସ୍ଥାକୁ ସମୁଦାୟ ୧ କୋଟି ୩୧ ଲକ୍ଷ ୧୪ ହଜାର ୪୪୫ ଟଙ୍କା ଅନୁଦାନ ଦିଆଯିବ । ନୂତନ ଉତ୍ପାଦ ଏବଂ ଡିଜାଇନ ପାଇଁ ଚରଖାର ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଖୋର୍ଦ୍ଧା ସ୍ଥିତ ମା' ଦୁର୍ଗା ଗ୍ରାମ୍ୟ ଶିଳ୍ପ ସମିତିକୁ ପୁନରୁଦ୍ଧାର କରାଯାଇଛି । ଭଦ୍ରକ, କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ପୁରୀର ୧୬ ଏସ୍‌ଏଚ୍‌ଜିର ୧୬୦ ଟେରାକୋଟା କଳାକାରଙ୍କ ପାଇଁ ୧୬୦ ସ୍ୱୟଂ ଚାଳିତ ବିଜୁଳି ଚକ ପ୍ରଦାନ କରାଯାଇଛି । ମହୁ ମିସନ ଅନ୍ତର୍ଗତରେ କଳାହାଣ୍ଡି, ପୁରୀ, ଅନୁଗୁଳ, ମୟୁରଭଞ୍ଜ, ନୟାଗଡ଼, ଢେଙ୍କାନାଳ, ଜଗତସିଂହପୁରର ୧୨୦ ଜଣଙ୍କୁ ୧୨୦୦ ମହୁମାଛି ବାକ୍ସ ପ୍ରଦାନ କରାଯିବ । ୮ ଏସ୍‌ଏଚ୍‌ଜିର ୮୦ ପେପର ମେସିନ କଳାକାରଙ୍କୁ ପ୍ରଶିକ୍ଷଣ ଏବଂ ଆବଶ୍ୟକ ଉପକରଣ ଦିଆଯିବ । ୪ଟି ଏଚ୍‌ଏଚ୍‌ଜିର ୪୦ ତାଳଗୁଡ଼ କଳାକାରଙ୍କୁ ୫ ଦିନ ପର୍ଯ୍ୟନ୍ତ ଦକ୍ଷତା ବିକାଶ ତାଲିମ ଦିଆଯିବ । ପ୍ରତ୍ୟେକ ଗ୍ରୁପକୁ ମେସିନ ଦିଆଯିବ । ଏଥିପାଇଁ ୪.୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ୩୧୬୪ଟି ନୂତନ ୟୁନିଟ ସ୍ଥାପିତ ହୋଇଛି । ଏଥିପାଇଁ ୨୦୨୦ରେ ୮୭.୨୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଯୋଜନାରେ ୪ଟି ୟୁନିଟ ସମ୍ପ୍ରସାରଣ ପାଇଁ ୨୧.୨୩ ଲକ୍ଷ ଟଙ୍କା ଦିଆଯାଇଛି ।

# ସୀମା ବିବାଦ :ପଡୋଶୀ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସମାଧାନ କରନ୍ତୁ ନବୀନ : ବିଜେପି

ଭୁବନେଶ୍ୱର,୧୨/୯ (ନି.ପ୍ର): ଓଡିଶାର ସୀମା ଅସୁରକ୍ଷିତ ହୋଇ ପଡିଛି । ଓଡିଶାର ଦକ୍ଷିଣାଂଚଳ, ପଶ୍ଚିମାଂଚଳ ଏବଂ ଉତରା ପୂର୍ବାଂଚଳ ସୀମାରେ ପଡୋଶୀ ଆନ୍ଧ୍ର ପ୍ରଦେଶ, ଛତିଶଗଡ, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ବିଭିନ୍ନ ସମୟରେ ରାଜ୍ୟ ଭିତରେ ପଶି ଓଡିଶାର ଅଂଚଳକୁ ନିଜ ଅକ୍ତିଆରକୁ ନେବା ପାଇଁ ଅପଚେଷ୍ଟା କରିଆସୁଛନ୍ତି । ରାଜ୍ୟ ସରକାର ସୀମା ବିବାଦ ନେଇ କୋର୍ଟ କଚେରୀରରେ ନିଜର ତଥ୍ୟ ନଦେଇପାରିବା ଯୋଗୁଁ ପଡୋଶୀ ରାଜ୍ୟମାନଙ୍କର ଅନୁପ୍ରବେଶ ଅଧିକ ମାତ୍ରାରେ ବଢିଛି ବୋଲି ବିଜେପି ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ, ବିଗତ ୨ ବର୍ଷ ଧରି ପଡୋଶୀ ରାଜ୍ୟମାନେ ଓଡିଶାର କୋଟିଆ, ଗଜପତି ଜିଲ୍ଲାର ମାଣିକପାଟଣା ଏବଂ ବାଲେଶ୍ୱରର ଉଦୟପୁର ଅଂଚଳରେ ଅନାଧିକାର ପ୍ରବେଶ କରିଛନ୍ତି । ଗତ ୭ ଦିନ ତଳେ ଗଜପତି ଜିଲ୍ଲାର ରାଇଗଡ ବ୍ଲକ ଗଙ୍ଗାବାଡ ପଂଚାୟତର ମାଣିକପାଟଣା ଗ୍ରାମରେ ଆନ୍ଧ୍ର ସରକାର ଅଙ୍ଗନବାଡି କେନ୍ଦ୍ର ଖୋଲିଥିଲେ । ଜିଲ୍ଲା ପ୍ରଶାସନ ୭ ତାରିଖ ଦିନ ଅଙ୍ଗନବାଡି କେନ୍ଦ୍ରକୁ ସିଲ୍ କଲେ ଏବଂ ଆନ୍ଧ୍ର ସରକାରଙ୍କୁ ସହଯୋଗ କରୁଥିବା ସେହି ଗ୍ରାମର ବ୍ୟକ୍ତି ଗୁରୁନାଥ ଶବରଙ୍କୁ ଗିରଫ କଲେ । ଏହାର ପ୍ରତିବାଦରେ ସେପ୍ଟେମ୍ବର ୯ ତାରିଖରେ ମାଣିକ ପାଟଣାରେ ଆନ୍ଧ୍ର ମନ୍ତ୍ରୀ ଏସ.ଅପଲା ରାଜୁ ସାଙ୍ଗରେ ତହସିଲଦାର, ସବ କଲେକ୍ଟର, ଡିଏସପି ଏବଂ ୪ ପ୍ଲାଟୁନ ପୁଲିସ ନେଇ ମାଣିକ ପାଟଣାରେ ପହଂଚି ଦାଦାଗିରି ଆରମ୍ଭ କରିଥିଲେ । ଆନ୍ଧ୍ର ମନ୍ତ୍ରୀ ଓଡିଶା ଅଫିସରଙ୍କୁ ନାଲି ଆଖି ଦେଖାଇବା ସହ ଗିରଫ କରିବାର ଭୟ ଦେଖାଇଥିଲେ । ଏ ସମସ୍ତ ଘଟଣା ପରେ ବି ରାଜ୍ୟ ସରକାର ସେମାନଙ୍କ ବିରୁଦ୍ଧରେ ଏତଲା ରୁଜୁ ନକରିବା ନିନ୍ଦନୀୟ ଘଟଣା । ଗତ ଫେବୃଆରୀର ମାସରେ ପଡୋଶୀ ଆନ୍ଧ୍ର ମାଲକାନଗିରି, କୋରାପୁଟ, ରାୟଗଡା ଏବଂ ଗଂଜାମରେ ଫଂଚାୟତ ନିର୍ବାଚନ କରିବା ପାଇଁ ଅପଚେଷ୍ଟା କରିଥିଲା । ଫେବୃଆରୀ ମାସରେ ରାଜ୍ୟ ସଭାପତି ଶ୍ର ସମୀର ମହାନ୍ତିଙ୍କ ନେତୃତ୍ୱରେ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ସୀମାବିବାଦ ଅଂଚଳ ବୁଲି ସରଜମିନ ତଦନ୍ତ କରିଫେରିଥିଲା । ଗତ ୧୯ ଜାନୁଆରୀ ରେ ଓଡିଶାରେ ସୀମା ବିବାଦ ଗୃହ କମିଟି ବସିଥିଲା । ଏହା ଭିତରେ କମିଟିକୁ ୮ ମାସ ବିତିଥିଲେ ବି ଗୋଟିଏ ଦିନ ପାଇଁ ହାଉସ କମିଟି ସୀମା ବିବାଦ ଅଂଚଳକୁ ବୁଲି ଦେଖିଲେ ନାହିଁ । ସୀମା ବିବାଦକୁ ନେଇ ଓଡିଶାର ମୁଖ୍ୟମନ୍ତ୍ରୀ ପଡୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ କଲେ ନାହିଁ । ଓଡିଶା-ଆନ୍ଧ୍ର ସୀମା ନିର୍ଦ୍ଧାରଣ ସମୟରେ ଓଡିଶା ଭିତରେ ମାଣିକପାଟଣା ଗ୍ରାମ ଅବସ୍ଥିତ ଅଛି । ଏହି ଗ୍ରାମ ଉପରେ ଆନ୍ଧ୍ର ସକରାକରଙ୍କ କୌଣସି ଅଧିକାର ନାହିଁ । କିନ୍ତୁ ଆନ୍ଧ୍ର ସରକାର ସୀମାନ୍ତବର୍ତୀ ଲୋକଙ୍କୁ ପ୍ରଲୋଭିତ କରାଇ ବିଭିନ୍ନ ଯୋଜନାରେ ସାମିଲ କରି ଓଡିଶାର ଗାଁକୁ ଆନ୍ଧ୍ରରେ ସାମିଲ କରିବା ନେଇ ଷଡଯନ୍ତ୍ର ରଚିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି । ସୀମା ବିବାଦକୁ ନେଇ ରାଜ୍ୟ ବିଜେପି ବାରମ୍ବାର ସରକାରଙ୍କୁ ସର୍ତକ କରାଇ ଆସୁଛି । କିନ୍ତୁ ରାଜ୍ୟ ସରକାର ସୀମା ସୁରକ୍ଷାକୁ ନେଇ ଚିନ୍ତିତ ନୁହଁନ୍ତି । ସମୁଦ୍ର ଜୁଆରରୁ ରକ୍ଷା ପାଇବା ପାଇଁ ପଶ୍ଚିମବଙ୍ଗ ସରକାର ବାଲେଶ୍ୱର ଉଦୟପୁର ଠାରେ ୩୦ ଫୁଟ ଲମ୍ବର ବନ୍ଧ ନିର୍ମାଣ କରିବା ପରେ ଗତ ୩ ଦିନ ହେବ କାମ ବନ୍ଦ ରଖିଛନ୍ତି । ଦକ୍ଷିଣ ଓଡିଶାର ସମସ୍ତ ସୀମାନ୍ତ ଗାଁ ଗୁଡିକରେ ଆଦିବାସୀ ଲୋକ ବସବାସ କରନ୍ତି । ତାଙ୍କ ସମସ୍ୟା ବୁଝିବା ପାଇଁ ଓଡିଶାର ସରକାରୀ ଅଫିସର ମାନେ ଆନ୍ଧ୍ର ଭିତର ଦେଇ ୪୦ କିମି ରାସ୍ତା ପାର୍ ହୋଇ ଆସୁଛନ୍ତି । ସେଠାରେ ଜଣେ ମହିଳା ତଦସିଲଦାର ଆନ୍ଧ୍ର ପୁଲିସ ଏବଂ ସରକାର ସହ ଲଢେଇ କରୁଛନ୍ତି । ଓଡିଶାର ସୀମା ମାଲକାନଗିରିରୁ ମୟୁରଭଂଜ, ନୂଆପଡାରୁ ସୁନ୍ଦରଗଡ ପର୍ଯ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଅଛି ।ସୀମା ବିବାଦ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନୀରବ କାହିଁକି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି । ରାଜ୍ୟ ସରକାର ଓଡିଶା ସୀମାର ସଂପୂର୍ଣ୍ଣ ସର୍ଭେ କରନ୍ତୁ । ଓଡିଶାର ପ୍ରତ୍ୟେକ ସୀମାନ୍ତ ଗାଁକୁ ଅଫିସରମାନେ ପହଁଚି ସୀମାନ୍ତ ଲୋକଙ୍କ ତଥ୍ୟ ସଂଗ୍ରହ କରନ୍ତୁ । ପଡୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଓଡିଶାର ମୁଖ୍ୟମନ୍ତ୍ରୀ କଥା ହୋଇ ସୀମା ବିବାଦର ସମାଧାନ କରନ୍ତୁ । ଆଗାମୀ ଦିନରେ ବିଜେପିର ସୀମା ସୁରକ୍ଷା କମିଟି ସୀମା ବିବାଦ ନେଇ ବିଚାର ବିମର୍ଷ କରିବା ସହ ସଂସଦ ଓ ବିଧାନସଭାରେ ଏଭଳି ଏକ ସ୍ୱର୍ଶକାତର ବିଷୟକୁ ଉଠାଇବ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପାରଳାଖେମୁଣ୍ଡି ବିଧାୟକ ତଥା ଗଜପତି ଜିଲ୍ଲା ସଭାପତି କେ.ନାରାୟଣ ରାଓ, ମୁଖପାତ୍ର ଠାକୁର ରଂଜିତ ଦାସ, ଗଣମାଧ୍ୟମ ବିଭାଗ ମୁଖ୍ୟ ଦିଲୀପ ମଲ୍ଲିକ, ଚିକିଟି ବିଜେପି ନେତା ମନୋରଂଜନ ଧାନସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଂ.ସୁରେନ୍ଦ୍ର ନାଥ ଦାସଙ୍କର ଚାରିଖଣ୍ଡ ପୁସ୍ତକ 'ଦିବ୍ୟା', 'ଛନ୍ଦାରାଣୀ', 'ସେ ଥିଲା ମା' ମୋର', 'ଚେତନାର ସ୍ୱର' ଲୋକାର୍ପିତ

## ଅତିଥି କହିଲେ - 'ସାହିତ୍ୟ ହିଁ ନୂତନ ଚେତନାର ଅଭ୍ୟୁଦୟ ଘଟାଏ'




ବାଲେଶ୍ୱର,୧୨/୦୯ (ନି.ପ୍ର): 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ ଇଂ.ସୁରେନ୍ଦ୍ର ନାଥ ଦାସଙ୍କ ଲିଖିତ ନୂତନ ଚାରିଖଣ୍ଡି ପୁସ୍ତକସମୂହର ଶୁଭ ଲୋକାର୍ପଣ ଉତ୍ସବ ବାଲେଶ୍ୱର ସହରସ୍ଥ ହୋଟେଲ୍ କଳିଙ୍ଗ ସଭାକକ୍ଷରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଡ.ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ ବର୍ଷିଆନ୍ ସାହିତ୍ୟିକ ଡ.ପ୍ରହ୍ଲାଦ ଚରଣ ମହାନ୍ତି । ବରେଣ୍ୟଅତିଥି ଭାବେ ଡ.ଶିରୀଶ ଚନ୍ଦ୍ର ଜେନା, ଡାକ୍ତର ପ୍ରଭାତ ଚୌଧୁରୀ, ଇଂ.ହୃଷୀକେଶ ସାହୁ, ସୁଶ୍ରୀ ଅରୁଣା ରାୟ ପ୍ରମୁଖ ଯୋଗଦେଇ ଇଂ.ସୁରେନ୍ଦ୍ର ନାଥ ଦାସଙ୍କ ଲିଖିତ ଏହି ଚାରିଖଣ୍ଡ ପୁସ୍ତକ ସମେତ ମାତ୍ର ତିନିବର୍ଷ ମଧ୍ୟରେ ବିବିଧ ବିଭାଗର ୧୫ଖଣ୍ଡ ପୁସ୍ତକ ରଚନା କରିବାର ସଫଳତା ସମସ୍ତଙ୍କୁ ବିସ୍ମୟ କରିଛି ବୋଲି ବର୍ଣ୍ଣନା କରିବା ସହ ତାଙ୍କ ଲେଖା ବେଶ୍ ମନଛୁଆଁ ଓ ହୃଦୟସ୍ପର୍ଶୀ ବୋଲି ମତବ୍ୟକ୍ତ କରିଥିଲେ । ସଭାପତି ଡ.ବେହେରା ନିଜର ବକ୍ତବ୍ୟରେ କହିଥିଲେ ଯେ, ଇଂ.ଦାସ ଜଣେ ଯନ୍ତ୍ରୀ ହୋଇ ମଧ୍ୟ ଅବସର ସମୟରେ ତାଙ୍କର ବିପୁଳ ଅଭିଜ୍ଞତାକୁ ଭିତ୍ତିକରି ତାଙ୍କ ସଂଘର୍ଷମୟ ଜୀବନଯାତ୍ରାର କାହାଣୀକୁ କଳ୍ପନାର ପୁଟ ଦେଇ ତଥା ସମାଜର ବାସ୍ତବ ଚିତ୍ରକୁ ନିଜ ଲେଖାରେ ପ୍ରତିଫଳିତ କରି ଅନେକଙ୍କ ଚେତନାଜଗତରେ କ୍ରାନ୍ତି ଆଣିବାରେ ସମର୍ଥ ହୋଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସ୍ରଷ୍ଟା ହେଉଛନ୍ତି ଦ୍ୱିତୀୟ ବ୍ରହ୍ମା । ସେମାନେ ସାହିତ୍ୟ ମାଧ୍ୟମରେ ସୁଧାମୟ ଅମୃତସ୍ପର୍ଶ ବାଣ୍ଟୁ ଥାଆନ୍ତି । ଇଂ.ଦାସ ସେହିଭଳି ଚେତନାର ସ୍ଫୁରଣ ପାଇଁ ନିଜ ଲେଖା ମାଧ୍ୟମରେ ଯତ୍ନଶୀଳ ହୋଇଛନ୍ତି । ଅତିଥିମାନଙ୍କ ହସ୍ତରେ ଉନ୍ମୋଚିତ ହୋଇଥିଲା ଇଂ.ଦାସଙ୍କ ଉପନ୍ୟାସ 'ଚନ୍ଦାରାଣୀ' ଓ 'ଦିବ୍ୟା' ଏବଂ କବିତା ସଂକଳନ 'ଚେତନାର ସ୍ୱର' ଓ 'ସେ ଥିଲା ମା' ମୋର' । ପୁସ୍ତକସମୂହର ପ୍ରକାଶକ 'ସୁବର୍ଣ୍ଣଶ୍ରୀ ପ୍ରକାଶନୀ'ର ପ୍ରତିଷ୍ଠାତା ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା କହିଥିଲେ ଯେ, ଇଂ.ଦାସଙ୍କର ଗୋଟିଏ ବର୍ଷ ମଧ୍ୟରେ ୭ଖଣ୍ଡ ପୁସ୍ତକ ରଚନା କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରାଇଛି । ତାଙ୍କ ଲେଖାରେ ଜନଜୀବନର ନିଚ୍ଛକ ପ୍ରତିଛବି ଫୁଟି ଉଠିଥିବାରୁ ତାହା ପାଠକର ହୃଦୟରାଜ୍ୟରେ ଭାବାନ୍ତର ସୃଷ୍ଟି କରିବାରେ ସମର୍ଥ ରଖୁଛି । ଶ୍ରୀମତୀ ଗୀତାଞ୍ଜଳି ପାଣିଗ୍ରାହୀ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶ୍ରୀ ଗୋପାଳ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲେ । ଲେଖକଙ୍କ ଧର୍ମପତ୍ନୀ ଶ୍ରୀମତୀ ସତ୍ୟଭାମା ଦାସ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲାବେଳେ ଲେଖକ ଇଂ.ଦାସ ତାଙ୍କର ଲେଖକ ଜୀବନକୁ ପ୍ରବେଶ କରିବା ମୂଳରେ ଥିବା ଅନେକ ଘଟଣାର ସ୍ମୃତିଚାରଣ କରି ଲୋତକାପ୍ଲୁତ ହୋଇଥିଲେ । ବିଶେଷଭାବେ 'ସେ ଥିଲା ମା' ମୋର' କାବ୍ୟଗ୍ରନ୍ଥଟିରେ ନିଜ ମା'ଙ୍କୁ ନେଇ ତାଙ୍କର ଯେଉଁ ମର୍ମସ୍ପର୍ଶୀ ଅନୁଭବ ତାହା କେବଳ ତାଙ୍କ ନିଜ ମା' ସମ୍ବନ୍ଧରେ ନୁହେଁ ବରଂ ସମଗ୍ର ମାତୃଜଗତ ପାଇଁ ସମର୍ପିତ ବୋଲି କହିଥିଲେ । ଏହି ବର୍ଣ୍ଣାଢ଼୍ୟ ପୁସ୍ତକ ଉନ୍ମୋଚନ ସମାରୋହରେ ଲେଖକ ଇଂ.ଦାସ ଅତିଥିମାନଙ୍କୁ ସ୍ୱହସ୍ତରେ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିବା ବେଳେ ଉପସ୍ଥିତ ଶତାଧିକ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିବୃନ୍ଦଙ୍କୁ ନିଜର ଚାରିଖଣ୍ଡଯାକ ପୁସ୍ତକକୁ ବିନା ମୂଲ୍ୟରେ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସୁଧୁରିନି ତାଲିବାନ, ପୁଣି ଦେଖାଇଲା କ୍ରୁରତା....

ନୂଆ ସରକାର କଲ୍ୟାଣକାରୀ ରାଜ୍ୟର ନିର୍ମାଣ କରିବ ବୋଲି ମଧ୍ୟ ସେ ଦାବି କରିଥିଲେ। ସେହିପରି ତାଲିବାନ ପ୍ରବକ୍ତା ସୁହେଲ ଶହାଣୀ କହିଥିଲେ, ୨୦୦୦ ଦଶକର ପ୍ରାରମ୍ଭରେ ଯେଉଁ ପ୍ରକାରର ତାଲିବାନ ଥିଲା, ସେଥିରେ ଅନେକ ପରିବର୍ତ୍ତନ ଆସିଛି। ଆମେ ଆଫଗାନିସ୍ତାନର ଲୋକ। ଆମ ମଧ୍ୟରୁ ଅନେକ ଜିହାଦ୍ କରୁଥିଲେ। ପ୍ରଥମେ ସୋଭିଏତ ସଂଘ ବିରୋଧରେ ଏବଂ ପରେ ଆମେରିକା ଏବଂ ଏହାର ସହଯୋଗୀମାନଙ୍କ ଦ୍ୱାରା ୨୦ ବର୍ଷର କବଜାକୁ ବିରୋଧ କରାଯାଇଥିଲା। ବର୍ତ୍ତମାନ ଆମେ ଆମ ଲୋକଙ୍କ ଜୀବନ ଆଗକୁ ବଢ଼ାଇବାକୁ, ନୂଆ ଆଫଗାନିସ୍ତାନ ଗଠନ କରିବା ଏବଂ ଆମ ଲୋକଙ୍କ ପାଇଁ ଚାକିରି ସୃଷ୍ଟି କରିବାକୁ ଚାହୁଁଛୁ। ଆମେ ଏକ କଲ୍ୟାଣକାରୀ ରାଜ୍ୟ ଗଠନ ଉପରେ ଧ୍ୟାନ ଦେବୁ ବୋଲି ସେ କହିଥିଲେ।

### ଭୁପେନ୍ଦ୍ର ପଟେଲ ହେବେ ଗୁଜୁରାଟର....

କେନ୍ଦ୍ର ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ପ୍ରହଲ୍ଲାଦ ଯୋଶୀ ଆଜି ସକାଳେ ଗାନ୍ଧୀନଗରରେ ପହଂଚି କହିଥିଲେ । କେନ୍ଦ୍ରୀୟ ନେତୃତ୍ୱର ନୂତନ ନାମ ଉପରେ ନିଷ୍ପତି ନେବେ । କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ, କାର୍ଯ୍ୟନିର୍ବାହୀ ଉପମୁଖ୍ୟମନ୍ତ୍ରୀ ନିତୀନ ପଟେଲ ଏବଂ ରାଜ୍ୟ ସଭାପତି ସି.ଆର ପାଟିଲ ଉପସ୍ଥିତ ଥିଲେ । କମଲମରେ କେନ୍ଦ୍ର ମନ୍ତ୍ରୀ ତଥା ଗୁଜୁରାଟର ଦାୟିତ୍ୱରେ ଥିବା ବିଜେପି ପ୍ରଭାରୀ ଭୂପେନ୍ଦ୍ର ଯାଦବ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ସଂଗଠନ ରତ୍ନାକରଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ । ବିଧାନସଭା ପାର୍ଟି ବୈଠକରେ ଭୂପେନ୍ଦ୍ର ପଟେଲଙ୍କ ନାମ ଘୋଷଣା କରାଯାଇଥିଲା । ରାଜ୍ୟ ମୁଖ୍ୟାଳୟରେ ବୈଠକ ପୂର୍ବରୁ ରାଜ୍ୟ ସଭାପତି ସିଆର ପାଟିଲଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ସମସ୍ତ ନେତା ରାଜ୍ୟ ମୁଖ୍ୟାଳୟ କମଲାମରେ ପହଂଚିଥିଲେ ।

### ଶ୍ରୀନଗରରେ ଆତଙ୍କୀ....

ଏହି ଘଟଣା ପରେ ସୁରକ୍ଷାବାହିନୀ ଆଖାପାଖ ଅଂଚଳରେ ସର୍ଚ୍ଚ ଅପେରେସନ ଆରମ୍ଭ କରିଛନ୍ତି । ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀଙ୍କୁ ଧରାଯିବା କିମ୍ବା ହତ୍ୟା କରାଯାଇଥିବାର କୌଣସି ଖବର ନଥିଲା କିମ୍ବା ଏହି ସମୟ ପର୍ଯ୍ୟନ୍ତ କୌଣସି ସଂସ୍ଥା ଏହି ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିନାହାନ୍ତି । ଅନ୍ୟପକ୍ଷରେ ଆଜି ସକାଳେ ରାଜୌରୀରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏକ ଏନକାଉଂଟର ଚାଲିଛି । ଏହି ଏନକାଉଂଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି ।

### ଡେଲିଭରି ବୟଙ୍କୁ ଅପହରଣ....

ରାତି ସାରା ସ୍ଥାନୀୟ ଅଞ୍ଚଳରେ ଖୋଜିଥିଲା ଧଉଳି ଥାନା ପୋଲିସ । ଆଜି ସକାଳୁ ନୂଆଗାଁ ନଦୀ ପଠାରୁ ମିଳିଥିଲା ଛୁରୀ, ପର୍ସ, ସାର୍ଟ ଓ ଚପଲ । ହେଲେ ଅପହୃତଙ୍କ କୌଣସି ଟେର ମିଳିନି । ତେଣୁ ଟେକନିକାଲ ପ୍ରକ୍ରିୟାରେ ତଦନ୍ତ ଚାଲିଥିବା କହିଛନ୍ତି ଜୋନ୍ ଏସିପି । ପତିତପାବନଙ୍କ ପାଖରେ କୌଣସି ଟଙ୍କା ଥିବା କଥା ଅଭିଯୋଗ ହୋଇ ନଥିବା କହିଛନ୍ତି ଏସିପି ବିଷ୍ଣୁ ପାତ୍ର । ତେବେ କିଏ ଓ କାହିଁକି ଡେଲିଭରି ବଏଙ୍କୁ ଅପହରଣ କଲେ ? ଯଦି ତାଙ୍କ ପାଖରେ ଟଙ୍କା ପଇସା ନଥିଲା ତେବେ କାହିଁକି ଅପହରଣ କରାଗଲା ? ଅପହରଣ ପଛରେ କଣ କାରଣ ରହିଛି ତାକୁ ନେଇ ସନ୍ଦେହ ବଢୁଛି ।

## ଦୂର୍ଗା ମୂର୍ତ୍ତି ନିର୍ମାଣ ପ୍ରକ୍ରିୟାର ଶୁଭାରମ୍ଭ

ପୁରୀ,୧୨/୦୯ (ନି.ପ୍ର): ଆସନ୍ତା ଅକ୍ଟୋବର ୧୧ ତାରିଖ ଅଶ୍ୱିନୀ ଶୁକ୍ଳ ସପ୍ତମୀ ତିଥିରୁ ଆରମ୍ଭ ହେବ ଦୁର୍ଗାପୂଜା । ବିଭିନ୍ନ ଦେବୀ ପୀଠମାନଙ୍କରେ ପୂଜା ପାଇବେ ଦୁର୍ଗା ଓ ଗୋଷାଣୀ ମୂର୍ତ୍ତି । ଶ୍ରୀକ୍ଷେତ୍ରରେ ଗୋଷାଣୀ ଉତ୍ସବ ପାଇଁ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ଆଜି ଷଷ୍ଠୀଓଷା ଅବସରରେ ଆସନ୍ତା ଶାରଦୀୟ ଦୂର୍ଗାପୂଜା ନିମନ୍ତେ ଦେବୀଙ୍କ ମୂର୍ତ୍ତି ନିର୍ମାଣ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି । ଶ୍ରୀକ୍ଷେତ୍ରର ବିଭିନ୍ନ ପୂଜା ମଣ୍ଡପରେ ମୂର୍ତ୍ତି ନିର୍ମାଣ ପାଇଁ କୀଳା ବାଡିଆ ହୋଇଛି । କୀଳାରେ କୁଟା ବନ୍ଧାଯାଇ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଶ୍ରୀମନ୍ଦିର ବେଢାରେ ବିରାଜିତ ମା' ବିମଳାଙ୍କ ପ୍ରତିନିଧି କାକୁଡିଖାଇ ଠାକୁରାଣୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ କୀଳା ପୂଜା କରାଯାଇଛି । ସେହିଭଳି ଦୋଳମଣ୍ଡପସାହି ଜହ୍ନିଖାଇ ଗୋଷାଣୀ ମୂର୍ତ୍ତି ପାଇଁ ମଧ୍ୟ କୀଳା ପୋତା ଯାଇଛି । ଏତଦ୍‌ବ୍ୟତୀତ ସହରର ବିଭିନ୍ନ ସାହିରେ ଅବସ୍ଥିତ ପୂଜା ମଣ୍ଡପ ଗୁଡିକରେ କୀଳା ପୋତା କାର୍ଯ୍ୟ ସଂପନ୍ନ ହୋଇଛି । ବିଭିନ୍ନ ମଣ୍ଡପର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୂର୍ତ୍ତି କାରିଗରଙ୍କ ଦ୍ୱାରା ଏହି କୀଳା ପୋତାଯାଇଥିଲା ।

## ଉଚ୍ଚଶିକ୍ଷା ବିଭାଗ ଅନଲାଇନ ରେକଗନିସନ ଆବେଦନ କରିବା ନିମନ୍ତେ ଶେଷ ତାରିଖ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି

ବାରିପଦା,୧୨/୦୯ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଅନଲାଇନ ରେକଗନିସନ ଆବେଦନ ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ଥିଲା । ପେସା ଗ୍ରାମ ସଭା ଦ୍ୱାରା ମୟୂରଭଞ୍ଜ ବନ୍ଦ ଡାକରା ୩୧ ଅଗଷ୍ଟ ତାରିଖରେ ଦିଆଯାଇଥିଲା । ତେଣୁ ପ୍ରାୟ ବହୁତ ସ୍ଥାନରେ ବିକ୍ଷୋଭକାରୀମାନେ ରାସ୍ତା ବନ୍ଦ କରି ରଖିଥିଲେ । ତେଣୁ କେତେକ ସ୍ଥାନରେ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । କର୍ମଚାରୀ ଓ ପରୀକ୍ଷାର୍ଥୀମାନେ ପରୀକ୍ଷାକେନ୍ଦ୍ର ଓ ଶିକ୍ଷାନୁଷ୍ଠାନରେ ପହଞ୍ଚି ପାରି ନ ଥିଲେ । ତେଣୁ ୩୧ ତାରିଖ ବନ୍ଦ ଥିବାରୁ ବହୁ ମହାବିଦ୍ୟାଳୟ ଅନଲାଇନ ରେକଗନିସନ ନିମନ୍ତେ ଅବେଦନ କରିପାରି ନ ଥିଲେ ଓ ବହୁ ପରୀକ୍ଷାର୍ଥୀ ପି.ଜି. ପ୍ରବେଶିକା ପରୀକ୍ଷା ଦେଇ ପାରି ନ ଥିଲେ । ଏଥି ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନଲାଇନ ରେକଗନିସନ ଆବେଦନ ତାରିଖ ୩୧ ଅକ୍ଟୋବର ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି । ତେଣୁ ଉଚ୍ଚ ଶିକ୍ଷା ବିଭାଗ ଅନଲାଇନ ରେକ୍‌ଗନିସନ ଆବେଦନ ତାରିଖ ୩୧ ଅକ୍ଟୋବର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ବାରିପଦା ବିଧାୟକ କିଶୋର ଦାଶ ଦାବୀ କରିଛନ୍ତି । ସେହିପରି ଅଗଷ୍ଟ ୩୧ ତାରିଖରେ ଯେଉଁ ଛାତ୍ରଛାତ୍ରୀମାନେ ମୟୂରଭଞ୍ଜ ଜିଲ୍ଲାରେ ପି.ଜି. ପ୍ରବେଶିକା ପରୀକ୍ଷା ଦେଇ ପାରିନାହାନ୍ତି ସେମାନଙ୍କ ପାଇଁ ବିଶେଷ ଦୃଷ୍ଟି ଦେବାକୁ କିଶୋର ଦାଶ ଦାବୀ କରିଛନ୍ତି ।

## ଲଗାଣ ବର୍ଷାରେ ଗାଁ ଦାଣ୍ଡରେ ମାଛ ଧରୁଛନ୍ତି ଗ୍ରାମବାସୀ



ପାରାଦୀପ,୧୨/୦୯ (ନି.ପ୍ର): ପାରାଦୀପ ଉପକଣ୍ଠ ବିଶ୍ୱାଳୀ ପଂଚାୟତ ଅନ୍ତର୍ଗତ କୋଲଡିଆ ଗ୍ରାମ ରେ ଲଘୁଚାପ ଜନିତ ବର୍ଷା ରେ ଗାଁ ଦାଣ୍ଡ ରେ ଶହ ଶହ ମାଛ ଦେଖିବାକୁ ପାଇଥିଲେ ଗ୍ରାମବାସୀ । ଲଗାଣ ବର୍ଷା ଯୋଗୁ ଗ୍ରାମ ର ପୋଖରୀ ଓ ଜୋର ରେ ପାଣି ଭର୍ତ୍ତି ହୋଇ ଯାଇଥିଲା । ଏହା ପରେ ଗାଁ ଦାଣ୍ଡ ରେ ପାଦ ନ ବୁଡିବା ଭଳି ପାଣି ବୁଡିଯାଇଛି । ଫଳ ରେ ପୋଖରୀ ଓ ଜୋର ରୁ ମାଛ ଉଠି ଆସି ଦାଣ୍ଡ ରେ ଖେଳୁଥିବା ର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହା ଦେଖିବା ପରେ ଗ୍ରାମବାସୀ ବର୍ଷା କୁ ଖାତିର ନ କରି ମାଛ ଧରିବାରେ ଲାଗି ପଡିଥିଲେ । ଯିଏ ଯାହା ପାଇଲା ଟୋକେଇ, ଜାଲ ଅଖା, ଭଉଁରୀ ଜାଲ ପକାଇ ମାଛ ଧରୁଛନ୍ତି ଗାଁର ଲୋକମାନେ । ମହୁରାଳି, କରାଣ୍ଡି, ସିଙ୍ଗି, କଉ, ଜହ୍ଲ ଭଳି ଦେଶୀ ମାଛ ଧରିଥିବା ଗ୍ରାମବାସୀମାନେ କହିଛନ୍ତି ।

## ରୋଟାରୀ ମିଡ୍ ଟାଉନ ଭଦ୍ରକ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

ଭଦ୍ରକ,୧୨/୦୯ (ନି.ପ୍ର): ରୋଟାରୀ ମିଡ ଟାଉନ ଭଦ୍ରକ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବାର ଆଉ ଏକ ନୂତନ ଅଧ୍ୟାୟ ଆଜି ଉଦ୍‌ଘାଟିତ ହୋଇଛି। ରୋଟରୀ ପୂର୍ବରୁ ମାଗଣା ହୋମିଓପାଥୀ ଚିକିତ୍ସା ଶିବିର ଏବ ବ୍ଲଡ ଡାଇଲିସିସ କ୍ୟାମ୍ପ ଲଗାତାର ଚାଲୁ ରଖିଥିବା ବେଳେ ଆଜିଠାରୁ ମାଗଣା ନ୍ୟୁରୋଲୋଜି ଚିକିତ୍ସାର ଶୁଭାରମ୍ଭ କରିଛି। ଭଦ୍ରକ ଡାହାଣିଗଡିଆ ମାହାଓ୍ୱାର ଭବନ ଠାରେ ମାସର ପ୍ରତି ଦ୍ୱିତୀୟ ରବିବାର ଏହି ଚିକିତ୍ସା ଉପଲବ୍ଧ ହେବ। ଆଜି ଭଦ୍ରକର ବୟୋଜ୍ୟେଷ୍ଠ ଡାକ୍ତର ଡ. ଆର୍.କେ. ନାୟକ, ଡା.ହରେକୃଷ୍ଣ ନାୟକ, ଭଦ୍ରକ ମେଡିକାଲର ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନ୍ୟୁରୋସର୍ଜନ ଡାକ୍ତର ଅକାଶ ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ସ୍ନାୟୁଗତ ରୋଗର ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା। ରୋଟାରୀ ଅତିରିକ୍ତ ଗଭର୍ଣ୍ଣର ଅତିସ କୁମାର ବେହେରା, ରୋଟାରୀ ମିଡ୍ ଟାଉନର ସଭାପତି ପବିତ୍ର ମୋହନ ଖିଲାର ଏହି ସ୍ୱାସ୍ଥ୍ୟ ଶିବିରର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା, ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉତ୍ସବରେ ପୌରୋହିତ୍ୟ କରି ବରିଷ୍ଠ ରୋଟାରିଆନ ଶିଶିର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏହା କିପରି ଗିରବ ଲୋକଙ୍କ ସୋବରେ ସହାୟକ ହେବ ସେ ସମ୍ପର୍କରେ ଅବଗତ କରାଇଥିଲେ।

## ନିଜର ଘର ବାଡ଼ିରେ 'ବ୍ରହ୍ମ କମଳ' ଫୁଟାଇଲେ ପ୍ରକୃତିବନ୍ଧୁ ଆରତ ସାର



ଉଦଳା,୧୨/୦୯ (ନି.ପ୍ର): ମୟୂରଭଞ୍ଜ ପ୍ରାଥମିକ ଶିକ୍ଷକ ସଂଘର ବର୍ତ୍ତମାନ ଜିଲ୍ଲା ସଭାପତି ଦାୟିତ୍ୱ ତୁଲାଉଥିବା ଉଦଳା ସହରର ୱାର୍ଡ଼ ନଂ- ୧୨ (ଜ୍ୟୋତି ନଗର ) ର ବାସିନ୍ଦା ପ୍ରକୃତିବନ୍ଧୁ ଆରତ କୁମାର ପରିଡ଼ା ନିଜ ବାସ ଭବନରେ ଏକ ବ୍ରହ୍ମ କମଳ ଫୁଲ ଫୁଟାଇଛନ୍ତି । ଫୁଲଟି ଚଳିତ ସେପ୍ଟେମ୍ବର ୯ ତାରିଖ ରାତିରେ ଫୁଟିଥିବା ବେଳେ, ଉକ୍ତ ଗଛଟିକୁ ଏକ ବର୍ଷ ପୂର୍ବରୁ ଆରତ ସାର ଲଗାଇଥିବାର ଜଣାଇଛନ୍ତି । ତେବେ ଉକ୍ତ ଫୁଲଟିକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଆସିଥିବା ବେଳେ ଭୋର ସମୟରେ ଫୁଲଟିକୁ ଜଗନ୍ନାଥ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଥିବାର ଜଣାଯାଇଛି । ଆରତ ସାର ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର କାମ ନିଜ ଉଦ୍ୟମରେ କରିଥାନ୍ତି । ବିଶେଷ କରି ବୃକ୍ଷ ରୋପଣ, ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାରକୁ ବନ୍ଦ କରିବା ପାଇଁ ସଚେତନତା ଇତ୍ୟାଦି କାର୍ଯ୍ୟରେ ତାଙ୍କର ଉଦ୍ୟମ ବେଶ ପ୍ରଶଂସନୀୟ ସେଥିପାଇଁ ସେ ସରକାରଙ୍କ ତରଫରୁ ପ୍ରକୃତିବନ୍ଧୁ ପୁରସ୍କାର ମଧ୍ୟ ପାଇଛନ୍ତି ।

## ଜନଜାତି ଶିକ୍ଷାର ଉନ୍ନତିକରଣ ନିମନ୍ତେ କେନ୍ଦ୍ରମନ୍ତ୍ରୀଙ୍କୁ ଏବିଭିପିର ଦାବିପତ୍ର ପ୍ରଦାନ



ବାରିପଦା,୧୨/୦୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ଜନଜାତି ଶିକ୍ଷାର ଉନ୍ନତିକରଣ ନିମନ୍ତେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବାରିପଦା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ମୟୂରଭଞ୍ଜକୁ ଓଡ଼ିଶାର ଜନଜାତି ଶିକ୍ଷା ରାଜଧାନୀରେ ପରିଣତ କରିବା ଦିଗରେ ଆଲୋଚନା କରାଯାଇ ଆୟତନରେ ଓଡ଼ିଶାର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ପ୍ରକାରର ଜନଜାତି ବସବାସ କରୁଥିବା ହେତୁ ଓଡ଼ିଶାର କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ପ୍ରସ୍ତାବ ମଧ୍ୟ ଦିଆଯାଇଛି । ତତସହିତ ରାଜ୍ୟସ୍ତରୀୟ ଜନଜାତି ସଂଗ୍ରହାଳୟ ଓ ପାଠାଗାର ମୟୁରଭଞ୍ଜ ଜିଲ୍ଲାରେ ପ୍ରତିଷ୍ଠା କରାଗଲେ ଜନଜାତି ଭିତିକ ଗବେଷଣା ନିମନ୍ତେ ମୟୁରଭଞ୍ଜ ଏକ ଉତମ କ୍ଷେତ୍ର ହେବା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ପ୍ରକାଶ କରାଯାଇଛି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜିଲ୍ଲାର ଏକମାତ୍ର ବିଶ୍ୱ ବିଦ୍ୟାଳୟ ହେବା କାରଣରୁ ନୃତତ୍ତ୍ୱ ଓ ଜନଜାତି ଶିକ୍ଷା ବିଭାଗ ସମେତ ସେଲ୍ଫ ଫାଇନାନ୍ସ ମୋଡରେ ଚାଲୁଥିବା ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗକୁ ନିୟମିତ କରାଯିବାର ଆବଶ୍ୟକତା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ରାଜ୍ୟ ସହ-ସମ୍ପାଦକ ଗୋପୀନାଥ ଟୁଡୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାରଣା, ଜିଲ୍ଲା ସଂଗଠନ ସମ୍ପାଦକ ସୁଦର୍ଶନ ବାରିକ, ନଗର ସମ୍ପାଦକ କ୍ଷୀରୋଦ ପଣ୍ଡାଙ୍କ ସମେତ ସାଇରଞ୍ଜନ ଲେଙ୍କା, ଅନନ୍ତ ମୁର୍ମୁ, ଅଙ୍କିତା ଦାସ, ସସ୍ମିତା ବାରିକ, ଆଶୀ ନାଜ, ହରପ୍ରିୟା ନାୟକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନରେ ସାମିଲ ଥିଲେ ।

## ପାରାଦୀପ ବନ୍ଦର ସ୍ପୋର୍ଟ୍ସ କାଉନ୍‌ସିଲ୍ ପକ୍ଷରୁ କ୍ରୀଡାଶିକ୍ଷା ନବୀସ ଚୟନ ପ୍ରକ୍ରିୟା ସମାପ୍ତ



ପାରାଦୀପ,୧୨/୦୯ (ନି.ପ୍ର): ପାରାଦୀପ ବନ୍ଦର ସ୍ପୋର୍ଟ୍ସ କାଉନ୍‌ସିଲ୍ ପକ୍ଷ ରୁ ଆରମ୍ଭ ହୋଇଥିବା କ୍ରୀଡାଶିକ୍ଷା ନବୀସ ଚୟନ ପ୍ରକ୍ରିୟା ସମାପ୍ତ ହୋଇଛି । ଭଲିବଲ୍, କ୍ରିକେଟ୍, ଫୁଟବଲ୍ ଓ ଆଥଲେଟିକ୍ ବିଭାଗ ରେ ମୋଟ ୩୬୯ ଜଣ ପ୍ରତିଯୋଗୀ ଏହି ଦୁଇ ଦିନିଆ ଶିବିର ରେ ଅଂଶଗ୍ରହଣ କରିଥିଲେ । ଶିବିର ରୁ ମୋଟ୍ ୨୫ ଜଣ କ୍ରୀଡାବିତ୍ ବିଭିନ୍ନ ବର୍ଗ ରେ ଚୟନ ହୋଇଥିବା ପାରାଦୀପ ବନ୍ଦର ଲୋକ ସଂପର୍କ ବିଭାଗ ର ମୁଖ୍ୟ ରତିକାନ୍ତ ନାୟକ ସୂଚନା ଦେଇଛନ୍ତି । ସୂଚନା ମୁତାବକ ପାରାଦୀପ ବନ୍ଦର ପକ୍ଷରୁ କୃତୀ କ୍ରୀଡାବିତ୍ ମାନଙ୍କୁ ତିନି ବର୍ଷ ରି ଏହି ସବୁ ବର୍ଗ ରେ ତାଲିମ୍ ଦିଆଯିବ । ଏହି ଚୟନ ପ୍ରକ୍ରିୟା ରେ କମିଟି ର ମୁଖ୍ୟ ଭାବେ ପାରାଦୀପ ବନ୍ଦର ସ୍ପୋର୍ଟ୍ସ କାଉନ୍‌ସିଲ୍ ର ଅଧ୍ୟକ୍ଷ ଡି.ଏମ୍. ସୋଣ୍ଡି ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକାରୀ ଅଧ୍ୟକ୍ଷ ଡା.ଦୂର୍ଗା ପ୍ରସାଦ ସେଠୀ ଙ୍କ ଆବାହକତ୍ୱ ରେ ଏହି ଶିବିର ରେ ସଂସଦ ର ସଂପାଦକ ରଂଜନ ରଶ୍ମି ବେଉରା, କ୍ରୀଡା ଉପଦେଷ୍ଟା ତଥା ଫୁଟବଲ କୋଚ୍ ରବିନ୍ଦ୍ର କୁମାର ଦାସ,ବନ୍ଦର ର ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ କୁମାର ପଟ୍ଟନାୟକ, ଭଲିବଲ୍ କୋଚ୍ ତଥା ଓଡିଶା ଭଲିବଲ୍ ଆସୋସିଏସନ୍ ର କାର୍ଯ୍ୟକାରୀ ସଭାପତି ସଂଜୟ କୁମାର ଦାସ, ଓଡିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ବି.ବି.ଜି.ସି. ମହାପାତ୍ର ପ୍ରମୁଖ ଚୟନ କମିଟି ର ସଦସ୍ୟ ଭାବେ ଯୋଗ ଦେଇଥିଲେ । ବିଭିନ୍ନ କ୍ରୀଡା ର ବୈଷୟକ କମିଟି ର ସଦସ୍ୟ. ଗୋପବନ୍ଧୁ କ୍ରୀଡା ସଂସଦ ର ଅଫିସିଆଲସ୍ , ସ୍ୱେଚ୍ଛାସେବୀମାନେ ଯୋଗ ଦେଇ ଏହି ଦୁଇ ଦିନିଆ ଶିବିର କୁ ସୁପରିଚାଳନା କରିଥିବା ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଶିବିର ସରକାରଙ୍କ ଆଦର୍ଶ କୋଭିଡ୍ ଗାଇନ୍ ଅନୁଯାୟୀ ଆୟୋଜିତ ହୋଇଥିଲା ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୧୨/୦୯ (ନି.ପ୍ର): ସଦରବ୍ଲକ ଅନ୍ତର୍ଗତ ଗଡ଼ମୃଗଶିରା ପଞ୍ଚାୟତର ଗଡ଼ବାଲିସାହି ପ୍ରାଥମିକ ବିଦ୍ୟାଳୟ ଠାରେ 'ଓଡ଼ିଶା ମୋ ପରିବାର' ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ତଥା ରାଜ୍ୟ ଯୁବ ବିଜେଡ଼ି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୁରୀ ସାଂସଦ ପିନାକୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ସାଂସଦ ଓ ଅନ୍ୟମାନେ ସାଧାରଣଲୋକଙ୍କୁ ମାସ୍କ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ,ନାରାୟଣ ଖୁଣ୍ଟିଆ, ପୁରୀ ଜିଲ୍ଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ,ବିଜେଡି ଜିଲ୍ଲା ସମ୍ପାଦକ ଧରଣୀଧର ସାହୁ,ବାଳିପୁଟ ସରପଞ୍ଚ ବାବାଜୀ ଫାରକ,ପୂର୍ବତନ ସରପଞ୍ଚ ବାବୁଲି ପରିଡ଼ା, ଛାତ୍ରନେତା ଜ୍ୟୋତି ରଞ୍ଜନ ପୃଷ୍ଟି,ଗ୍ରାମ ସଭାପତି ପୂର୍ଣ୍ଣ ଜେନା, ଅମୀୟ ଜେନା, ମଣ୍ଟୁଜେନା ଓ ରିଙ୍କନ ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ମନେ ପଡୁଛି ବୁଗୁଡି ବାବୁ କଥା



ବସ୍ତା,୧୨/୦୯ (ନି.ପ୍ର): ବସ୍ତାବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ବ୍ରାହ୍ମଣଦା ଗ୍ରାମର ବର୍ଷିଆନ ଲୋକ ପ୍ରତିନିଧି ବିଜୁଜନତା ଦଳର ସଂଗଠକ ବସ୍ତା ମାଟିର ପ୍ରବିଣ ରାଜନୈତିକ ନେତା ସ୍ୱର୍ଗତ ନବକିଶୋର ବୁଗୁଡି (୭୪)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକି ରେ ବ୍ରାହ୍ମଣଦା ସ୍ଥିତ ସଞ୍ଜୟ ବୁଗୁଡିଙ୍କ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଅଛି । ସ୍ୱର୍ଗତ ନବକିଶୋର ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ସରପଞ୍ଚ ବିର୍ଷୁପ୍ରିୟା ବୁଗୁଡିଙ୍କ ଶ୍ୱଶୁର ସେ ରେଳ ବିଭାଗରେ ଚାକିରିରୁ ଅବସର ନେଇ ପଞ୍ଚାୟତ ତଥା ବ୍ଲକରେ ବିଭିନ୍ନ ଉନ୍ନୟଣମୂଳକ କାର୍ଯ୍ୟ ପାଇଁ ଆଗରେଛିଡାହୋଇ କର୍ମୀ ମାନଙ୍କୁ ଉତ୍ସାହିତ କରୁଥିଲେ । ବ୍ରାହ୍ମଣଦା ପଞ୍ଚାୟତକୁ ରାସ୍ତା ପାଇଁ ଆନ୍ଦୋଳନ କରି ସଭିଙ୍କର ପ୍ରିୟଭାଜନ ହୋଇଥିଲେ ହେଲେ ସମସ୍ତଙ୍କୁ ଛାଡି ଅଫେରା ବାଟର ବାଟୋଇ ହୋଇଗଲେ । ସେ ଜଣେ ବସ୍ତା ଅଞ୍ଚଳ ସମେତ ବସ୍ତା ବ୍ଲକରେ ବିଜୁଜନତା ଦଳର ସଂଗଠକ ଭାବେ କାର୍ଯ୍ୟ କରିଆସୁଥିଲେ । ତାଙ୍କ ମୃତୁପରେ କେବଳ ବ୍ରାହ୍ମଣଦା ପଞ୍ଚାୟତ ସମେତ ବିଜେଡି ପରିବାର ର କର୍ମୀମାନଙ୍କ ମଧ୍ୟରେ ଶୂନ୍ୟସ୍ଥାନ ରହିଗଲା ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ବସ୍ତା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା. ଯୋଗ ଦେଇ ଏଇ ଅଞ୍ଚଳ ବାସୀ ଙ୍କ ସୁଖ ଦୁଃଖରେ ଛିଡା ହେଉଥିଲେ ଏବେ ମୂରବି ସୂନ୍ୟ ହୋଇଛି ବୋଲି ମତ ବ୍ୟକ୍ତ କରିଥିଲେ । ବିଜେଡି ବ୍ଲକ ସଭାପତି ଅନିଲକୁମାର ମହାନ୍ତି. .ବ୍ରହ୍ମଣଦା ପଞ୍ଚାୟତ ସଭାପତି ନିଗମାନନ୍ଦଗିରି. ୧୪ନଂ ଜୋନ ଜିଲ୍ଲାପରିଷଦ ସମ୍ଭୁନାଥସେଠୀ.ମିଡିଆସେଲ ସଂଯୋଜକ ବିରାଜ ସିଂଦେଓ 'ବରୁଣଗଡିଆ ସରପଞ୍ଚ ଲିପିକାରାଉଳ, ଯୁବସଭାପତି ଚନ୍ଦନ କୁମାରଯେନା, ବହୁମାନ୍ୟଗନ୍ୟ ବ୍ୟକ୍ତି ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକଅମରଆତ୍ମାର ସଦଗତି କାମନା କରିଥିଲେ ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଅଜଣା ଯୁବକଙ୍କ ଆକ୍ରମଣ

ବାଲେଶ୍ୱର,୧୨/୦୯ (ନି.ପ୍ର): ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ଆଣିଥିବା ୧୦୮ ଆମ୍ବୁଲାନ୍ସ ଚାଳକ ଓ ରୋଗୀ ତତ୍ତ୍ୱାବଧାରକ (ଫାର୍ମାସିଷ୍ଟ)ଙ୍କୁ ଜନୈକ ଯୁବକ ଡାକ୍ତରଖାନା ପରିସରରେ ତେଲେଙ୍ଗା କଟୁରୀରେ ହାଣିବାକୁ ଗୋଡ଼େଇବା ଘଟଣାକୁ ନେଇ ସାଧାରଣରେ ଆତଙ୍କ ଖେଳିଯାଇଛି। ପ୍ରାପ୍ତ ସୁରେମୁଣା ବ୍ଲକ ଗୋପୀନାଥପୁର ପଞ୍ଚାୟତର ହସନପୁର ଅଞ୍ଚଳରୁ ଜଣେ ରୋଗୀଙ୍କୁ ନେଇ ଓଡି଼୦୨ବିଜେ/୯୬୮୬ ନଂ ବିଶିଷ୍ଟ ୧୦୮ ଆମ୍ବୁଲାନ୍ସ ରବିବାର ଅପରାହ୍ଣ ପ୍ରାୟ ୫ଟା ୩୦ ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ବହିର୍ବିଭାଗରେ ପହଞ୍ଚିଥିଲା। ରୋଗୀଙ୍କୁ ଓହ୍ଲାଇବା ପରେ ଆମ୍ବୁଲାନ୍ସକୁ ଏହାର ଚାଳକ ଡାକ୍ତରଖାନା ପରିସରସ୍ଥ ପ୍ରସୂତି ବିଭାଗ ନିକଟ ଫାଙ୍କା ସ୍ଥାନରେ ପାର୍କିଂ କରିଥିଲେ। ଚାଳକଙ୍କ ସମେତ ଫାର୍ମାସିଷ୍ଟ ଶଶିକାନ୍ତ ଦାସ ଆମ୍ବୁଲାନ୍ସରେ ମଧ୍ୟରେ ଥାଇ ଆଣିଥିବା ରୋଗୀ ଓ ଗାଡ଼ି ଚାଳନାର ଦୂରତା ଆଦି ସମ୍ପର୍କରେ ବିବରଣୀ ଲେଖୁଥିଲେ। ଆମ୍ବୁଲାନ୍ସର କବାଟ ବନ୍ଦ ଥିବା ବେଳେ ଜଣେ ଯୁବକ ହାତରେ ଏକ ତେଲଙ୍ଗା କଟୁରୀ ଧରି ଆମ୍ବୁଲାନ୍ସ କବାଟକୁ ଜୋରରେ ବାଡ଼େଇଥିଲା। କବାଟ ଖୋଲିବା ବିଳମ୍ବ ହେବା ଦେଖି ସମ୍ପୃକ୍ତ ଯୁବକ କଟୁରୀରେ ଆମ୍ବୁଲାନ୍ସ କବାଟର କାଚକୁ ପାହାର ବସାଇଥିଲେ। ଫଳରେ ଭଙ୍ଗାକାଚ ଫାର୍ମାସିଷ୍ଟର ମୁହଁ ତଥା ଆଖିରେ ବାଜି କ୍ଷତ ସୃଷ୍ଟି କରିଥିଲା। ଏହାକୁ ଦେଖି ଚାଳକ ସେଠାରୁ କୌଶଳ କ୍ରମେ ଦୌଡ଼ି ପଳାଇ ଯାଇଥିବା ବେଳେ ଯୁବକ ଜଣକ ଆମ୍ବୁଲାନ୍ସର ଆଗ ଟାୟାରକୁ ହାଣିଥିଲା। ଏହି ସମୟରେ ଫାର୍ମାସିଷ୍ଟ ଶଶିକାନ୍ତ ମଧ୍ୟ ଗାଡ଼ିରୁ ଓହ୍ଲାଇ ଦୌଡ଼ିବା କ୍ଷଣି ସମ୍ପୃକ୍ତ ଯୁବକ ତାଙ୍କୁ ଗୋଡ଼ାଇଥିଲା। ଶବ ବ୍ୟବଚ୍ଛେଦ ଗୃହ ପର୍ଯ୍ୟନ୍ତ ଯାଇ ଶିଶିକାନ୍ତକୁ ନପାଇ ଶେଷରେ କଟୁରୀକୁ ରାସ୍ତାରେ ପକାଇ ଯୁବକ ସେଠାରୁ ଉଭାନ ହୋଇଯାଇଥିଲା। ତେବେ ଏହି ଗୋଡ଼ାଇବା ଦୃଶ୍ୟକୁ ଦେଖି ଡାକ୍ତରଖାନା ପରିସରର ଲୋକେ ଅତ୍ୟନ୍ତ ଭୟଭୀତ ହୋଇ ପଡ଼ିଥିଲେ। ପରେ ଶଶିକାନ୍ତ ଓ ଆମ୍ବୁଲାନ୍ସ ଚାଳକ ଆସି ଡାକ୍ତରଖାନା ଫାଣ୍ଡିରେ ଏତଲା ଦେଇଥିଲେ। ପୁଲିସ ଏବେ ସମ୍ପୃକ୍ତ ଯୁବକଙ୍କୁ ଖୋଜୁଛି।

## ଲଗାଣ ବର୍ଷାରେ ମହାନଦୀ, ଶାଖା ନଦୀର ଜଳ ସ୍ତର ବୃଦ୍ଧି

ଭୁବନେଶ୍ୱର,୧୨/୦୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ମହାନଦୀ ଓ ଏହାର ଶାଖା ନଦୀର ଜଳ ସ୍ତର ବୃଦ୍ଧି ପାଉଛି। ଦେବୀ, କୁଶଭଦ୍ରା, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧରା ଫୁଲୁଛି । ସେହିପରି ଜଳକା ନଦୀ ମଥାନି ଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନି ଠାରେ ଜଳସ୍ତର ୫.୫୭ ମିଟର ରହିଛି। ସେହିପରି ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦର ଜଳସ୍ତର ୬୨୩.୪୭ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ୮୮ ହଜାର ୯୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୨୨,୭୧୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରାମାଳ ଠାରେ ୭୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଲ ଠାରେ ୫୮,୦୦୦ ଓ ମୁଣ୍ଡଳି ଠାରେ ୬୪,୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

# ବାଲେଶ୍ୱର ସାଂସଦଙ୍କ ସହ କ୍ରିୟାନୁଷ୍ଠାନ କମିଟିର ବୈଠକ



ବାଲେଶ୍ୱର,୧୨/୦୯ (ନି.ପ୍ର): ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସ୍ଥିତି ସମେତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ସେଟଲାଇଟ କେନ୍ଦ୍ରର ବହିର୍ବିଭାଗ କାର୍ଯ୍ୟକ୍ଷମ ସମ୍ପର୍କରେ ଫକୀର ମୋହନ ଭେଷଜ ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଛନ୍ତି। ସେଟଲାଇଟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଆୟୁଷ ହସପିଟାଲର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ ବିଶେଷଜ୍ଞ ନିଯୁକ୍ତି ଦେବା ଓ ସ୍ୱାସ୍ଥ୍ୟସେବା ସମିତିର ତୁରନ୍ତ ବୈଠକ ଆହ୍ୱାନ ଓ ଭେଷଜ ମହାବିଦ୍ୟାଳୟ ପରିସରରେ ନିର୍ମାଣାଧିନ ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଜାତୀୟ ରାଜପଥକୁ ପ୍ରସ୍ତାବିତ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ପ୍ରଭୃତି ପ୍ରସଙ୍ଗ ଉପରେ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଥିଲେ। ସର୍କିଟ ହାଉସରେ ଆୟୋଜିତ ଏହି ବୈଠକରେ କମିଟିର ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସ, ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ ଓ ବ୍ରହ୍ମାନନ୍ଦ ଦାସ ସାଂସଦଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଆସନ୍ତା ଦୁର୍ଗାପୂଜା ପୂର୍ବରୁ ଏମ୍ସର ବହିର୍ବିଭାଗ ଉଦଘାଟନ ଓ ଚଳିତମାସ ୩ୟ ସପ୍ତାହରେ ସ୍ୱାସ୍ଥ୍ୟସେବା ସମିତିର ବୈଠକ ହେବ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ବୈଠକରେ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସାଂସଦ କହିଥିବା ନେଇ ପ୍ରତିନିଧିମାନେ ସୂଚନା ଦେଇଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେଲା ଅମୃତଧାରା




ବାରିପଦା,୧୨/୦୯ (ନି.ପ୍ର): ଜଳ ହିଁ ଜୀବନ ଉକ୍ତିକୁ ପୁଣି ଥରେ ଚରିତାର୍ଥ କରିବା ପାଇଁ ଅଂଟାଭିଡିଛନ୍ତି ମାରୱାଡ଼ି ଯୁବା ମଞ୍ଚ ବାରିପଦା ପ୍ରଗତି ଶାଖାର ସଦସ୍ୟ ମାନେ । ଆଜି ସକାଳେ ସ୍ଥାନୀୟ ଗୋଶାଳା ଛକ, ତୁଳସୀ ଚୌରା ଠାରେ ଏହି ଶାଖା ସଦସ୍ୟ ମାନଙ୍କ ଦ୍ୱାରା ଦଶମ ସ୍ଥାୟୀ ଅମୃତ ଧାରା, (ଥଣ୍ଡା ବିଶୁଦ୍ଧ ପାନୀୟ ଜଳ) ପ୍ରକଳ୍ପର ଶୁଭ ଉଦଘାଟିତ ହୋଇ ଯାଇଛି । ଏହି ଉଦଘାଟନୀ ଉତ୍ସବରେ ଭାରତ ସରକାରଙ୍କର ଜଳଶକ୍ତି ଏବଂ ଆଦିବାସୀ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରକଳ୍ପକୁ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରବୀଣ ଚନ୍ଦ୍ର ଭଂଜଦେଓ ଏବଂ ମାରୱାଡ଼ି ଯୁବା ମଞ୍ଚର ଆନ୍ତର୍ଜାତିକ ଫୋରମର ଭାଇସ ଚେୟାର ମେନ ଶ୍ରୀ ହେମନ୍ତ ଶାହ, ବାରିପଦା ଉପ ଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପୂର୍ବରୁ ମାରୱାଡ଼ି ଯୁବା ମଞ୍ଚ ବାରିପଦା ପ୍ରଗତି ଶାଖା ଦ୍ୱାରା ପୂର୍ବରୁ ୯ ଗୋଟି ସ୍ଥାୟୀ ଅମୃତଧାରା ପ୍ରକଳ୍ପ ସୁଚାରୁ ରୂପରେ କାର୍ଯ୍ୟରତ ରହିଛି । ଆସନ୍ତା ୨ ମାସ ଭିତରେ ଅନ୍ୟ ଏକ ସ୍ଥାୟୀ ପ୍ରକଳ୍ପ ଉଦଘାଟନ କରାଯିବ ବୋଲି ଶାଖାର ସଭାପତି ଯୁବା ରାକେଶ ଏବଂ ମାଙ୍ଗି ଲାଲ କହିଛନ୍ତି । ବାରିପଦା ମ୍ୟୁନିସିପାଲଟି ସହ ପିପିପି ମୋଡରେ ହୋଇଥିବା ଏହି ଅମୃତଧାରାରେ ଯୋଗାଇ ଦେଇଥିବା ସହଯୋଗ ପାଇଁ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି ପୂର୍ବତନ ସଭାପତି ଶ୍ରୀ ନରେଶ ଅଗରୱାଲା । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା, ବିଜେପିର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଜୀବନ ସାହୁ, ଛୋଟେଲାଲ ମହାନ୍ତ, ଜିଲ୍ଲା ସଭାପତି କାନ୍ଧ୍ରା ସୋରେନ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ରାଜଧାନୀରେ ୨୪ ଘଂଟାରେ ୨୧୪ ପଜିଟିଭ୍

ଭୁବନେଶ୍ୱର,୧୨/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୨୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୬୩ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୬୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ ମାମଲା ମଧ୍ୟରୁ ମଂଚେଶ୍ୱରରୁ ସର୍ବାଧିକ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ପଟିଆ ଓ ଶୈଳଶ୍ରୀବିହାରରୁ ୯ ଜଣ ଲେଖାଏଁ ,ଖଣ୍ଡଗିରି ଓ ୟୁନିଟ୍ ୩ରୁ ୮ ଜଣ ଲେଖାଏଁ, ନୟାପଲ୍ଲୀରୁ ୭ ଜଣ , ଭିଏସଏସନଗରରୁ ୬ ଜଣ, ବରମୁଣ୍ଡା ଓ ନିଳାଦ୍ରୀବିହାରରୁ ୫ ଜଣ ଲେଖାଏଁ , ଘାଟିକିଆ, ଆଇଆରସି ଭିଲେଜ, ଜୟଦେବ ବିହାର, ଚନ୍ଦ୍ରଶେଖରପୁର , ଓଲ୍ଡ ଟାଉନ୍ , କଳିଙ୍ଗବିହାର, ଡମଣା ଓ ପାତ୍ରପଡା ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୯୪୫୪ କୁ ବୃଦ୍ଧି ପାଇଛି।

## ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ମେଳନ-

# ସଂସ୍କୃତ ହିଁ ବିଶ୍ୱର ଆଦିଭାଷା : ସାମାଜିକ ପରମ୍ପରା ରକ୍ଷାର ମୂଳ ଉତ୍ସ

ଜଳେଶ୍ୱର ୧୨/୯(ନି.ପ୍ର) : ଚଳିତବର୍ଷ ଜଳେଶ୍ୱର ବ୍ଲକର ଶାଳିକୋଠାସ୍ଥିତ ୧୧୨ବର୍ଷର ଅନୁଷ୍ଠାନ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ସମ୍ମେଳନ (ସଂଗୋଷ୍ଠି) ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତ ହିଁ ବିଶ୍ୱର ଆଦିଭାଷା ହୋଇଥିବାର ବେଳେ ଏବେ ଭାରତରେ ସଂସ୍କୃତ ଭାଷାର ଆଦର କମୁଛି ଏପରିକି ସଂସ୍କୃତ ଭାଷାପ୍ରତି ଉଦାସୀନତା ଦେଖା ଦେଉଛି ବୋଲି ଆଜିର ସମ୍ମେଳନରେ ମତପ୍ରକାଶ ପାଇଛି । ସୃଷ୍ଟିର ଆରମ୍ଭରେ ବେଦର ପ୍ରଚଳନ ଥିବା ବେଳେ ତାହା କେବଳ ସଂସ୍କୃତ ଭାଷାରେ ଲେଖା ଯାଇଥିଲା । ତେଣୁ ସଂସ୍କୃତକୁ ସବୁଭାଷାର ମା ବୋଲି କୁହା ଯାଇଥାଏ । ଭାରତୀୟ ସଂସ୍କୃତିରେ ପୂଜ୍ୟପୂଜା ଓ ସଂସ୍କୃତି ରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସଂସ୍କୃତ ଭାଷାର ବିଭାଶ ଘଟିପାରୁନାହିଁ ବୋଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ମିଶ୍ର କହିଛନ୍ତି । ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଅଧ୍ୟକ୍ଷତା କରି ସଂସ୍କୃତ ଓ ସଂସ୍କୃତିକୁ ରକ୍ଷା କରିବାଲାଗି ଆଜି ସମାଜରେ ଆହ୍ୱାନ ସୃଷ୍ଟି ହୋଇଥିବା କହିଥିଲେ । ମୁଖ୍ୟବକ୍ତାଭାବେ ପଣ୍ଡିତ ଶଷ୍ଠୀଚରଣ ନନ୍ଦ ଯୋଗ ଦେଇ ସଂସ୍କୃତ ଭାଷା ଓ ସଂସ୍କୃତି ଯୋଗୁଁ ଦେଶର ସଂଘତି ସ୍ଥାପନ ହୋଇଆସୁଥିବା ବେଳେ ଏବେ ମାତୃଭାଷା ଓ ମାତୃଭୂମୀ ପ୍ରତି ଆଦର କମୁଥିବା କହିଛନ୍ତି । ସଂସ୍କୃତ ଏକ ମୃତଭାଷା ନୁହେଁ ବରଂ ସଂସ୍କୃତଭାଷାରେ ଲିଖିତ ବେଦ ସମଗ୍ର ପୃଥିବୀକୁ ବସୁଦେବ କୁଟୁମ୍ବକମ୍ ଭାବେ ବାନ୍ଧି ରଖିଥିବା କହିଥିଲେ । ଏଥିରେ ଶରତ କୁମାର ପଣ୍ଡା, ମନୋରଂଜନ ଦାସ, ଡ. ଅଜିତ୍ କୁମାର ମହାନ୍ତି, ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଯୋଗ ଦେଇ ଗ୍ରାମ୍ୟ ଜୀବନରେ ବନ୍ଧୁତ୍ୱ ଭାଇଚାରା ସଂସ୍କୃତି ପରମ୍ପରା ରକ୍ଷାରେ ସଂସ୍କୃତ ଭାଷା ଏକ ସେତୁପରି କାର୍ଯ୍ୟ କରିଥାଏ ବୋଲି କହିଥିଲେ । ସଂଜୟ କୁମାର ଦାଶ ମଂଚ ଆହ୍ୱାନ କରିଥିବା ବେଳେ କାର୍ତ୍ତିକେଶ୍ୱର ପାତ୍ର ସୂଚନା ପ୍ରଦାନ କରିଥିଲେ । ମୁଖପତ୍ର ସୁଶ୍ରୀ ଓ ଗିରିଶ କୁମାର ପାଣିଗ୍ରାହୀଙ୍କ ଲିଖିତ ଶିକ୍ଷାପ୍ରଦ ପୁରାଣ କାହାଣୀକୁ ମୁଖ୍ୟଅତିଥି ଲୋକାର୍ପିତ କରିଥିବା ବେଳେ ୫ଜଣ ପଣ୍ଡିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସର୍ବୋଚ୍ଚ ନମ୍ବର ରଖିଥିବା ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ଅଧିନ ବାଗୀଶ୍ୱର ସଂସ୍କୃତ ମହାବିଦ୍ୟାଳର ଛାତ୍ର ଶୁଭଙ୍କର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ଗୁରୁପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏନ ୱାଇ କେ ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ କାର୍ଯ୍ୟକ୍ରମ

କନ୍ଧମାଳ,୧୨/୦୯ (ନି.ପ୍ର): ସ୍ଥାନୀୟ କରୋନେସନ୍ ପଡ଼ିଆ ଠାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲ୍ଲା ସ୍ତରୀୟ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁର ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା କ୍ରିଡ଼ା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼ , ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଦିନବନ୍ଧୁ ମହାନ୍ତି , ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କହଁର , ଜିଲା ଆଥଲେଟିକ୍ ସଂଘର ସଂପାଦକ ଶିବ ପ୍ରସାଦ ତ୍ରିପାଠୀ , ଜିଲା ଆପତକାଳିନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ , ପୌର ପରିଷଦର ନିର୍ବାହୀ ଅଧିକାରୀ ବଳଦେବ ବେହେରା , ସରକାରୀ ଆଇଟିଆଇର ସହ ତାଲିମପ୍ରାପ୍ତ ଅଧିକାରୀ ଅଶୋକ କୁମାର ପାତ୍ର, ନେହେରୁ ଯୁବକେନ୍ଦ୍ରର ଅଧିକାରୀ ନଭଜିତ୍ କୁମାର , ହିସାବରକ୍ଷକ ତାପସ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ରୁପରେଖ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକରୁ ସ୍ୱେଚ୍ଛାସେବୀ ,ଯୁବକ ସଂଘର ସଦସ୍ୟ , ଆଟିଆଇର ଛାତ୍ରଛାତ୍ରୀ , ଟାଇକୋଣ୍ଡାର ତାଲିମ୍ ପ୍ରାପ୍ତ ଛାତ୍ରଛାତ୍ରୀ ଓ ଅନ୍ୟମାନେ ସାମିଲ୍ ହୋଇଥିଲେ । ଏହି ଅବସରରେ ଏକ ମାରାଥନ କରୋନେସନ୍ ପଡ଼ିଆରୁ ବାହାରି ସହର ପରିକ୍ରମା କରିଥିଲେ । ପରେ ଅନୁଷ୍ଠିତ ବୈଠକରେ ଯୁବ କାର୍ଯ୍ୟକ୍ରମ ଉପରେ ଅତିଥିମାନେ ସେମାନଙ୍କ ମତ ପ୍ରକାଶ କରିଥିଲେ । ନେହୁରୁ ଯୁବକେନ୍ଦ୍ରର ସହକାରୀ କର୍ମଚାରୀ ସତ୍ୟବାନ ଦଳବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତାଲିମ୍ ଦାତା ମନୋଜ କୁମାର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିମ୍ବାସୁର ବଧ ନୀତି ସଂପନ୍ନ

ପୁରୀ,୧୨/୦୯ (ନି.ପ୍ର): ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ଷଷ୍ଠୀ ଅବସରରେ ଆଜି ବିମ୍ବାସୁର ବଧ ନୀତି ସଂପନ୍ନ ହୋଇଯାଇଛି । ସନ୍ଧ୍ୟାଧୂପ ପରେ ମଦନମୋହନ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ । ମାର୍କଣ୍ଡେଶ୍ୱରସାହି ଲୋକମାନଙ୍କ ଦ୍ୱାରା ମଦନମୋହନଙ୍କ ସମ୍ମୁଖରେ ବିମ୍ବାସୁର ବଧ ପ୍ରସ୍ତାବ କରାଯାଇଥିଲା । ଶୀତଳ ଭୋଗ ଓ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀ ଘରକୁ ବାହୁଡା ବିଜେ କରିଥିଲେ ।

# ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ପ୍ରଥମ ବାର୍ଷିକ ସ୍ମୃତି ଦିବସ ପାଳିତ



ଉଦଳା,୧୨/୦୯ (ନି.ପ୍ର): ମାସିକ ଶିଶୁ କିଶୋର ପତ୍ରୀକା ' ଆମସୁନା ଚାନ୍ଦ'ର ପ୍ରତିଷ୍ଠାତା ତଥା ରାଜ୍ୟ ସ୍ତରୀୟ ସାରସ୍ୱତ ମଞ୍ଚ 'ବାଣିପୀଠ'ର ଶ୍ରଷ୍ଟା ଉତ୍କଳ ରତ୍ନ ୰ପଣ୍ଡିତ ଲକ୍ଷ୍ମିଧର ରାଉତଙ୍କ ପ୍ରଥମ ବାର୍ଷିକ ସ୍ମୃତି ଦିବସ ବଡ଼ସାହି ପଞ୍ଚାୟତ ସମିତି ଅନ୍ତର୍ଗତ ହଳଦିପଦା ଗ୍ରାମ ଠାରେ ତାଙ୍କର ନିଜ ବାସ ଭବନରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସ ବ୍ୟାପି ଆଲୋଚନା ଚକ୍ର, କବିତାପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଉକ୍ତ ମଞ୍ଚରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାରସ୍ୱତ ସାଧକ ସାଧିକା ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ୰ ରାଉତଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଏହାପରେ ରୁକ୍ମଣି ସାହୁ ଓ ମାଳତି ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କରୁଣାକର ଦାସ, ଶ୍ରୀକାନ୍ତ ପ୍ରସାଦ ବେହେରା, ଶଶିଧର ବିଶ୍ୱାଳ, ପ୍ରଫୁଲ୍ଲ ଖିଲାର, ସତ୍ୟବ୍ରତ ମିଶ୍ର, ପବିତ୍ର ମୋହନ ବେହେରା, ରଙ୍ଗଲତା ବେହେରା, ସୁମତି ମହାନ୍ତ, ସର୍ବେଶ୍ୱର ମହାପାତ୍ର, ପ୍ରମୋଦ କୁମାର ଆଚାର୍ଯ୍ୟ, ଯୋତିନ୍ଦ୍ର ନାଥ ସାହୁ, ସ୍ନେହଲତା ଜେନା ରତିକାନ୍ତ ବେହେରା, ମନୋରଂଜନ ମଲ୍ଲିକ ଇତ୍ୟାଦି ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠୋ କରିଥିଲେ । ଶେଶରେ ସମସ୍ତ ସାରସ୍ୱତ ସାଧିକ ଓ ସାଧିକା ମାନଙ୍କୁ 'ବାଣିପୀଠ' ତରଫରୁ ମାନପତ୍ର , ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । 'ଆମସୁନାଚାନ୍ଦ'ର ସମ୍ପାଦକ ଡ଼. କୁମାର ବାବୁଲି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଚ୍ଚମାଧ୍ୟମିକରେ ଫର୍ମ ଫିଲାପ୍ ହେଲା, ପରୀକ୍ଷା ହେଲାନାହିଁ

ଜଳେଶ୍ୱର ୧୨/୯(ନି.ପ୍ର) : କରୋନା ସଂକ୍ରମଣକୁ ଲକ୍ଷ୍ୟ କରି ସରକାର ଚଳିତବର୍ଷ ଉଚ୍ଚମାଧ୍ୟମିକରେ ପରୀକ୍ଷା କରିନାହାନ୍ତି । କିନ୍ତୁ ଏଥିଲାଗି ଆବଶ୍ୟକ ଫର୍ମଫିଲାପ ହୋଇଥିବା ବେଳେ ପିଲାଙ୍କ ଠାରୁ ପରୀକ୍ଷା ଫିସ୍ ମଧ୍ୟ ଆଦାୟ ହୋଇଛି । ପରୀକ୍ଷା ହୋଇଥିଲେ ପରୀକ୍ଷା ଖାତା ଓ ପ୍ରଶ୍ନପତ୍ର ଛପାଯିବା, ମୂଲ୍ୟାୟନ କରାଯିବା, ପରୀକ୍ଷା ପରିଚାଳନା ଓ ଶେଷରେ ମାର୍କଲିଷ୍ଟ ଛପାଯିବାକୁ ଉଚ୍ଚମାଧ୍ୟମିକ ପରିଷଦ ଖର୍ଚ୍ଚ କରିଥାନ୍ତେ । କିନ୍ତୁ ଏ ସବୁ ଖର୍ଚ୍ଚ ହୋଇନଥିବା ବେଳେ ପରୀକ୍ଷାଫଳ ୧ ମାସ ପୂର୍ବରରୁ ପ୍ରକାଶିତ ହୋଇଛି । ଆଶ୍ଚର୍ଯ୍ୟର ବିଷୟ କୌଣସି ଛାତ୍ରଛାତ୍ରୀ ସେମାନଙ୍କ ପରୀକ୍ଷାର ମାର୍କଲିଷ୍ଟ ପାଇନାହାନ୍ତି । ତେଣୁ ଏଥିଲାଗି ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳର ଛାତ୍ରଛାତ୍ରୀମାନେ ସାଇବର କେପ୍ ଆଗରେ ଲମ୍ବା ଧାଡି ଲଗାଇଛନ୍ତି । ଆସନ୍ତା ସୋମବାର କଟ୍‌ଅଫ ମାର୍କ ଅନୁଯାୟୀ +୩ରେ ଭର୍ତ୍ତି ହେବାକା ଥିବା ବେଳେ ଖରାବର୍ଷାରେ ନୟାନ୍ତ ହେଉଛନ୍ତି । କାଉନ୍‌ସିଲ ଅତିଶୀଘ୍ର ସମସ୍ତ ପିଲାଙ୍କୁ ମାର୍କସିଟ ଦେବାକୁ ଦାବି ହୋଇଛି ।

# ପାରାଦୀପ ବନ୍ଦରରେ ଏମ୍‌ଏକ୍ସସିଏସ୍ କାର୍ଯ୍ୟକ୍ଷମ




ପାରାଦୀପ,୧୨/୦୯ (ନି.ପ୍ର): ପାରାଦୀପ ବନ୍ଦରରେ କଣ୍ଟେନର୍ ପଣ୍ୟ କାରବାର ରେ ସରଳୀକରଣ ନିମନ୍ତେ ମୋବାଇଲ୍ ଏକ୍ସରେ କଣ୍ଟେନର୍ ସ୍କାନିଙ୍ଗ ସିଷ୍ଟମ୍ (ଏମ୍‌ଏକ୍ସସିଏସ୍) ର ଆବଶ୍ୟକତା ପଡୁଥିଲା । ଏହି ଏମ୍‌ଏକ୍ସସିଏସ୍ ପାରାଦୀପ ବନ୍ଦର ଦ୍ୱାରା ପାରାଦୀପ ବନ୍ଦର ର ଗେଟ୍ ନମ୍ବର ୫ ନିକଟରେ ଥିବା ପିଆଇସିଟି ବର୍ଥ ରେ ସ୍ଥାପନ କରାଯାଇଛି । ଏଥି ନିମନ୍ତେ ପାରାଦୀପ ବନ୍ଦର ୩୦କୋଟି ଟଙ୍କା ବ୍ୟୟ କରିଛି । ଏହି ପଦ୍ଧତି ର ସଫଳ ପରୀକ୍ଷଣ ପରେ ଅଟୋମେଟିକ୍ ଏନରଜି ରେଗୁଲେଟୋରୀ ବୋର୍ଡ (ଏଇଆରବି) ପାରାଦୀପ ବନ୍ଦର କୁ ଗତ ଅଗଷ୍ଟ ୨୭ ତାରିଖ ଦିନ ଲାଇସେନ୍ସ ପ୍ରଦାନ କରିଛି । ପାରାଦୀପ କଷ୍ଟମ ବିଭାଗ ଏହା କୁ ନିୟମିତ ଭାବେ ପରିଚାଳନା କରିବ । ଘଣ୍ଟା କୁ ୨୫ ଟି କଣ୍ଟେନର୍ ଏହା ଦ୍ୱାରା ସ୍କାନ୍ କରାଯାଇ ପାରିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାର ରୁ ଜଣାପଡିଛି । ଏହି ପଦ୍ଧତି ଲାଗୁ ହେବା ପରେ କଣ୍ଟେନର୍ ସେବା ଯୋଗାଇବାରେ ଅନ୍ୟ ବନ୍ଦର ସହିତ ସମକକ୍ଷ ହୋଇପାରିଛି ପାରାଦୀପ ବନ୍ଦର । ଏହା ଦ୍ୱାରା ପଣ୍ୟ ଆମଦାନୀ ଓ ରପ୍ତାନୀ କ୍ଷେତ୍ର ରେ ଆଉ ଏକ ସଫଳ ପଦକ୍ଷେପ ବୋଲି ସୂଚନା ମିଳିଛି । ପାରାଦୀପ ବନ୍ଦର ଦେଇ କଣ୍ଟେନର ସେବା ପାଇଁ ଆଗ୍ରହୀ ଶିଳ୍ପସଂସ୍ଥା ମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ । ବଡ ବଡ ଶିଳ୍ପ ସଂସ୍ଥା ମାନେ ସ୍ୱଳ୍ପ ଖର୍ଚ୍ଚ ରେ ଏହି ସେବା ପାଇ ପାରିବେ । ଆର୍‌ସିଏଲ୍.ଜିମ୍,ଇଣ୍ଟରନ୍ୟାସନାଲ୍ ସିପିଙ୍ଗ ଲାଇନ୍ ଓ ଶ୍ରେୟାସ୍ ସିପିଙ୍ଗ ପରି ସଂସ୍ଥାମାନେ ଏହି ସେବା ପାଇବା ପାଇଁ ବନ୍ଦର କୁ ନିବେଦନ କରିଥିଲେ । ଏହି ଉନ୍ନତ ମାନର ସେବା ଲାଗୁ ହେବା ଦ୍ୱାରା ଆଗ୍ରହୀ ସଂସ୍ଥାମାନେ ସୁଲଭ ମୂଲ୍ୟ ରେ ଏହି ସେବା ପାଇପାରିବେ ବୋଲି ବନ୍ଦର ସୂତ୍ର ରୁ ଜଣା ପଡିଛି ।

# ସମସ୍ତ ଯୋଜନାର ହେବ ସୋସିଆଲ୍ ଅଡିଟ

## ବ୍ଲକ ସ୍ତର ରେ ଭି.ଅର.ପି. ମାନଙ୍କୁ ଦିଆଯାଉଛି ସ୍ୱତନ୍ତ୍ର ପ୍ରଶିକ୍ଷଣ



ବାରିପଦା,୧୨/୦୯ (ନି.ପ୍ର): ସରକାର କରିଥିବା ଖାଦ୍ୟ ସୁରକ୍ଷା ଯୋଜନାକୁ କିଭଳି ଦୁର୍ନିତି ମୁକ୍ତ କରିହେବ ସେ ନେଇ ଚାଲିଛି ଜୋରଦାର ପ୍ରସ୍ତୁତି । ଏଥିପାଇଁ ବିଭିନ୍ନ ବ୍ଲକ ମାନଙ୍କର ଗ୍ରାମ୍ୟ ମାନବ ସମ୍ବଳ ବ୍ୟକ୍ତି (ଭି.ଅର.ପି.) ମାନଙ୍କୁ ଦିଆଯାଉଛି ସ୍ୱତନ୍ତ୍ର ପ୍ରଶିକ୍ଷଣ । କିଭଳି ଉପଯୁକ୍ତ ହିତାଧିକାରୀ ମାନେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ହୋଇ ପାରିବେ ସେ ନେଇ ଚିନ୍ତା ପ୍ରକାଶ କରି ଗତ ଅଗଷ୍ଟ ୨୪ ତାରିଖରେ ହାଇକୋର୍ଟ ର ମୁଖ୍ୟ ବିଚାରପତି ଡ.ଏସ. ମୂରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି । ଆଉ ଏଥି ପାଇଁ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଭିଜିଲାନ୍ସ କମିଟିରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ଆଦେଶ ମଧ ଦେଇଛନ୍ତି । ସୂଚନା ମୁତାବକ ଗାଁ କୁ ଗାଁ ବୁଲି ଲୋକଙ୍କ ପାଖରେ ପହଞ୍ଚି ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (ଭି.ଆର.ପି.) ମାନେ ତୃଣମୂଳ ସ୍ତରରୁ ସରକାରଙ୍କ ଯୋଜନାର କଣ ରହିଛି ବାସ୍ତବତା ତାର ରିପୋର୍ଟ ଗ୍ରାମସଭାରେ ଉପସ୍ଥାପନ କରି ପରବର୍ତ୍ତୀ ସମୟରେ ଏସବୁର ତଥ୍ୟ ରାଜ୍ୟ ସରକାର ଖାଉଟି କମିସନଙ୍କ ୱେବସାଇଟରେ ବ୍ଲକ କିମ୍ବା ଜିଲ୍ଲା ସାମାଜିକ ସମୀକ୍ଷକଙ୍କ ଦ୍ୱାରା ଅପଲୋଡ କରାଯିବ । ତେବେ ଏହାର ସଫଳ ରୂପାୟନ ହେବା ପରେ ମହିଳା, ଶିଶୁଙ୍କ ସମେତ ଆର୍ଥିକ ଦୁର୍ବଳ ବର୍ଗ ପାଇଁ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସଂପର୍କିତ ବିଭିନ୍ନ ଯୋଜନାର ଯେପରି ବାଟମାରଣା ନହୁଏ ସେଥିପାଇଁ ମଧ ସାମାଜିକ ସମୀକ୍ଷା କରାଯିବ । ଏଥି ସହିତ ଗରିବଙ୍କ ପାଇଁ ଖାଦ୍ୟ ସୁରକ୍ଷା ଯୋଜନା, ଗର୍ଭବତୀ ମହିଳାଙ୍କ ପାଇଁ ମମତା ଯୋଜନା ଏବଂ ସ୍କୁଲ୍ ଓ ଅଙ୍ଗନବାଡ଼ି ପିଲାଙ୍କ ପାଇଁ ମଧାହ୍ନ ଭୋଜନ ଯୋଜନାର ସଠିକ କାର୍ଯ୍ୟକାରିତା ଉପରେ ଦେବେ ରିପୋର୍ଟ । ଆଉ ଏଥିପାଇଁ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉ ଥିବାର ଜଣା ଯାଇଛି । ଏହି ପ୍ରକ୍ରିୟ ?ାରେ ସମସ୍ତ ଅଭିଯୋଗ ଗ୍ରହଣ କରିବା ପାଇଁ ଏକ ଟୋଲ ଫ୍ରି ନମ୍ବର ମଧ ଜାରି କରାଯିବ ଏବଂ ସମସ୍ତ ଯୋଜନାର ସୋସିଆଲ୍ ଅଡିଟ ହେବ । ସେଥିପାଇଁ ନଭେମ୍ବର ୧ ପୂର୍ବରୁ ଜିଲ୍ଲାସ୍ତରୀୟ ଭିଜିଲାନ୍ସ କମିଟି ଗଠନ ଶେଷ କରିବ ଜିଲ୍ଲା ପ୍ରଶାସନ । ସେପ୍ଟେମ୍ବର ପହିଲା ପୂର୍ବରୁ ଏହି ଟୋଲ ଫ୍ରି ନମ୍ବର ସଂକ୍ରାନ୍ତରେ ରାଜ୍ୟ ଖାଉଟି କମିସନ ତାଙ୍କ ୱେବସାଇଟ୍ କରିଆରେ ଜଣାଇବାକୁ ହାଇକୋର୍ଟ ଖଣ୍ଡପୀଠ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେଥିପାଇଁ ଏବେ ଜିଲ୍ଲ ଏବଂ ବ୍ଲକ ସାମାଜିକ ସମୀକ୍ଷକ ମାନେ ପଞ୍ଚାୟତ ସ୍ତରରେ ସମସ୍ତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (ଭି.ଆର.ପି.) ମାନଙ୍କୁ ବିଭିନ୍ନ ବ୍ଲକ ସ୍ତରରେ ପ୍ରଶିକ୍ଷଣ ଦେଉଛନ୍ତି ବୋଲି ଜଣା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo